ମାନସିଂହ-ଚୟନ

ମାନସିଂହ-ଚୟନ

ପ୍ରଥମ ଖଣ୍ଡ

ଡକ୍ଟର ମାୟାଧର ମାନସିଂହ

ତୃତୀୟ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ପ୍ରାଃ ଲିଃ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବ୍ରହ୍ମପୁର, ଗଞ୍ଜାମ

୧୯୭୩

[redacted]

Rs 10P00

—ଚୟନ ସମ୍ବନ୍ଧେ—

ଡକ୍ଟର ମାନସିଂହଙ୍କ କବିତାଗୁଡ଼ିକ ପାଠକମାନଙ୍କ ମଧ୍ୟରେ ସୁପରିଚିତ । ସେଗୁଡ଼ିକ ବିଭିନ୍ନ ସମୟରେ ବିଭିନ୍ନ ପୁସ୍ତିକାରେ ପ୍ରକାଶିତ ହୋଇଥିଲା । ତନ୍ମଧ୍ୟରୁ କେବଳ ଜନପ୍ରିୟ କବିତାଗୁଡ଼ିକ ସଂଗୃହୀତ ହୋଇ ରଚନାର କାଳକ୍ରମ ଅନୁଯାୟୀ ଏଥିରେ ପ୍ରକାଶ କରାଯାଇଛି । କେତେକ କବିତାରେ ସାମାନ୍ୟ ପରିମାର୍ଜନା ମଧ୍ୟ ହୋଇଛି ।

ଏ ଖଣ୍ଡରେ କେବଳ କବିଙ୍କ ସ୍କୁଲ ଓ କଲେଜ ଜୀବନର କବିତାଗୁଡ଼ିକ ସ୍ଥାନ ପାଇଅଛି । ପରବର୍ତ୍ତୀ ଦୁଇ ଖଣ୍ଡରେ ଅନ୍ୟ ସମସ୍ତ କବିତା ପ୍ରକାଶ କରିବାପାଇଁ ସ୍ଥିର କରିଅଛୁଁ ।

—ପ୍ରକାଶକ



—କଲେଜ ଜୀବନ—

ଶ୍ରୀ ରତ୍ନାକର ଷଡ଼ଙ୍ଗୀ, ଶ୍ରୀ ମାୟାଧର ମାନସିଂହ,
୰ ଭଗବତୀଚରଣ ପାଣିଗ୍ରାହୀ

ସୂଚୀ

ଖୋର୍ଦ୍ଧା ଓ ରେଭେନ୍ସା କଲେଜରେ ଛାତ୍ରଜୀବନ

ବିଷୟ	ପୃଷ୍ଠା
୧ । କୋଣାର୍କ	୧
୨ । ବାରବାଟୀ	୭
୩ । କୁଣ୍ଠା ଗଧା	୧୧
୪ । ବଂଶୀ ଡାକ	୧୪
୫ । ଅନୂଢା	୧୭
୬ । ରେଙ୍ଗୁନ ଚିଠି	୨୦
୭ । ମହାନଦୀରେ ଜ୍ୟୋତ୍ସ୍ନା ବିହାର	୨୭
୮ । ଇରମା-କଶୋରୀ	୩୪
୯ । ହଂସ ହତ୍ୟା	୩୯
୧୦ । ତରୁଣ କବିର ଆଶା	୪୨
୧୧ । ପ୍ରଣୟୀ	୪୭
୧୨ । ଦକ୍ଷିଣା ପ୍ରତି	୫୧
୧୩ । ପଲ୍ଲୀପ୍ରିୟା	୫୫
୧୪ । ନିଦ୍ରିତ ଭଗବାନ	୫୯
୧୫ । ବିଜନ ବେଳା	୬୪
୧୬ । ଗୋପପ୍ରୟାଣ	୭୦
୧୭ । ଅପ୍ରତ୍ୟୟ	୭୯
୧୮ । ଆଷାଢ଼ ଅଭିସାର	୮୨
୧୯ । ଦେଖା ହେଲା କାହିଁ	୮୭
୨୦ । ପ୍ରଣୟ ସାଧନା	୯୦
୨୧ । ପ୍ରିୟାର ସାଧନା	୯୧

ବିଷୟ		ପୃଷ୍ଠା
୨୨ । ବନ୍ଧମା ପ୍ରିୟା		୯୫
୨୩ । ଏଇ ସହକାର ତଳେ		୯୯
୨୪ । ରସସ୍ଥଳୀ		୧୦୪
୨୫ । ମିଳନ ପଥ		୧୦୮
୨୬ । ଜଣେ ମତେ ଭଲ ପାଏ		୧୧୦
୨୭ । ବିରହ		୧୧୨
୨୮ । ବିରହୀ		୧୧୪
୨୯ । ପାପ ଓ ପ୍ରେମ		୧୧୬
୩୦ । ପ୍ରେମ ଓ ମୃତ୍ୟୁ		୧୨୦
୩୧ । ଦୂରେ ରହ	...	୧୨୧

କଟକ ଓ ପାଟନାରେ ପୋଷ୍ଟ ଗ୍ରାଜୁଏଟ୍ ଜୀବନ

୩୨ । ଶୁଭ ଦୃଷ୍ଟି	...	୧୨୩
୩୩ । ରୂପଦେବତା		୧୫୪
୩୪ । ବସନ୍ତୋତ୍ସବ		୧୫୯
୩୫ । ଘନ ଶବଗ୍ର		୧୬୧
୩୬ । ବାପୁଜୀ		୧୬୨
୩୭ । ଗାନ୍ଧିଜୀ		୧୬୭
୩୮ । ପଲ୍ଲୀ ସନ୍ଧ୍ୟା		୧୭୦
୩୯ । ବର୍ଷା ସନ୍ଧ୍ୟା		୧୭୫
୪୦ । କଣ୍ଢ କାଚ		୧୮୦
୪୧ । ନାପିତୁଣୀର ଗାନ୍ଧିପୂଜା		୧୮୭
୪୨ । ମାଲୁଣୀ		୧୯୧

କୋଣାର୍କ

—୧—

ହେ କୋଣାର୍କ ବିଗତ-ଯୌବନା
ମୌନ-ଦୁଃଖେ ସୈକତ-ଶୟନା !

ତୋର ଏହି ଜୀର୍ଣ୍ଣ ଦେହେ ଅଦ୍ୟାପି ଗୋ ବିମୁଗ୍ଧ ନୟନେ
ଚହେଁ ବିଶ୍ୱ, କରୁଣାରେ ତେଜ ଅଶ୍ରୁ ତୋ ଦୁଃଖ-ଶୟନେ ।
ଜଗତର ଶିଳ୍ପୀ-କବି ରୂପ-ସ୍ୱାଗ ଦେଖି ତୋହଠାରେ
ଆଶ୍ଳେଷ ଇଚ୍ଛଇ ତୋର ବୃଦ୍ଧ ଦେହେ, ଶୋଣ୍ଡି ପିପାସାରେ ।
ଅଙ୍ଗେ ଅଙ୍ଗେ ଚୁମ୍ବିବାକୁ ନିରବଧି କରଇ ଭାବନା
ତୋହରେ ଗୋ ଗତ-ଯଉବନା !

—୨—

ଅନାଦରେ ହେ ବେଳା-ଶୋଭନେ,
ଯେବେ ତୁମ୍ଭେ ଉଠିଲ ଗଗନେ
ଦେବଗଣ ସହସା ନଗ-ମାଳ-ବେଣୀ ସ୍ୱର୍ଣ୍ଣ-ସଇକତ
କ୍ଷୀରୋଦ ପ୍ରଶାନ୍ତ ଗର୍ଭୁଁ ବସ୍ତୁରମା ବକ୍ଷୁ-ପର୍ଯ୍ୟାବୃତ
ଅତର୍କିତେ ଫିଟିଥିବ ଏ ଦେଶର ଅପୂର୍ବ ଲୋଚନ
କୋଟି ହସ୍ତ ବନ୍ଧ ହୋଇ କରିଥିବ ତୁମ୍ଭର ବନ୍ଦନ—
"ନମୁ ସ୍ୱର୍ଗନିବାସିନୀ ଅବତୀର୍ଣ୍ଣା ମର୍ତ୍ତ୍ୟ ବିଭୂଷଣେ
ଲୁପ୍ତ ବଂଶେ, ଶୋଭା ଉତ୍କଳଣେ !"

—୩—

ବାଉଣତ କବି କଳ୍ପନାରେ
ଜଗତର ବୁଦ୍ଧି ଅଜଣାରେ
ଅଜ୍ଞାତ ରହସ୍ୟମୟ ଶଇଶବ ଯାପିତ ତୋହର ।
ଯେ ଦିନ ଚକିତ ଦୃଷ୍ଟି ବିଶ୍ୱର ଗୋ ପଡ଼ିଲା ତୋ' ପର
ଯୌବନ-ଲାବଣ୍ୟ-ଲୀଳା ଖେଳୁଅଛୁ ଅଙ୍ଗେ ଅଙ୍ଗେ ତବ
ଫୁଟି ଉଠେ ଦେହେ ଦେହେ ସୁଲଳିତ ଅଙ୍ଗ-ସଉଷ୍ଠବ
ମନ୍ତ୍ର ଶିଖି ଆସିଥିଲ ମନ-ଜୟେ ମନର ସେ ପାରେ
ବାଉଣତ କବି କଳ୍ପନାରେ ।

— ୪ —

ସହସା ହୋଇଲା ଉନ୍ମନ
ନଭେ ନଭେ ହୋଇଲା ବିଲୀନ
ଅଗଣିତ ତାରକାର ଦିବ୍ୟ ଜ୍ୟୋତି ରଜତଧବଳ,
ଲକ୍ଷେ ଲକ୍ଷେ ବ୍ୟୋମପଟେ ଲୁଟିଗଲେ ଶୀତାଂଶୁ ଶୀତଳ,
ଦୂର ନଗମାଳା ହେଲେ ଭକ୍ତି-ଭୟେ ଚକିତ-ପୁଲକ
ପଦ-ଚୁମ୍ବୀ ମହାସିନ୍ଧୁ ଗାଏ ସ୍ତବ, ଲହରୀ-ଅଳକ—
"ହେ ସ୍ଥିରୁଭୈରବକୀର୍ତ୍ତି ମନୁଷ୍ୟର, ମନ୍ତ୍ର ମୋ ପୂଜନ
ଧନ୍ୟ ହୁଏଁ ତୋହରେ ସେବଣ ।"

— ୫ —

ପୌର୍ଣ୍ଣମାସୀ ଶୁଭ୍ର ହାସ୍ୟତଳେ
ଧବଳିତ ସମୁଦ୍ର-ଲହରେ
ତାଳେ ତାଳେ ନୃତ୍ୟେ ମାତି ଜଳଦେବୀ ଗାଇଲେ ତୋ' କଥା
ଓଷଧୀଶ ଜ୍ୟୋତ୍ସ୍ନାପୁରେ ସିକ୍ତ କଲେ ତୋ' ଚରଣ ମଥା,
ତୋର ମୌନ କଟାକ୍ଷରେ ବ୍ୟୋମବକ୍ଷ ମାର୍ଗେ ହୋଇ ମୂର୍ତ୍ତ
ଅବତରି, କଣ୍ଠେ କଣ୍ଠେ କହିଗଲେ ବାରତା ଜଗତ୍ ।
ଅପ୍ସରୀ ବନ୍ଦଲେ ତୋତେ ସ୍ୱର୍ଗୁଁ ଆସି କୌମୁଦୀକଲ୍ଲୋଳେ
ପାରିଜାତ ପୁଷ୍ପ ଉପହାରେ ।

—୬—

ଜୀବନର ଯେତେ ଲୀଳା ଖେଳା
ଅଙ୍ଗେ ଭୁଞ୍ଜି ଧରିଲୁ ଛବିଳା,
ଶିଖିଲ ତୋହଠୁଁ ରାଜା ଶତ୍ରୁ ମୁଖେ ଯୁଦ୍ଧ ଅଭିଯାନ
ପାତ୍ର ମନ୍ତ୍ରୀ ରାଜା ପାଶେ କରିବାର ଯୁକ୍ତ ମନ୍ତ୍ରଦାନ ।
ପ୍ରେମିକ ପ୍ରେମିକା ଆସି ତୋହଠାରୁ ଶିଖିଲେ ଆଶ୍ଳେଷ
ବୀର ପୁଣି ଯୁଦ୍ଧଭୂମେ ଅରି ସହ କୌଶଳ ବିଶେଷ,
ବେତହସ୍ତ ଅବଧାନ ଚଟଶାଳେ ଶାସିବାର ପିଲ
ହେ ପାଷାଣି ! ତୋଠାରୁ ଶିଖିଲ୍ ।

—୭—

ବିଶ୍ୱେ ଯେତେ ବିକାଶ ରୂପର
ଯେତେ ରୂପ-ବିଳାସ ଚିତ୍ତର
ପ୍ରକୃତିର ଅଙ୍ଗେ ଅଙ୍ଗେ ସୁଷମାର ଯେତେକ ପ୍ରକଟ
ମାନବର ମନେ ମନେ ସୁଷମାର ଯେତେକ ସଙ୍ଘଟ
ତୋଠହିଁ ପାଷାଣ କବି, ଅତି ସ୍ନେହେ ନିବେଦିଲେ ବସି
ଅନନ୍ତ କବିତାଧାର ନିକ୍ଷିଲେ ସେ ତୋ ଦେହ ପରଶି ।
ପ୍ରସ୍ତରେ ପ୍ରସ୍ତରେ ତୋର ସୁନିହିତ କବିତା-ସମ୍ଭାର
ହେ ପାଷାଣ-କବିତା-ଝଂକାର !

—୮—

ସଉଧ କୁଟୀର ଶତ ଶତ
ଉପଦ୍ୱାର ପୁଷ୍ପଦ୍ୱାର ଯତ
ତୋତେ ଘେରି ତୁଙ୍ଗ ଶିର ସର୍ବେ ଗର୍ବେ ଟେକିଲେ କ୍ଷଣକେ
ବିଶାଳ ନଗରୀ, ସିଂଧୁ-ଭାଲଟୀକା ହସିଲା ପୁଲକେ ।
ଦିଗ୍‌ବିଦିଗୁଁ ସିଂଧୁ ଡେଇଁ ଭକ୍ତି ଭରେ ନୁଆଁଇଣ ପାଲ
ଆସିଲେ ବନ୍ହିସପନ୍ତ ପୂଜି ତୋତେ ଜଡ଼ାଇ ଟଗ୍ରାଳ ।
ଅମୀତ ମାଣିକ୍ୟ ରତ୍ନେ ତୋର ଅଙ୍ଗ ହେଲା ଆଲୋକିତ,
କିହ ତୋର ଜ୍ୟୋତିରେ ଚକିତ ।

—୯—

ରାଜା ତେଜ ପ୍ରସାଦ-ବିଭବ
ତୃପ୍ତି ତଲ୍ପ ସୁଖ-ଅନୁଭବ,
ଜାନୁ ପାତି ତୋର ମୁଖେ ଚାହିଁ ଚାହିଁ କଟାଇଲେ ଦିନ,
ସନ୍ୟାସୀ ତୋ ପଦତଳେ ତପ କରି ତନୁ କଲେ କ୍ଷୀଣ,
ଦେଖୁ ଦେଖୁ ସମାଗତା ନାରୀ ପଦ-କିଙ୍କିଣୀ-କଂପନେ
କଣ୍ଠେ ମୁଖରିତ ଧ୍ୱନେ ବକ୍ଷ ତୋର, ଲାକ୍ଷାରସ ବର୍ଣ୍ଣେ
ରଂଜିଲେ ମଧୁରେ କରି ଭୂମି ତୋର ଶୋଭାର ଉତ୍ସବ
ଲଜ୍ଜାଦେଇ ପୁଷ୍ପ ବଇଭବ ।

— ୧୦ —

ନଷ୍ଟ ହେଲା କାନ୍ତି-କୀଟକାଳ
କ୍ରମେ ହେଲା ପ୍ରକୃତି କରାଳ,

ଗନ୍ଧର୍ବ-ଅପସ୍ପର୍ଶେ ଭୁଲାଇଲେ ନୟନ ରକ୍ତିମ
ସୁକୋମଳ ଗ୍ରୀବା ତୋର ଶସ୍ତ୍ର ଭୟେ ହୋଇଲା ବଙ୍କିମ ।
ଯାଦୁକରୀ ହାସ୍ୟ ତୋର ସେ ନିଷ୍ଠୁରେ କରୁଣାର କଣ
ନ ପାରିଲା ଜପୁଜାଇ; ଚୂର୍ଣ୍ଣ କଲେ କ୍ରୂର-ପ୍ରହରଣ ।
ବନ୍ଧୁ ଦେଖେ ଆଜ ମାତ୍ର ସେ ଶୋଭାର ଖଣ୍ଡିତ କଂକାଳ
ଲାବଣ୍ୟର ନଷ୍ଟ ଅସ୍ଥିମାଳ ।

— ୧୧ —

ତେବେ ହେଁ ସେ ଅସ୍ଥି ଭେଦି ଆଜ
ତରୁଣର ଜ୍ୟୋତି ପଡ଼େ ଭାଜ,
ପକ୍ୱକେଶେ ଜୀର୍ଣ୍ଣବେଶେ ତେବେ ହେଁ ଗୋ ଯୌବନର ବନ୍ଧ
ଫୁଟିଉଠେ, ସାୟନ୍ତନ ଘନ ପରେ ଅସ୍ତରାଗ ଜବା ।
ବିମୁଗ୍ଧ ସଂସାର ତୋର ପାଦତଳେ ଅଦ୍ୟାପି ସୁନ୍ଦରୀ ।
ସମ ଦୁଃଖେ କାନ୍ଦଥାଏ, ବ୍ୟାକୁଳିତ, ଆପଣାର ପରି ।
ଆୟୁଷ-କଲ୍ୟାଣ ପାଇଁ ଲଭେ ବନ୍ଧୁ ସୁଆଶିଷରାଜି
ତେବେ ହେଁ ତୋ’ ଅସ୍ଥିରାଜ ।

— — —

ବାରବାଟୀ

ମୋ ଜନନୀ ଉତ୍କଳର ଇତିହାସ-ଶିରେ
ରାଜଟୀକା ସମ,
ହେ ଦୁର୍ଗପରମ,
ତୁମେ ତୁଙ୍ଗ ବାରବାଟୀ ବୀର-ରକ୍ତ-ମାଂସରେ ଗଠିତ
ଅତୀତର ବକ୍ଷ ପରେ
ଏ ଜାତିର ଜୟସ୍ତମ୍ଭ ପରି
ଦର୍ପଦୃପ୍ତ ସ୍କନ୍ଧ ଉଚ୍ଚେ ଧରି
ଆଣିଛ ବୁହାଇ ମୌନେ ନିଜ ଦେହେ ନଜର ଅକ୍ଷତ । ୧ ।

ଯାଉଛି ବିଶାଳ ରାଜ୍ୟ, ମାନ, ସ୍ୱାଧୀନତା—
ରାଜନ୍ୟ ସମ୍ମାନ
ବୁଦ୍ ବୁଦ ସମାନ
ସର୍ବଗ୍ରାସୀ ମହାକାଳ-ଲହରୀରେ ଭାସି;
ତୁମର ସ୍ମୃତିଟି ମାତ୍ର
ଏ ଜାତିର ଅନ୍ତର ଅନ୍ତରେ
ଏ ଦେଶରେ କୋଟିଏ କଣ୍ଠରେ
ରାହୁମୁକ୍ତ ଶଶୀ ସମ କାଳଗର୍ଭୁଁ ଉଠଇ ପ୍ରକାଶି । ୨ ।

କେତେ ରାଜ୍ୟ କେତେ ଜାତି ଅତୀତ-ଗରଭେ
ଭଜିଲେ ଶୂନ୍ୟତା !
ଉଦାର ଭାରତା,
କେବେ କାନ୍ତୁ ଲୁଣ୍ଠିବ କି?—ଦୃପ୍ତ କାଳ ତାହା ନ ପାରୁଛି ।
ପର ଲାଗି କାନ୍ଦୁଛି ଯେ
କ୍ଷଣେ ହେଲେ ହୃଦୟ ଆକୁଳେ,
ସମୟ-ସମୁଦ୍ର କୂଳେ କୂଳେ
ତାର ନାମେ ସ୍ମୃତି ପାଇଁ ସମାରୋହ ଦେଉଳ ଉଠିଛି । ୩ ।
ପ୍ରସ୍ତର ମୃତ୍ତିକା ସିନା ପଡ଼ୁଅଛି ଖସି,
ଭାଙ୍ଗିଛି ଜଘନ;
ବୀରେନ୍ଦ୍ର ଭୂଷଣ,
ରନ୍ଧ୍ରେ ରନ୍ଧ୍ରେ ଭାରତର ବରିଷ୍ଠତା ଉଠଇ ଯା ଫୁଟି
ନ୍ୟାୟ ପାଇଁ ସତ୍ୟ ପାଇଁ
ହୃଦୟର ଉଷ୍ମ ରକ୍ତ ଦାନ,
ପର ପାଇଁ ଢାଳିବାର ପ୍ରାଣ,
କାହା କର ବଳୀୟାନ ଏ ସ୍ମୃତିକୁ ଦେନସିବ ଲୁଟି ? । ୪ ।
କେତେ ଶତାବ୍ଦୀର ମହାଗୌରବ, କପାଳେ
ଭାରବେ ନବେଶି
ହେ ଅମ୍ବରକେଶି !
ଆଜ ଏଠି ପଡ଼ୁଅଛ ଅଚେତନ ପ୍ରାଣହୀନ ସମ
ବଜ୍ରକୀର୍ତ୍ତି-ସମ ପାଶେ,
ଦୁଃଖେ ହୁଏ ଆଜ, କୀର୍ତ୍ତିମାନ,
ନାହିଁ ତବ ଗରିମାର ସ୍ଥାନ !
ତବ ଅବସାନ ସହ ଆସିଅଛି ଜାତିର ସରମ । ୫ ।

ସେ ଦିନ ସେ ସୌଭାଗ୍ୟର ମୁଖର ମଧ୍ୟାହ୍ନେ
କେତେ ବୈତାଳିକ
ଅଦମ୍ୟ ନିର୍ଭୀକ
ତୁମରି ଚରଣତଳେ ଗାଇଥିବେ ବନ୍ଦନାର ଗାନ,
କେତେ ଲକ୍ଷ ରାଜମଥା—
ଫୁଲ୍ଲ-ପୁଷ୍ପଜନିତ-ବାସନା –
ଧେନ ହେଉଥିବ ଆରାଧନା,
ପଦପ୍ରାନ୍ତେ ଗଡୁଥିବ କୋଟି କୋଟି ଲୋକର ସମ୍ମାନ ! ୬ ।
ତୁମର କଟାକ୍ଷଘାତେ କୃଷକବାହିନୀ
ଢାଲ ତରବାରି
ଧରିଣ ବାହାରି
କେତେ ରାଜଅଧିରାଜେ ଅନାୟାସେ ନୁଆଁଇଲେ ତଳେ;
କେତେ ଶତ ସିନ୍ଧୁପାରି
ବାରିଧିର ମହାବକ୍ଷ ଖୋଜି
ମହାମୂଲ୍ୟ ମଣିମୁକ୍ତାରାଜି
ପ୍ରାଣର ଈପ୍‌ସିତ ସମ ଲମ୍ବାଇଲେ ପୂଜ୍ୟ ! ତବ ଗଳେ । ୭ ।
ଉତ୍ତୁଙ୍ଗ ବକ୍ଷରେ ତବ, ପୁଣି ଥିଲ ଧରି
ଆମ୍ଭ ତୁଙ୍ଗତର
ଉଦାର ଅମର,
ଦୁର୍ବଳର ରକ୍ଷା ପାଇଁ ଅରିଅସ୍ତ୍ରେ ଦେଲେ ଯେ ଶୋଣିତ;
ନିଜ ଦେଶ ନିଜ ଧର୍ମ
ନିଜ ମାତା ଭଗିନୀର ମାନ
ରଖିବାକୁ କଲେ ଅଭିଯାନ
ଶତ୍ରୁର କମାଣମୁଖେ ହସି ଗାଇ ମରଣ-ସଙ୍ଗୀତ । ୮ ।

ବିଜୟ ଉତ୍ସବବେଳେ ନାରୀ ମନସ୍ୱିନୀ
ନୂପୁର କଙ୍କଣେ,
ହୁଳହୁଳି ସ୍ୱନେ;
ବନ୍ଦାପନା କରୁଥିଲେ ଯାର କାନ୍ତ ପାଶେ ହୋଇ ଛିଡ଼ା,
ସେହି ପୁଣି ଅରି ଆଗେ
ସତୀ-ଧର୍ମ ରଖିବାର ପାଇଁ
ଅସି-ହସ୍ତେ କଲେ ଯେ ଲଢ଼ାଇ
ତବ ମୌନ ଆମନ୍ତ୍ରଣେ ତେଜି ଦେଲେ ଅବରୋଧ ବ୍ରୀଡ଼ା । ୯ ।
ସବୁ ଆଜ ସ୍ୱପ୍ନସମ ଯାଇଛୁ ହେ ଭାସି—
ମହତ୍ତ୍ୱ ଗରିମା
ହୃଦୟ-ଭଙ୍ଗିମା;
ତୁମର ପତନ ସଙ୍ଗେ ମହାଜାତି ମିଶିଛି ଭୂତଳେ
ମହାରାଜା ମହାସାଜେ
ମହୀ ଜିଣି ନ ଫେରଇ ଦେଶେ
ଗୃହପ୍ରିୟ ଜାତ ଧନ ବେଶେ
ଗୃହ ତେଜି ଭିକ୍ଷା ପାଇଁ ଲୋଟେ ଯାଇ କାହା ପଦତଳେ । ୧୦ ।

କୁଳଟା ରାଧା

ଯାବତ୍ ଘୋଡ଼ାଇ ମେଘ ବରଷେ ବାର,
ଘଡ଼ଘଡ଼ି ପଡ଼େ ତାଳବନ ହୁଙ୍କାର ।
ଘୋର ବେଗେ ଅଣସ୍ତୁଣ ବହେ ପବନ,
ବନପକ୍ଷୀ ଗ୍ରାମେ ପଶି ରଖେ ଜୀବନ । ୧ ।

ଅସର ଧାରରେ ପଡ଼େ ଗଗନୁ ଜଳ,
ଠକ ଠକ ପଡ଼େ ପଥେ କୁଆପଥର ।
ଯାବତ୍ ଦାଣ୍ଡରେ ବହେ ବୁଡ଼ାଣ ପାଣି,
ସାରା ଦାଣ୍ଡେ ନାହିଁ କାହିଁ ଜନ ପରାଣୀ । ୨ ।

ସାରା ଗ୍ରାମେ ଶୁଭେ ଖାଲି ମେଘ ବରଷା
ଘରେ ଘରେ ଡାକ, କେବେ ହେବ ଫରଷା ।
ଏକାଳେ ଜଟିଳା ଘରେ ଜଟିଳା ନଜେ
ଡାକବାର ଶୁଣାଗଲା, "ରାଧା ନାହିଁ ଯେ !" ୩ ।

"ରାଧା ନାହିଁ, ରାଧା ନାହିଁ, ଗଲା ସେ କାହିଁ ?"
ଘରେ ଘରେ ହେଲା ଖୋଜା ମିଳଇ ନାହିଁ ।
"ଏ ରାତି ଏ ବରଷାରେ କାହିଁ ସେ ଗଲା ?
ଜାଳ ଦୀପ ବାରିଆଡ଼ ଖୋଜ କୁଟିଳା !" ୪ ।

"ଆଲୋ ମା, ଦୀପ କି ରହେ ଏଡ଼େ ବତାସେ ?
ବରଷା-ଚକ୍‌କଣ ଭୂମେ ଗୋଡ଼ ଯେ ଖସେ ।
କାହିଁ ଲୋ ଖୋଜିବା ତାକୁ ? ମରିଲେ ମରୁ,
ପୋଡ଼ାମୁହାଁ ସାଥେ ଘରୁ ବପଡ଼ି ସରୁ ।" ୫ ।

—କହ୍ନ ଶୋଇବାକୁ ଯାଉଁ ଦେଇ କଳଣୀ,
ସହସା କାନରେ ବାଜେ ମୂରଲୀ ଧ୍ୱନ ।
ମୁହଁ ମୋଡ଼ ବୁଢ଼ୀ ଘୃଣେଁ କୁଟିଳା ମୁଖେ,
କୁଟିଳା ପଡ଼ଇ ବସି ସରମ-ଦୁଃଖେ । ୬ ।

ନ ପାହୁଁ ରଜନୀ ସାରା ଯାବଟେ ଦ୍ୱାର
'ରାଧା ନାହିଁ ଘରେ'—ଡାକେ ଜଟିଳା ବୁଢ଼ୀ ।
କୁଟିଳା ଜଗିଛି ବସି ଯମୁନା-ବାଟ
ତା ପାଶେ ବସିଛି ଯେତେ ଗୋପିନୀ ହାଟ । ୭ ।

କୁହାଳୀ ତରୁଣୀ ଏକ ସଖୀରେ ଡାକ
କହଇ—"ଦେଖିବା ଆଜ କ ଅଛି ବାକୀ ?
ଥର ଥର କର ଏହି ନାଟ ଲଗିଛି
ଆଛା ଶାଶୁ ଆଛା କୁଳବୋହୂ ପାଇଛି ! ୮ ।

ଆସ ଯିବା"—ବୋଲୁଁ, ଦୁରେ ଦଶଇ ରାଣ୍ଡ,
ଲଜେ ମୁହଁ ଟେକ ପୁଣି ତଳେ ପୋତଇ ।
ଯମୁନା ସ୍ନାହାନେ ଓଦା ଦେହ-ବସନ
ସ୍ତନଭରେ ବାସଭରେ ମଠ ଗମନ । ୯ ।

ନିକଟେ ନ ଆସୁଁ, ଭୋଖୀ ବାଘୁଣୀ ପର
ଧାଇଁଲା କୁଟିଳା ପଛେ ଲଗୁଡ଼ ଧର ।
ଜଟିଳା ଚଳଇ । ଖୋଜ, ଗୋପିନୀ ମେଳେ ?
ଆସିବାକୁ ଥିଲା ତାକୁ ଏତେକ ବେଳେ ? ୧୦ ।

ପଣତ ଓଟାର ବୁଢ଼ୀ ଆଣିଲ ଭଣ୍ଡ଼,
ପଛରେ ନଣନ୍ଦ ନାନା କଥା ଫୋପାଡ଼
ଆସଇ । ସାଙ୍ଗଟି ଗାଆଁ କାମିନୀ ଆଗେ
ଉଗ୍ର ରାଧା ଦୋଶ୍ଚରଣୀ । ସରମ ରାଗେ
ମୁହଁ ନଇଁଯାଏ ତଳେ । ପଦର ବଳା ।
ମହାଲ୍ଲେ ପଥରଜେ ମରଣ ଗଲ । ୧୧ ।

ସାଙ୍ଗଟି ଗାଆଁର ଆଖି ମୁଖରେ ଛାର
ଅପମାନେ ବହିଯାଏ ଲୋତକଧାର ।
ଯେତେ ସବୁ ଯାବଟର ସାଧବ ସଙ୍ଗ
ଦେଖୁଥାନ୍ତି କଉତୁକେ କୁଳଟା ଗତ । ୧୨ ।

ଏ ଗୁରୁ ସରମ ମାଝେ ବନ୍ଧୁ ଶ୍ରୀମନ୍ତ
ଆପ୍ଲୁତ ନୟନ-ଲୁହେ ତିନ୍ତାଇ ଗୁଣ୍ଡ,
ହୃଦୟେ ନିବିଡ଼େ ଡାକେ ସଖି ନବୀନା,
"ହେ ସଖା, ହେ ଶ୍ୟାମ, ସବୁ ତୋ ପାଇଁ ସିନା !" ୧୩

ଦଳେ ଦଳେ ଗୋପାଙ୍ଗଣୀ ଚଳିଲେ ଘରେ,
ଟାହୁଲି କହନ୍ତି କେତେ ଏକ ଆନରେ ।
କବି କାନୁ ନ ଗୃହିଁଲ ସେ ସଖୀଜନେ
ପ୍ରଣତି ବହିଲ ଦୋଶ୍ଚରଣୀ-ଚରଣେ । ୧୪ ।

ବଂଶୀଡାକ

ଯମୁନାର ଆର ପାରେ କାହ୍ନିଁ ବାଜେ ବଂଶୀ,
ବ୍ରଜପୁରେ ସଜପଦ୍ମ-ମୁଖୀ ରାଧା ବସି
କପରି ଶୁଣେ ସେ ଡାକ ? ଅପର ଗୋପିକା
ବୁଝି ନ ପାରନ୍ତି କିଛି, ଆପଣା ଜୀବିକା
ବକ୍ଷେ ଧରି ଗୋପ-ମାତା ନ ପାରଇ ଶୁଣି,
ଗୋପ-ଶିଶୁ ଗୋଷ୍ଠଗୀତ ଗାଉଥାଏ ଗୁଣି ।
ଗୋପ-ବୃଦ୍ଧ ସନ୍ଧ୍ୟାଗମେ ଗୋ-ଗୋଷ୍ଠେ ବିଳସି
ଗୋ-ଦୋହନେ ଫୁଲ୍ଲ ମନେ ସାଜଇ କଳସୀ ।

ବଂଶୀ ନାଦ ଦୂରେ ଦୂରେ ବହିଯାଏ ଭାସି,
କେହି ନ ପାରନ୍ତି ଶୁଣି ।

ନେଇଁ ଲୁହରାଶି—
ବିକଳେ ବୁହାଇ ଖାଲି ଯୁବତୀ ରାଧିକା
ଶୁଣଇ ସେ ଗୋପଗ୍ରାମେ ପ୍ରଣୟ-ବାଧିକା !
ଝଟିତ ବାହାରେ ଘରୁ,—କୋମଳ ଚରଣ
ହୁଏ ତୀକ୍ଷ୍ଣ କୁଶାଘାତେ ରକ୍ତ-ପ୍ରସ୍ରବଣ !
ନବଡ଼ ଅନ୍ଧାର ରାତି ! ନ ଦେଖିଛି ପନ୍ଥା !
ସେ କଥା ମାନେ କି କେବେ ହୃଦୟର ବ୍ୟଥା ?

ଯୁବତୀ ରାଧିକା ଦୁଏ ବନପଥ-ଯାତ୍ରୀ,
ନ ମାନଇ ଭୟ ଭ୍ରାନ୍ତ, ଅନ୍ଧକାର ରାତ୍ରି !

ପାଗଳୀ ପରି ଧାଏଁ ନବୀନ ପ୍ରେମିକା
କନ୍ତୁ ବନେ, ପଥୁ ପଥେ ଅନ୍ଧାରେ ରାଧିକା ।
ପଛେ ରଖେ କୁଳମାନ ଗୁରୁ ଗଞ୍ଜରବ
ଭାଙ୍ଗି ଗୃଲେ ବାଧାବଘ୍ନ-ନିଷ୍ଠୁର ଗରବ;

ବାସ ଫୁଟି, ଲତା, ଗୁଳ୍ମ, କଣ୍ଟା, ଦେହ ତରେ
ଜଳ ଉଠେ କୋମଳାଙ୍ଗ ବକଳ ରୁଧିରେ,
ସେ କଥା ପାସୋରେ ରାଧା ପୀରତି-ବାୟାଣୀ
ଶୁଣୁଛି ସେ ଖାଲି ଦୂର ମୁରଲୀର ବାଣୀ ।

ଗୋପେ ଗୋପାଙ୍ଗନା ଯେତେ ଆମୋଦ-ନିଦ୍ରିତା,
ଘୋର ବନେ ଖୋଜି ବୁଲେ ରାଧା ବ୍ୟାକୁଳିତା—
ପରାଣର ନିଧି ତାର, କୁଞ୍ଜ-ପଦ୍ମଫୁଲେ
ଡକାଇ ଲେଉଟେ, ପଥ ଯମୁନାର କୂଳେ !

କୃଷ୍ଣ କି ବଜାଏ ବଂଶୀ କୁଞ୍ଜବନେ ଆଜି
ସେହ୍ନପରି ? ତରତରେ କବରୀ ନ ସାଜି
ଧାଏଁ କି ରାଧିକା-ରାଣୀ ସେହ୍ନପରି ରାତେ,
ତା ଚରଣ ଶୋଣିତରେ କୁଶାଙ୍କୁର ଘାତେ

ଫୁଟାଏ କୋମଳ ପଦ୍ମ ?

ସତ୍ୟ ଯଦି ପ୍ରଭୁ
ନିଅ ମୋର ଯାହା ଅଛି, ନିଅ ମୋର ସବୁ,
ଭିକ୍ଷା ମୋର କୁଞ୍ଜବନେ ବ୍ରଜୁଁ ରାଧାରାଣୀ
ଯେ ପଥେ ଯାଆନ୍ତି ନିତି ବଂଶୀଡାକ ଶୁଣି,
ସେହି ପଥେ ଦୟାମୟ କର ମୋତେ ଘାସ
ଦେହ ପାତି ଛୁଆଁଇବି ରାଧାପଦ-ପ୍ରାସ ।

ଅନୂଢ଼ା

(ଆମ ଗ୍ରାମର 'କାଞ୍ଚନ ଅପା' ଯୌବନରେ ଦୁର୍ଭିକ୍ଷ ଦାଉରେ ଛତ୍ରରେ ଖାଇଥିବାରୁ ସମାଜପରିତ୍ୟକ୍ତା ହୋଇଥିଲେ । ସେ ବିବାହ କରି ନାହାନ୍ତି । ଅବିବାହିତା ରହି ବର୍ତ୍ତମାନ ବୃଦ୍ଧା ହେଲେଣି । ତାଙ୍କୁ ନେଇ ଏ କବିତାଟି ଲିଖିତ ।) *

ଯୌବନର ସ୍ୱର୍ଣ୍ଣରେଖା, ମୁଖେ ତବ କେବେ କି ଅଙ୍କିଲେ !
ଜୀବନ୍ତ-କବିତା ସମ ସରାଗରେ ନ ଥିଲ ଗୋ ଫୁଟି ?
ଜରା-ଜର୍ଜରିତ ଏହି ଜ୍ୟୋତିହୀନ କପୋଳ-ଯୁଗଳେ
ଜନ୍ମରୁ କି ଲଜ୍ଜାରକ୍ତ ରାଗରେଖା ଯାଇଥିଲ ତୁଟି ?

ମସ୍ତକର ଏ ଯେ ଶୁକ୍ଳ ଶିରୀ-ହୀନ ରୁକ୍ଷ କେଶରାଜି
କେବେ କି ଗୋ ତରମର ପ୍ରାନ୍ତଦେଶେ ସୃଜି ଊର୍ମି-ଲୀଳା
ଦର୍ପିତା ନାଗିଣୀ ସମ ଲହଲହ ପଡ଼ି ନାହିଁ ଭାଜି
ଯୌବନ-ଶୋଭାରେ କରି ସ୍ୱପ୍ନ ସମ ତରଳା, ଚଞ୍ଚଳା !

---

* କାଞ୍ଚନ ଅପା ଆଜି ଇହଧାମରେ ନାହାନ୍ତି ।

କେବେ କି ଗୋ ସ୍ନାନଘାଟୁ ଫେରିଆସି ମୁକୁରେ ନିରେଖି
ମୁଗ୍‌ଧ ହୋଇ ଗୃହିଁ ନାହିଁ କ୍ଷଣେ ହେଲେ ନିଜର ଯୌବନେ
ଗ୍ରାମ-ବଧୂ କୁଳ-ମାଥେ ସୀମନ୍ତର ସୂକ୍ଷ୍ମ ଶୋଭା ଦେଖି
ନିଜର ସୀମନ୍ତଟିକି ଗଢ଼ି ନାହିଁ ବିରଳେ ଯତନେ ?

ସନ୍ଧ୍ୟାର ଉତ୍ତପ୍ତ ଟାଣି ନିଶା ଯେବେ ଆସୁଥିବ ନାରି !
ଗ୍ରାମର ଦମ୍ପତିସବୁ ବୁଡ଼ୁଥିବେ ପ୍ରଣୟ-ସାଗରେ,
ସେ ଉସର ଛିନ୍ନ ଗନ୍ଧେ ପ୍ରାଣ ଘାରି, ଜୀବନେ ଧିକ୍‌କାରି
ବୁକୁର ବେଦନା ଧନ, କହିବା କି କା ଆଗରେ ଅରେ ?

କି କଷଣ ! କି ବ୍ୟଥା ସେ ! ବୁକୁଚିଣ୍ଡା କି ଯାତନା ସେ ଯେ !
କେମନ୍ତେ ସହିଲ ବାଳା, ତାପସୀର ସଂଯମ ଆଚରି ?
ବସନ୍ତର ବକ୍ଷ ଡାକ ନ ଶୁଣିଲ, ଶୋଇ ନିଶା-ଶେଯେ
ତରୁଣୀର ସ୍ୱପ୍ନ-ନିଶା ଭୁଲିଗଲ କ୍ଷୁଦ୍ର ଶିଶୁ ପରି !

ଗ୍ରାମର ସଙ୍ଗିନୀଦଳ ଏକେ ଏକେ ଯାଇଥିବେ ଗୃଲି
ଆଜ କାର ପାଦତଳେ ଢାଳିବାକୁ ଜୀବନ-ଯୌବନ !
ଗୃହିଁଥିବ ତାଙ୍କ ପଥ ଅଶ୍ରୁଧାରେ କପୋଳ ପଖାଳି;
ବୁକୁ ତରି କାନ୍ଦୁଥିବ ଅବମୀତ ତୁମର ଯୌବନ !

ଉତ୍ସବେ ଗ୍ରାମର ଯେତେ ବଧୂ, କନ୍ୟା, ଗୃହିଣୀ, ଜନନୀ
ତନୟ-ତନୟା-ମାଥେ ଢାଳିଥିବେ ପ୍ରାଣର ଆଶିଷ,
ଅସନ୍ତାନା ତୁମେ ସେବେ ମାଗିନା କି ବିଧାତାରେ ଧନ !
କୋଳ-ମଣି ବଦଳରେ ସର୍ବନାଶୀ ଅକାଳ କୁଳଶ !

ଆଜି ନାରି, ବୃଦ୍ଧା, ତୁମେ, ପକ୍ୱ, କେଶ, ଶ୍ଳଥ ଦେହ ଲତା,
ଶୈଶବ-ଯୌବନ ତବ ଦୂରେ ତ୍ୟକ୍ତ ଜୀବନର ପଥେ,
ଯୌବନ ଦେଇଛ ଶନି ପଦେ ତବ ବଧୂର ଅଳତା,
ମାତା ହୋଇ ନାହିଁ କେବେ ପାଳିବାକୁ ସନ୍ତାନେ ରକତେ ।

ଚତୁର୍ଥ ବୟସେ ଆଜି କାହାପାଇଁ ବଞ୍ଚିଛ ଜନନି ।
କାହାଲାଗି ବନେ ବନେ ଗଛପତ୍ର ଖୋଜି ବୁଲ ନିତି,
କି ସମ୍ବନ୍ଧ ଅଛି ଆପି ତୁମ ସଙ୍ଗେ ଏ ପ୍ରିୟ ଧରଣୀ,
କେଉଁ ଭାବେ ତୁମ ସଙ୍ଗେ ଜୀବନର ଅଛି ଏତେ ପ୍ରୀତି ?

ଜୀବନ ଲାଗିଁ ଖାଲି ଜୀବନଟି ଯାପିଲ ଅବଳା,
ଆକୁଳରେ ଫୁଲ ପୁଣି ଶୁଖିଗଲା ପ୍ରୀତିର ଝରଣା,
ଶୂନ୍ୟମନେ ଆଣ ମାଆ, ବରି ଏବେ ମରଣ ଶାଂଖୋଳା
ସୁଖେ ପୁଣି ଭୁଲିଯାଅ ଧରଣୀରେ ଜୀବନଯାପନା ।

ରେଙ୍ଗୁନ ଚିଠି

—୧—

ଆଗତ ପକ୍ଷେ ଧାନ ମଳ ଦେଇ
ବର୍ମି ଯେ ଛୁଡ଼ୁଛି ଦ୍ୱାର
ସନ୍ଧାନ ତାର ଆଜ ମିଳ ନାହିଁ
ନାହିଁ ତାର ସମାଚାର ।
ଯାଇଥିଲେ ଯେତେ ସାଥୀ
ମିସ୍ତ୍ରୀ ବଟନେ ମାତ୍ର
ଖବର ଆସିଛି— ସକଳ ଘରର
ମୁଠି-ଭରା କାରବାର,
ପଇସାକୁ ଛୁଡ଼ ଭାଷା ବ ନ ଆସେ—
ବର୍ମି-ମା'ର ହାହାକାର ।

ଛଅମାସେ ଥରେ ଶୁଭ ଆଗମନ
କରନ୍ତି ପୋଷ୍ଟ୍‌ମାନ
ଚଞ୍ଚଳ ହୃଦେ ବିରହିଣୀ-ବଧୂ
ଜନମୀର ଅନୁମାନ
କଣ୍ଠରୁ ପଡ଼େ ଖସି
ମୁଦ୍ରା ଗହଳ-ମସୀ
ଗାଆଁର ମାଷ୍ଟ୍ର-ହାତେ
ଗୁଂଜ ଝରକା ବାଟେ
କେଉଁ ପତ୍ର ଅଣା ହୋଇ ଶୁଣା
ହୁଏ ଅତି ସାବଧାନ
ପତ୍ର ନ ସରୁ ପିଅନ-ଉଦର
ମାଗେ ତାର ସମାଧାନ ।

ହାତକେ ହାତକେ ଜଣକୁ ଜଣକୁ
ରେଙ୍ଗୁନ ଦେଶୁ ଭାଷା;
ଦେଖୁ ଦେଖୁ ଏବେ ବରଷ ପୂରିଲା
ପୂରେନା ସ୍ୱମି-ମା' ଆଶା ।
ଭାବନା ଏ ତାର, ମାଷ୍ଟ୍ର
ନଷ୍ଟ କରୁଛି ରାସ୍ତା
ନ ପାଇବା କଣ୍ଠ ହାତେ
ମିଳାଇ ପିଅନେ ସାଥେ
ବନ୍ଦ ରଖିଛି ପିଲାର ବାର୍ତ୍ତା
ଲୁଚାଇ ରଖିଛି ଭାଷା
ସକଳର ଆସେ, ଆସିବନ ତାର;
ସେ କଣ କର୍ମନାଶା ?

ତିନ ମାସ ଚଳେ ଅପେକ୍ଷା କରି
ଲଗାଇ ଗୃହଣୀ ପଦ
ରେଜିଷ୍ଟ୍ରି ଚିଠି ପଠାଇଲା, ରଖି
ମାଷ୍ଟ୍ରର ଅନୁରୋଧ ।
ପ୍ରତ୍ୟେକ ସୋମବାର
ଗାଆଁର ଚୌକିଦାର
'ଆସିଲେ ପଲ୍ଟୁରେ ଥାରେ
ଆସିଛୁ କି କହୁ କରେ' ।

ଥର ଥର ସେ ତ ନାହିଁ ନାହିଁ କଲା
ହାୟରେ ଏ ପରମାଦ
ମାଷ୍ଟ୍ର ବୁଦ୍ଧିରେ ପଡ଼ି ଯା କାଢ଼ିଲା
କଣ୍ଠୁ ଗୃହଣୀ ପଦ ।

ଆଗତ ଚଉଷୁଁ ଧାନ ମଳ ଦେଇ
ସ୍ୱାମି ଯେ ଛାଡ଼ିଲା ଦେଶ
କଷ୍ଟ ଯାଇଥିଲା ପହଁଚିଲାକ୍ଷଣି
ପଠାଇବ ସନ୍ଦେଶ ।
ମିସ୍ତ୍ରୀର ଧନ ଶୁଝି
ଆପଣା ଖରଚ ବୁଝି
ମାସ ଦୁଇ ତିନ ପରେ
ଟଙ୍କା ପଠାଇ ଘରେ
କରିବ ନଷ୍ଟେ ବୁଢ଼ୀ ମାଆଟିର
ଦୁଃଖର ଅବଶେଷ;
ମାଆ ଭାବିଥିଲା ଫେରିଲେ ପୁଅର
ଦେଖିବ କା ବରବେଶ !

ପଡ଼ନ୍ତୁ ପଡ଼ନ୍ତେ   ବରଷ ପୂରିଲା
ଖବର ତ କିଛି ନାହିଁ
ଦରିଆ ପାରେ ସେ   ରେଙ୍ଗାମ ଦେଶେ
ରହିଲା ସେ କାହିଁ ଯାଇ !
ବଡ଼ ଦୁର୍ଗୁଣ ଭୂଇଁ
ସ୍ତିରିଏ ଶରୀର ଛୁଇଁ
ପୁରୁଷେ କରନ୍ତି ବଶ
ପାସୋରାଇ ଜାତି ଦେଶ !

ମୋ ପିଲା ତ ଆହା   ବେଳ ତରାସ ଗୋ,
ଡାହାଣୀଯୋଗିଣୀଙ୍କ
ହାବୁଡ଼େ ବା କାର   ପଡ଼ିଗଲା, ବୋଲି
ବୁଢ଼ୀ କରେ ହାଇ ହାଇ ।
ମିସ୍ତ୍ରୀ ଯୋଗିଣୀ-   ଝିଅ ଅବା ତାକୁ
ବାନ୍ଧିଦେଲା କାହା ଘରେ—
ଶୁଣିଲେ ଏ କଥା   ବୁଢ଼ୀର ନୟନୁ
ଝରଝର ପାଣି ଝରେ !
ବୋଇତେ ମଣିଷ-ଝିଅ
ସାଇବ ପେଟରେ ନିଆଁ
ଲଗାଇବାକୁ ବା, ପିଲା —
ମୋହର, ମାଉଁସ ହେଲା,
ମରଣ ହେଉ ଗୋ   ବୋଲି ରାମ-ବୋଉ
ରୋଦଇ ଆକୁଳ ସ୍ୱରେ
ତଥାପି ନ ଆସେ   ରେଙ୍ଗାମ ଛଟି
କେଉଁ ଧନ ଚାର କରେ ।

—୨—

ଚୈତେ ପଡ଼ୁଛି   ଦୋଳ ପୂର୍ଣ୍ଣିମା
ଦୁଇକୋଶ ଦୂରେ ମେଳା
ମେଳାରୁ ବାହୁଡ଼ି   ଛଠେ ଖଣ୍ଡେ କେ
ରାମ-ବୋଉ ହାତେ ଦେଲ୍ ।
ନାନା ଚିନ୍ତାରେ ବୁଢ଼ୀ-
ହୃଦୟୁ ଯାଉଛି ବୁଡ଼ି,
ମାଷ୍ଟରେ ଆଣି ଡାକି
କହିଲ୍ ପଢ଼ ଗୋ ହାଁକି
ସତେ ବାପଧନ   ବଁଚିଛୁ ମୋହର,
ସବୁ ଠାକୁରାଣୀ-ଖେଳା
ଚଉଁରାକୁ ବୁଢ଼ୀ   ଜୁହାରି ଜୁହାରି
ଯାଚିଲ୍ ଜିନାଥ ମେଳା ।
ପଢ଼ିଲେ ମାଷ୍ଟ୍ରେ,   ରାମ ସାଥୀ ନଟ
ଲେଖିଛି ପ୍ରଣତ ଛନ୍ଦ
"ମାଉସୀ ଜାଣିବା   କାରଣେ ରାମର
ଚରସ ଦେଲ ଲମ୍ବ ।
ଆସିଲ୍ ବନରୁ ରାମ
କର୍ମ ତାହାର ବାମ
ଅନ୍ତସାର ସହ ଜ୍ୱର
ସଂଶୟ ଜୀବନର,
ବରଷକୁ ଏବେ   ଛଅ ମାସ କାଳ
ଏହିପରି ଗଳ୍ପ ବନ୍ଧ
ପରାଣ ରହିଛି   ଭାଗ୍ୟର କଥା
ଗରିବକୁ ସାହା ବିନ୍ଧ ।

ଆସିବାର ମାସ ଦୁଇ ତିନପରେ
ମିସ୍ତ୍ରୀର ଦେଲା ଛୁଟି
ତିନଠାର କାମ ଏକାକୀ କରଲା
ଘରର ଗରଜ ବୁଝି ।
ଶରମେ ସରଲା ଦେହ
ପଥ୍ୟରେ ସଞ୍ଚୟ
ସରଛି, ଦେଶକୁ ଫେରି
ଯିବ ଏବେ ନାହିଁ ଡେରି ।
ଦେଇ ନାହୁଁ ଆମେ ଖବର ତୁମରେ
ମାଛ, ଆଗପଛ ବୁଝି
ବଡ଼ ସ୍ବଜନମାନେ ଫେରବ ଏବେ ସେ
ହାତେ ଚାର ନାହିଁ ପୁଞ୍ଜି ।"
ପଦ ସରଲା ମାଷ୍ଟ୍ରେ ଚାହିଁଲେ
ଝମି-ମା ବୁଢ଼ୀର ମୁହେଁ
ବୁଢ଼ୀ ବି ଚାହିଁଲା ମାଷ୍ଟର ମୁଖେ
ଚାହିଁଲେ ଦୁହିଁକୁ ଦୁହେଁ ।

ମହାନଦୀରେ ଜ୍ୟୋତ୍ସ୍ନା ବିହାର

—୧—

ଶିଳାଗୃହ-ଅନ୍ଧକାରବାସୀ ମୁଁ, ଜନନି,
ଧରଣୀ, ନ ଥିଲି ଜାଣି, ଅଛୁ ଲୋ ତୋ ପୁରେ
ଏମନ୍ତ ରୂପର ଲୀଳା; ନ ବାହୁଁ ତରଣୀ
ଆଜ ଏ ଜ୍ୟୋତ୍ସ୍ନାରେ ମୀଳ ମହାନଦୀ-ପୂରେ ।

ଆହା କି ବିପୁଳ ଶୋଭା ଭାସେ ଆଖି ଆଗେ,
କେମନ୍ତେ ବର୍ଣ୍ଣିବି ମୋର ମୁଗ୍ଧ ଅନୁଭବ,
ଚକ୍ଷୁ ମୋର ଅନ୍ଧ ହୁଏ ଜ୍ୟୋଛନା-ପରାଗେ,
ବାଣୀ ମୋର ନାହିଁ ଫୁଟେ, ମାନ ଦୈବଭବ ।

ଧବଳ ଉତ୍ତରୀ ସମ ରଜନୀ-ବଧୂର
ଜ୍ୟୋଛନା ବ୍ୟାପିଛି ଦୂର ଦିଗନ୍ତ ଲାଗି,
ତଳେ ତାର ଏ ଧରଣୀ, ପ୍ରକୃତି-ମଧୂର
ହୋଇଛି ମଧୁରତର ତା ପରଶେ ଜାଗି ।

ଆକାଶର ଖଣ୍ଡ ସମ ମହାନଦୀ ବାରି
ଚନ୍ଦ୍ରିକା ଚୁମ୍ବନ ପାଇ ଧବଳ-ଚପଳ,
ତରଳ ମୁକୁର ଅବା ଦେଇଛି କେ ପାରି,
ଦେଖିବେ ବଦନ ନଭ-ସୀମନ୍ତିନୀଦଳ ।

ଦୁଇକୂଳେ ବୃକ୍ଷରେଖା ଜ୍ୟୋଛନା-ଧଉତ,
ପାଣ୍ଡୁର ଆଲୋକେ ଧରି ଚନ୍ଦ୍ରାଳସ ଶିଖା
ସ୍ୱପ୍ନ-ପୁଷ୍ପ କରେ ସୃଷ୍ଟି ! ଅଳସ ମରୁତ
ଜ୍ୟୋଛନା-ମଦିରାମତ୍ତ, ବହେ ଥିର ଥିର ।

ଦୂରବାହୀ ନାଉରିର ସରଳ ସଙ୍ଗୀତ
ପବନେ ଆସଇ ଭାସି ନଦୀବକ୍ଷପରେ,
କ୍ଷେପଣୀ ଆଘାତେ ଦେଖ ଚନ୍ଦ୍ରିକା-ରଞ୍ଜିତ
ନଦୀ-ବାରି, ଲକ୍ଷ ରୌପ୍ୟପୁଷ୍ପ ସୃଷ୍ଟି କରେ ।

ପଶ୍ଚାତେ ପ୍ରସାର-ଶୀଳ ଶୁଭ୍ର ବାରିରାଶି
ମିଶଇ ଆକାଶତଳେ; ସମ୍ମୁଖେ ମୋହର
ଗମ୍ଭୀର ସୁନ୍ଦର ଗିରିମାଳା ଉଠେ ଭାସି
ଚନ୍ଦ୍ରିକାଚନ୍ଦନେ ଚର୍ଚ୍ଚା ନୀଳ କଳେବର ।

ଉଠିଛି ଶିଖରମାଳା-ପଶ୍ଚାତୁଁ ଆକାଶ
ସନ୍ନ୍ୟାସିନୀ-ମୁଖ ସମ ପ୍ରଶାନ୍ତ ଧବଳ,
ତା ତଳେ ରଜନୀବଧୂ ଚନ୍ଦ୍ରିକାର ବାସ
ଉଡ଼ାଇ ଧରଣୀ କରେ ପରଶେ ଉଚ୍ଛଳ ।

ଏ ବିରାଟ ଚିତ୍ରପଟେ ଅଙ୍କିଥି ମୁଁ ଧ୍ୟାନ
ମୁଗ୍ଧ ସମ ରହେ ଦୃଷ୍ଟି ମହାମନ୍ତ୍ରମାରେ,
ଭାବଇ ବା ହୋଇ ଏହି ଜ୍ୟୋତ୍ସ୍ନାରେ ପ୍ରଲୀନ
ଦେହଗନ୍ତ ଯେ ସୁଧା ଝରେ ଆଜ ଏତେ ଧାରେ ।

—୨—

ହାୟ ଲୋ ଉତ୍କଳ-ଭୂମି ! ପ୍ରକୃତି-ସୁନ୍ଦରୀ;
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି,
କାନନେ, କେଦାରେ ଲକ୍ଷ ଶୋଭାର ବିହାର
ଆଜି ତୋର, କହ କପାଁ ଏତେ ହତଶିରୀ ?

ଏ ସ୍ୱର୍ଗସୁଷମା ଯାର, କରିବ ବିଶ୍ୱାସ
କେମନ୍ତେ କହ ଲୋ ! ତାର ଅନ୍ନର ଅଭାବ ?
ସୁରସମ ମୁଗ୍ଧ କରେ ମୋରେ ଯା ନିଶ୍ୱାସ,
ତା ଦେହେ ସମ୍ଭବେ କାହୁଁ ଦୁର୍ଦ୍ଦିନ-ପ୍ରଭାବ ?

କାନନ-ଶ୍ୟାମଳ-ବାସ, ଶିଖରି-ମୁକୁଟ
ଚରଣ ଚୁମ୍ବଇ ମହାସାଗର-ଲହରୀ,
ଏ ବେଶେ ହୁଅଇ ଯାର ମହିମା ପ୍ରକଟ,
କେମନ୍ତେ ଭାବିବି ତାରେ ଅଭିଶପ୍ତା କରି ?

ଆଜ ତୋର ଇତିହାସ-ସାକ୍ଷୀ ଏ ତଟିନୀ—
ଜଳେ ମୋ ତରଣୀ ଯେବେ ଭସିଯାଏ ଧୀରେ
ଜନନି ! ଗୌରବ ତୋର କଳ୍ପନା ସଙ୍ଗିନୀ
ଗୋଟି ଗୋଟି ଦ୍ରୁତେ କାଢ଼ି ଦିଏ ମୋ ସ୍ମୃତିରେ ।

ସେ ଦିନ ତୋ ଗିରି ସଙ୍ଗେ, ତୋର ଗଜପତି
ତୋଳିଲା ସ୍ପର୍ଦ୍ଧାରେ ତାର ଦୁର୍ଗ ଅଭ୍ରଙ୍କଷ,
ତୋହର ଏ ନଦୀ ସମ ମହା ନରପତି
ହୃଦୟେ ଉଦାର କରି ଜିଣି ନେଲା ଯଶ ।

ସେ ରାଜା ଯାଇଛି ଭୁଲି ଦୁର୍ଗ ତାର ନାହିଁ
ତା ସଙ୍ଗେ ଯାଇଛି ପୁଣି ସେ ବୀର ହୃଦୟ,
ତୋହରି ଅଙ୍କତ ମା ଗୋ ! ଆଜ ଥାଇ ଥାଇ
କରେ କ୍ରୂର ପରିହାସ, ଘୋର ବ୍ୟଥାମୟ ।

— ୩ —

ତରଣୀ ଚଳଇ ମୋର ବାରବାଟୀ ତଳେ,
ରହ ରେ ନାଉରି, ଦଣ୍ଡେ ଭିଡ଼ ଏଥି ତଟେ,
ମଥା ମୋ ଲଗାଇ ପୂତ ସୋପାନ-ପ୍ରସ୍ତରେ
ଦିଏଁ ଅପଦାର୍ଥ-ପ୍ରାଣେ କୃତକୃତ୍ୟ କରି ।

ସେ ଦିନ ଏ ଶିଳାପରେ ଅବଗାହେ ଆସି
ସୁକୁମାରୀ ରାଜବାଳା ଆଙ୍କି ଥିବ ତାର
ଲକ୍ଷାରକ୍ତ ପଦଚ୍ଛବି, କରି ମତ୍ତକାଶୀ
କଠିନ ପାଷାଣ-ଦେହେ ଆନନ୍ଦ ସଞ୍ଚାର ।

ସେ ଦିନ ସଜନୀମାନେ ରୂପସୀ ମନସ୍ୱୀ
ଏକ କରେ ଦୁର୍ବାକ୍ଷତ, ଶଙ୍ଖ ଆନ କରେ,
ବିଜୟୀ ପୁତ୍ରରେ, ଶିରେ ମଙ୍ଗଳ ଆଶିଷ;
ବରି ନେଇଥିବେ ଗୃହେ ଏହି ଶିଳାପରେ ।

ସେ ଦିନ ଏ ଶିଳାପରେ ନାଗରିକା ଶତ
ହରିଦ୍ରା ପ୍ରଲେପେ ରଞ୍ଜି କନକବଦନ
ବନ୍ଦୁଥିବେ ଶଙ୍ଖ ବାଇ, ସଜାଇ ବୋଇତ,
କରିଛୁ ଯେ ସିଂହଳରୁ ମୁକ୍ତା ଆନୟନ ।

ସେ ଦିନ ଏ ଶିଳାପରେ ନଗର-ଜନନୀ
ଏକଦେ ପଠାଇ ପୋତେ ସନ୍ତାନେ ସମରେ
ଚାହିଁଥିବେ ଦୂର ଦିଗେ, ସେ ବୀରରମଣୀ
ଲୁଚାଇ ଆଖିର ଲୁହ ଅପମାନ ଡରେ ।

ସେ ଦିନ କାହିଁ ଗୋ ଶିଳା ! ଏ ଦୁର୍ଗର ଛାୟା
ମାଡ଼ି ଏ ତଟିନୀଜଳେ ଚକୋରୀ-ଚକୋରେ
ଆଣେ ଯେବେ ନିଶା-ଭ୍ରାନ୍ତି । ଜୀବନର ମାୟା
ଏ ଜାତି ନ ଥିଲା ଜାଣି ବିପତ୍ତିର କୋଳେ !

ଚିରଦିନ ପାଇଁ ସେ କି ଯାଇଛନ୍ତି ଚାଲି,
ନ ଫେରିବେ ରାଜା ରାଣୀ, ନ ଫେରିବେ ବୀରେ ?
ବୋଇତବନ୍ଦାଣ ଲାଗି ଏ ତଟିନୀ ବାଲି
ନାଗରିକା-ପଦପ୍ରାନ୍ତ ନ ଚୁମ୍ବିବ ଧୀରେ ?

ଦୁର୍ଗ ଆଜି ଉଠିବନି ? ସଜାଇ ବୋଇତ
ନ ଫେରିବ ମୁକ୍ତା ଧରି ଏ ତଟିନୀ କାହ୍ନ,
ନଗରର ବଧୂ ଯେତେ ମଙ୍ଗଳ ସଙ୍ଗୀତ
ନ ବନ୍ଦିବେ ତୀରେ କେବେ, ମଧୁକଣ୍ଠେ ଗାଇ ?

ସେ ସୌଭାଗ୍ୟ ଶେଷେ, ହାୟ, ଏ ଜାତିର ଶେଷ
ନ କଲା ବିଧାତା କିପାଁ ? ଏ ଗୌରବ ପରେ
ବଞ୍ଚିବା ଧରି ଏ ଖାଲି କଙ୍କାଳ ବିଶେଷ
ବିଶ୍ୱ ଆଗେ, ମରଣରୁ ଶତଗୁଣେ ବଳେ !

—୪—

ଏମନ୍ତ ଜ୍ୟୋଛନା-ରାତେ ସେ ଦିନ ଏ ସ୍ଥଳୀ
କି ଶୋଭା ଧରଇ, ଅୟି କଳ୍ପନା ସଜନି !
କହ ମତେ । ଶତ ଶତ ନାଗରିକେ ତରୀ
ବାହି କେଳେଙ୍କେ କରୁଥିବେ ମୁଖରି ରଜନୀ !

ନୃପତିର ଗଜଦନ୍ତ ତରୀ ଥିବ ଆଗେ,
ମୁଖରି ଗାୟି କାକଣେ; ସୁଗନ୍ଧେ ଜଡ଼ିଲା,
ନୃପତି-କୁଣ୍ଡଳ-ମଣି ଚନ୍ଦ୍ରହାର ରାଗେ
ଝଲସେ; କମ୍ପଇ କଣ୍ଠେ କୁସୁମର ଝରି ।

ରାଜତରୀ ପାଶେ, ପଛେ, ଶତ ତରୀ ବାହି
ଚଳନ୍ତି ନଗରଜନେ ବିଳାସକୁଶଳେ
ମୁଖରି କରି ଏ ନଦୀ ଉଚ୍ଚେ ଗୀତ ଗାଇ,
ଉଦ୍ଦାମ କ୍ଷେପଣେ କରି ଆକୁଳ ଏ ଜଳ ।

ଊର୍ଦ୍ଧ୍ୱେ ତେଣେ ଚନ୍ଦ୍ରଶାଳା-ପୁରେ ରାଜରାଣୀ
ସ୍ୱର୍ଣ୍ଣଦୀପ ପଛେ ରଖି ବାତାୟନ-ମୁଖୀ
ଦେଖନ୍ତି ଏ ମହାଲୀଳା, ଫୁଟେ ନାହିଁ ବାଣୀ
ବଦନେ ଆସେ କି ଭାଷା ପ୍ରାଣ ହେଲେ ସୁଖୀ ?

ଆନ କକ୍ଷେ ରାଜବଧୂ କୋମଳା କିଶୋରୀ
ସୁନ୍ଦରୀ ସଜନୀ ମେଳେ ଧରି ଫୁଲହାର
ଦେଖନ୍ତି ଚନ୍ଦ୍ରମାଶୋଭା ଚନ୍ଦ୍ର-ମୁଖ ଟେକି,
ଏ କାଳେ ମିଳିଲେ ପାଶେ ନୃପତିକୁମାର ।

ବାଜେ ବାଦ୍ୟ-ନହବତ, କମ୍ପଇ ଧରଣୀ,
ସେ ପାରି ପର୍ବତମାଳା ଦିଏ ପ୍ରତିଗିରି,
ମନ୍ଦ୍ର ଉଠେ ଦୁର୍ଗକକ୍ଷ; ରାଜାର ତରଣୀ
ନଚୁଏ ଉନ୍ମାଦେ ନୀଳ ମହାନଦୀ-ନୀର ।

ସେ ଦିନ ମୁଁ ଥାଆନ୍ତି କି ରାଜନ ସଦନେ,
ବିଧାତା, ହୃଦୟ ଭରି ଗାଇଥାନ୍ତି ଗୀତ,
ଗୁଣଗ୍ରାହୀ ରାଜା ମୋର ରତ୍ନ ବିତରଣେ
ତୋଷି କି ନ ଥାନ୍ତେ ଏହି ଦରିଦ୍ରର ଚିତ୍ତ ?

ଫେରିବା କହୁଛ ବନ୍ଧୁ, ପୁଣି ଅନ୍ଧକାରେ ?
ଫେରିବାକୁ ହେବ ସତେ ? ହାୟ ଏ ଜୀବନ
ଅବସର କାହିଁ ମିଳେ କ୍ଷଣେ ଭୁଲିବାରେ
ଜୀବନର ହାହାକାର, ପ୍ରାଣର ଦହନ ।

ଚନ୍ଦ୍ରମା ଉଠିଛି ଊର୍ଦ୍ଧ୍ୱେ; ବିରାଟ ଧରଣୀ
ନୀରବ, ନିସ୍ତବ୍ଧ, ଶାନ୍ତ । ମହାନଦୀ-ଜଳ
କ୍ଳାନ୍ତ ଶିଶୁ ସମ ଶାନ୍ତ । ଉଜ୍ଜ୍ୱଳ ରଜନୀ
ପକ୍ଷ ପାତି ଆବରିଛି ନଭ ଜଳ ସ୍ଥଳ ।

ଏ ମହାନୀରବ କ୍ଷଣେ, ଏ ଜ୍ୟୋଛନା ତଳେ
ମୁଗ୍ଧ ମୁଁ ଅନାଇଁ ଏହି ବିପୁଳ ଶୋଭାରେ,
ଅନୁଭବେ ଆହା ! କା’ର ସ୍ପର୍ଶ ଏ ଅନ୍ତରେ
ବଚନୁ ଅତୀତ, ମୁହିଁ ପ୍ରଣମେ ତାହାରେ ।

ସେ ଯେ ସତ୍ୟ, ଶିବ ସେହି, ଏକା ସେ ସୁନ୍ଦର,
ଭୂମା ସେ ରହିଛି ପୂରି ରେଣୁ ରେଣୁ ଭେଦି;
ଅନନ୍ତ ଲୀଳାର ହେତୁ, ଅସୀମ ହୃନ୍ଦର
କ୍ଷଣକେ ସୃଜେ ସେ ତାର ମହାପୂଜା ବେଦୀ ।

ବନ୍ଧୁ ହେ, ପାଇଛି ଆଜ ଏ ଆକାଶ ତଳେ,
ମୋ ଜାନ୍ତି ଅତୀତ-ସାକ୍ଷୀ ଏ ନଦୀ ପୁଲିନେ
ଜ୍ୟୋତ୍ସ୍ନାର ଏ ମହାରାଜ୍ୟେ; ଏ ତରଣୀ ପରେ
ଜାନୁ ପାତି ବନ୍ଧୁ, ତାରେ ଯେନ ହେ ଜୀବନେ ।

ଇଚ୍ଛା ମୋ, ହୁଅନ୍ତା ଏହି ନିର୍ମଳା ରଜନୀ
ଅସରା; ମୁଁ ଖୋଜିଥାନ୍ତି ସତ୍ୟ ଶୁଭ୍ର ତାରେ
ଏ ସୁନ୍ଦର ଜ୍ୟୋତ୍ସ୍ନା ତଳେ, ବାହି ଏ ତରଣୀ
ମୃତ୍ୟୁ ଯାଏ; ନ ଫେରି ସେ ମହା ଅନ୍ଧକାରେ !

ଇରାନୀ-କିଶୋରୀ

[ଇରାନୀମାନେ ଭ୍ରାମ୍ୟମାଣ ଜାତି । ଲେଖକର ଖୋର୍ଦ୍ଧା ଅଧ୍ୟୟନ କାଳରେ ଏଇପରି ଏକ ଇରାନୀ ଦଳରେ ଗୋଟିଏ ଅସାଧାରଣ ସୁନ୍ଦରୀ ବାଳିକା ଦେଖିବାର ତା ଭାଗ୍ୟରେ ଘଟିଥିଲା । ଏଇ କବିତାଟି ସେଇ ବିଦେଶିନୀ ଉଦ୍ଦେଶ୍ୟରେ ଲିଖିତ ।]

ଇରାନୀ କିଶୋରି !
ଗୋଲାପ ମୁଖ ତବ
ନ ହୁଏ ପାସୋରି ।

ଭୁଲିବ କିପରି ମୁଁ; ରୂପ କି ହୁଏ ଭୁଲି
ଅଲିଭା ରେଖା ରଚେ ବୁକୁରେ ତାର ତୁଳି ।

ତା ଭାଷା, ସବୁ ଭାଷୁଁ
ବଳଇ । ମିଶୁ ମିଶୁ
ନୟନ, ବୁକେ ଯାଏ ପରଶି
ଜାଣ କି ତା ଇରାନୀ ରୂପସି ?

ଶୁଭ୍ର ବେଣୀ ଶୋଭେ କନକ ଫଳା ବାନ୍ଧି
ମରଣ ନଚେ ସେହି ରହିବ ଷଣେ ଗୃହିଁ
ଦ୍ରାକ୍ଷା—ସୁକୋମଳ—
ଅଧର, ଟଳମଳ—
ବୟସ ବଢେ, ଯାର ପାନ ଗୋ
ପୀୟୁଷୁଁ ସ୍ୱାଦ ମଧୁଁ ଘ୍ରାଣ ଗୋ ।

ସେ ବିଷ ହାୟ ସଖି; କା’ ଓଠେ ଦେଲ ଢାଳି
ଅଶୀଷ ସମ ଭୁଜ କଣ୍ଠେ କା’ର ଗୁଳି ?
କବରୀ ଗୁଚ୍ଛ ବାସେ
ବୁଡ଼ାଇ ମଧୁ-ରସେ
ପ୍ରଣୟୀ-ବୁକୁ ଦେଲ ମଥାଇ
ସେ ବିଷ-ପାନେ ଚେତା କି ଥାଇ ?

ତୁମର ସ୍ମୃତି ପଥେ ଭାବନା ମୋର ଚଳେ
ଗୋଲାପ ଉପବନେ ପ୍ରଳାପ ଯହିଁ କରେ
ମୁଖର ବୁଲ୍ ବୁଲ୍ । ଝରଣା କୁଲ୍ କୁଲ୍
ଦ୍ରାକ୍ଷା- ଗୁଚ୍ଛା ଭେଦି ବହଇ,
ଜ୍ୟୋତ୍ସ୍ନା ପୁଣି ହୃଦ ଦହଇ ।

ସେ ମଧୁ-ଉପବନେ ଜ୍ୟୋତ୍ସ୍ନା ରାତେ ବସି
ରସିକ ଯୁବା ଡାକେ ପ୍ରିୟାରେ ପରିହାସି
ଗୋଲାପ ମଧୁ ଢାଳେ
କବରୀ ଭରି, କରେ
ସିରାଜ ଧରି ଆସେ ପ୍ରେୟସୀ
ପୀୟୁଷ ଗଣ୍ଡପଥେ ବରଷି ।

ପ୍ରଣୟ- ସଙ୍ଗୀତ ରସିକ ଯୁବା ଗାଏ
ରୂପସୀ ସଖି ଆସି ସିରଜ ଡାଳ ଯାଏ
ଧରଣୀ ରହେ ଦୂରେ,
ଜୀବନ-ନଦୀ କୂଳେ
ସ୍ୱପନ-ପୁଷ୍ପ ହୁଏ ରଚନା
ଜୀବନ୍ତେ ନାହିଁ ଯହିଁ ଶୋଚନା ।

ଏପରି ଉପବନେ ତୁମେ କି ଆଜି, ସଖି
ପ୍ରଣୟୀ ଗଣ୍ଡ ପରେ ମୁଗ୍ଧ ମୁଖ ରଖି
ରୁବାଇୟାତ୍ ଶୁଣି
ପ୍ରିୟଙ୍କୁ ପୁଣି ପୁଣି
ଗେଲେଇ କହ — "କର ଟୀକା ହେ,
ବୁଝି ମୁଁ ନାହିଁ ପାରେ, ଶିକ୍ଷା ହେ ।"

ନଗରୁଁ ନଗରେ ଗୋ ମଳୟ ସମ ବହି
ବେପଥୁ କେତେ ବୁକେ ସୃଜୁଛ ଜାଣ ସହି ?
କେତେ ଯେ ଆଖି ଆଶା — କେତେ ଯେ ବୁକୁ ଭାଷା
ବୁଝି କି ପାରୁଛ ଗୋ ବାଳିକା
ଲକ୍ଷ ହୃଦ ମନୋନାୟିକା ?

ଅଜଣା ଦୂରେ ତମେ, ମୁହିଁ ଅପରିଚିତ
ପୂଜାରୀ ସମ ବସି ରଚଇ ସ୍ତୁତି ଗୀତ ।
ଦେଖିଛୁ ଯେ ନୟନେ
ସେ ରୂପ, ସେ ବଦନେ
ପାଲଟିଥିବ କିଛି ନିକର
ଗାଇ ସେ ଶୋଭା ମୁଖଟିକର !

ପୂଜାରୀ ମାଗେ ନାହିଁ ଦେବତା ପରିଚୟ
କେବଳ ଆରାଧନେ ତା ସୁଖ ସଞ୍ଚୟ,

ତେଣୁ ଅପରିଚିତ
ବିଦେଶୀ ଗାଏ ଗୀତ

ତୋ ଲାଗି ବିଦେଶିନୀ କିଶୋରୀ,
ସେରୂପ ନାକି ହୁଏ ପାଶୋରି ?

ନିରତ ଅୟି ସଖି ! ହୃଦୟେ ଅଛ ଜାଗି
ସେ ବେଣୀ-ହଲ୍ଲା ଗତି ହୃଦୟେ ଅଛି ଲାଗି

କନକ ବାହୁଟିରି
ଏ ବୁକେ ଅଛି ଭିଡ଼ି
ତରଳ କୁବଳୟ-ନୟନ
ବୁକେ ସପନ କରେ ଚୟନ ।

କାହିଁ ଗୋ ଗଲ ସଖି ! ଆଜି ତ ନାହିଁ ଦେଖି
ଜାଣିଲି ନାହିଁ କିଏ ସେ ଓଠେ ବୋକ ଲେଖି
ଭାବିଲି ଏ ଜୀବନ—ଖାଲି ଏକ ସ୍ୱପନ

ଭୁଲିଲି ଏଥି ଯେତେ ଶୋକ ଗୋ
ଅଧରେ ଲେଖି ଥରେ ବୋକ ଗୋ ।

କାହାର ହେଲ ଅବା କରମଶୀଳା ବଧୂ,
ସମସ୍ତ କହେ ଗୁରୁ ଶ୍ୱଶୁର ବୋଲ ସାଧୁ,
ଘରଣୀପଣ ନାକି
ନେଲଣି ଟିକି ଟିକି

ସେ କାଳ ସେ କିଶୋରୀ ଲୀଳା ଗୋ,
ଭୁଲିଛ ପର ବୁକୁ-ଚିର ଗୋ ।

ଜୀବନେ ଯଦି କେବେ ଦେଖା ବା ହୁଏ ପୁଣି,
ଦେଖିବି ନାହିଁ ମୁଁ ତ ସେ ତରଳ-ତରୁଣୀ

ଶିଥିଳ ଚମ ପରେ
ଜରତା ନାଟ କରେ
ନୟନେ ମରଣର ଛାୟା ଗୋ !
ଦେହଥୁ ଧଶଥିବ କାୟା ଗୋ !
ସେ ଛବି କବି ବୁକେ ଆଣିବ ବା ଗୁରୁ,
ଜଗରେ ପ୍ରାଣ ତାର ଜୁହାରେ ନିତି ଦୂରୁଁ,

ତେଣୁ ଗୋ ସୁଦେଶିନି
ଘନ-ନୀଳ-କେଶିନି,
ଧବଳ-କେଶେ ଦେଖା ପାଇଁ ମୋ !
ତିଳେ ହେଁ ଅଭିଳାଷ ନାହିଁ ଗୋ !

ମୋ ପାଇଁ ଥାଅ ଚିର କିଶୋରୀ ସୁତରଳା
ଅଧରେ ହଳାହଳ ନୟନେ ବାଣ-ଛଡ଼ା
ଚରଣେ ଚିରନାଟ
ମରମେ ପ୍ରୀତି-ହାଟ

ଅଙ୍ଗ ପ୍ରତି ଲୋମେ କଟାଶ
ହେ ସଖି ! ମୁଁ ସେ ରୂପ-ଭିଖାରୀ !

ହଂସ ହତ୍ୟା

ଧବଳ ରାଜହଂସ, ଋଜୁ ତା 'ଗ୍ରୀବା
ସ୍ଥୂଳ-ଗ୍ରଥିତ ମଲ୍ଲି-ମାଳିକା କିବା,
ସୁବର୍ଣ୍ଣ ଚଞ୍ଚୁ ପୁଟ—ହଂସୀଟି ତାର
ପ୍ରଣୟେ ବୋଳିଛି କି ହରିଦ୍ରାସାର ସେ ।

ବିହରୁଥିଲା କେଉଁ ସରସୀ ଜଳେ
ପ୍ରେୟସୀ ସେନି ସାଥେ ପ୍ରଣୟ ଭରେ,
ନିର୍ମ୍ମମ ଆତତାୟୀ ମନୁଷ୍ୟ କାହିଁ
ଆଣିଲା ଧରି ଜିହ୍ୱା ଲାଳସା ପାଇଁ ।

ଆଣିଲେ ଯେବେ ଗୃହେ, କରୁଣ ରବ
କରି, ସେ ଝୁରୁଥାଇ ଦୁଃଖ ଲାଘବ;
ଦୁର୍ବଳ ପକ୍ଷ ଝାଡ଼ି ମୁକତି ଲାଗି
ଚେଷ୍ଟା ବା କରୁଥାଇ ବନ୍ଧନ ଭାଙ୍ଗି !

ମୁକତି-ଚେଷ୍ଟା ଫଳେ ବନ୍ଧନ ବଢ଼େ
କରୁଣତର ହୋଇ ମରାଳ ରଡ଼େ,
ଭୃତ୍ୟ କେ ବନ୍ଧ କରି ଗ୍ରୀବା ତାହାର
କହେ 'ଦେଖାଉ ଆଉ କେତେ ବାହାର' ।

ସନ୍ଧ୍ୟାରେ ଆସିଥିଲି, ନଣା ବଗଲା
ଯାପିଲା ନୟନରେ, କରୁଣେ ଡାକ ।
ପ୍ରଭାତେ ଗଲା ଦେଖା ଅବଶ ପକ୍ଷୀ
ପଡ଼ିଛି ଶୋଇ ଗ୍ରୀବା ପିଠିରେ ରଖି ।

'ଆଉର ମର ନାହିଁ !'—ଦେଖି କହିଲେ
ମାଂସାଶୀ ଗୃହସ୍ୱାମୀ ସଦା ଚହିଲେ,
'ହଅ ନା ଶେଷ କର ଉତ୍ସବ କଥାଁ,
ଆସିଛି ଏତେ କଷ୍ଟେ—ଜାଲରେ ନଥା !'

ପାଶେ ମୁଁ ଥିଲି ଠିଆ ଅନାଇ ହଂସେ,
ଦେଖାଇ କୋଇଲେ ସେ ମଧୁର ହସେ
'କାହିଁରେ, ଦେଖି ଦେଖି, ମୋଡ଼ିଲୁ ବେକ,
ପାରବୁ ? – ଅନାଡ଼ି ତୁ !—ଆନରେ ଡାକ ।'

ନବୋଧ ଶିଶୁ ମୁହିଁ—ବୟସ୍କ ଆଗେ
ଯୋଗ୍ୟତା ଦେଖାଇବା ଶୀଘ୍ର ସବାଗେ,
ଧଇଲି ମୃତ ପ୍ରାୟ ପକ୍ଷୀର ଗ୍ରୀବା
ମୋଡ଼ିଲି ବଳେ, ଇକ୍ଷୁ ଦଣ୍ଡ ସେ କବା !

ମରଣେ ମୁକ୍ତି ଲଭି ଚଳିଲା ହଂସ
ଶେଳ ହୋଇଛି ସଦା ସ୍ମୃତି ନୃଶଂସ ।
ନଜରେ ମଣେ ମନେ ମୁଁ ଆତତାୟୀ
ଘାଲଇ ସେ ପାପର କ୍ଷାଳନ କାହିଁ ?

ସେ ନିଶା, ସେ ମଦିର ସେ ଜୀବହତ୍ୟା
ଦିନ ଦିନକେ ମନେ ପଡ଼େ ଅଗତ୍ୟା ।
ଭଗ୍ନ ତା ଗ୍ରୀବାଦଣ୍ଡ, ମୃତ ଶରୀର
କରିଛି ହୃଦେ ବହୁ କ୍ଷତ ଗଭୀର ।
ସେ ଦିନ ସେ ମଦିର ରିକ୍ତ ଉପାସେ
ହଂସିନୀ କଥା ତାର ପ୍ରତି ନିଃଶ୍ୱାସେ
ଲୁଚି କି ନାହିଁ ଥିବ ଚଉଦରେ ତାର
ପ୍ରଣୟୀ ଖୁଆଇବା ଅନ୍ନେ ଆହାର !
ହଂସୀଟି ତାର ସରେ ଉଦ୍‌ଗ୍ରୀବ ହୋଇ
ଚଞ୍ଚୁରେ ଚଞ୍ଚୁ-ପୂର୍ଣ୍ଣ ଆହାର ଥୋଇ
କୁଳାୟୁ ଆଶେ, ଆଉ ପ୍ରଣୟୀ ଆଶେ
ରହୁଁ ସେ ଥିବ ନିକି ତିକ୍ତ ନିରାଶେ !
ସେ ଦୁଇ ଜୀବନର ସେ ଯେ ନିରାଶା
ଅପୂର୍ଣ୍ଣ ସୁଖ-ସ୍ୱାଦ, ଅବ୍ୟକ୍ତ ଭାଷା
ଏ ଅପରାଧୀ ପ୍ରାଣେ ତୀବ୍ର ଧିକ୍କାର
ଦିନ ଦିନକେ କରୁଅଛି ସଞ୍ଚାର ।

ତରୁଣ କବିର ଆଶା

ଏତେ ବର୍ଷ ସେ, ପାଏ କି ଭାଷା,
ହାୟ ରେ ତରୁଣ କବିର ଆଶା !
ଭାବିଥିଲି ଯିବି ଅସୀମ ପଥେ
ସୁରଭି-ଶୀତଳ-ମଳୟରଥେ
କୁସୁମ-ଫଗୁଲ ଫଗୁଣ-ପୁରେ
ବାହି ଗୋ ଦୂରେ !
ଅଶୋକକଳିକା ଶ୍ରବଣେ ଗୁଞ୍ଜି
ଚରଣେ ଝୁଲାଇ ବଉଳ-ପୁଞ୍ଜି
ପରିମଳ ପରି ଯାଆନ୍ତି ମିଶି
ମୁଁ ଦଶଦିଶି !
ପରିମଳ ସମ ଗଗନେ ଭାସି
ପାଗଳ କରନ୍ତି ଜୋଛନାରାଶି;
ଜୋଛନା ଡାକନ୍ତା 'ଆସ ହେ ପ୍ରିୟ,
ଚୁମ୍ବନ ନିଅ !'

ଚଇତି-ପବନ ସଙ୍ଗୀତ ଧରି
ସେ ପାରି ଆକାଶେ ଯାଆନ୍ତୁ ଚଳି,
ମୁକତି ଲଭନ୍ତା ପରାଣ ମମ
ବିହଗ ସମ ।

କୋକିଳ ଡାକନ୍ତା, 'ଆସ ହେ ଭାଇ'
ତରୁଣ ସେ କବି ହୁଅନ୍ତା, ବାଇ,
ଗୋଲାପ କହନ୍ତା, 'ଆସିଲ ସତେ,
ଏତେଦିନକେ ।'

ଭାବିଥିଲି ଦୂରି ମନୁଷ୍ୟ-ତ୍ରାସ,
ମଧୁର କରିବି ଧରଣୀ-ବାସ
ଏକଇ ଆଦେଶେ; ଜୀବର ହିତେ
ପୃଥିବୀ ପୀଠେ ।

ଦେଶରୁ ଦେଶକୁ ଯାଆନ୍ତି ଉଡ଼ି
ନିଖିଳ ଜାତିର ହୃଦୟ ଜୁରି
ପ୍ରେମର, ଜ୍ଞାନର ପ୍ରଚୁର କରି
ପରାଣ ଭରି

ଭାବିଥିଲି ଆହା ବକୁଳ ତଳେ
ସୁରଭି କୁସୁମଶୟନ ପରେ
ଯାପିବି ଜୀବନ ପ୍ରେୟସୀ ଧରି
ସ୍ୱପନ ପରି ।

ବାଛୁ ନେଇଥିଲି ମୋର ପ୍ରେୟସୀ
ଲାବଣ୍ୟ ପ୍ରତିମା, ସମବୟସୀ,
ଭାବିଥିଲି ତାରେ କରିବି ସାଥୀ
ଚରଣ ପାତି ।

ଭାବିଥିଲି ଛାଡ଼ି ପୃଥିବୀ ବାଧା
ପୂଜିବି ସେ ମୋର ହୃଦୟ-ରାଧା
ବଜାଇ ମୁରଲୀ ମୁଁ ଅବିରତ,
କାହ୍ନି ବରତ ?

ଅସିତ ଶୃଙ୍ଖଳା ଯାମିନୀ ତଳେ
ସେ ରାଧା କୋମଳ ଜଘନପରେ
ଜୀବନ ମରଣ ଯାଆନ୍ତି ଭୁଲି
ସପନ ପରି ।

ବିଜନ ତଟିନୀ ବେତସ ଗେହେ,
ତାଳ ଦେଇଆନ୍ତି ଅଳସ ଦେହେ
ଚମକନ୍ତି ଶୁଣି ନୂପୁର ଧ୍ୱନି,
ପ୍ରେୟସୀ ମଣି !

ମାନସୀ ଆସନ୍ତା ହଲାଇ ବେଣୀ
ଚଞ୍ଚୁରେ ଚଳାଇ ନୟନ ଦେନି,
ଲଗାଇ ଦିଅନ୍ତା ପ୍ରିୟରେ ତାର,
କୁସୁମ-ହାର ।

ପାଶରେ ଥାଆନ୍ତା ରସ କବିତା,
ଚିର-ଯଉବନ ପ୍ରଣୟ-ଗୀତା
ପ୍ରେୟସୀ ଗାଆନ୍ତା, ଚୁମ୍ବନ୍ତ ମୁଖ,
ପୂରନ୍ତା ବୁକ !

ହାଇ ରେ ତରୁଣ କବିର ଆଶା
ଏତେ ବିରାଟ ସେ, ପାଏ କି ଭାଷା,
ଆକାଶ ବସୁଧା କେତେ ସେ କରେ
ନିମିଷକରେ ।

କାହିଁ କଳପନା କାହିଁ ଜୀବନ,
ତରୁଣ କବିର ଜଳଇ ମନ,
ଚାରିଆଡ଼ୁ ବାଜେ ଦାରୁଣ ବାଧା,
କାହିଁ ତା ରାଧା !

ନାହିଁ ରାଧା, ନାହିଁ ବେତସ-ଲୀଳା
ନାହିଁ ପାଶେ ବେଣୀହଲା ଛଇଳା,
ପ୍ରଣୟରେ ମାତି ହେବାକୁ ଗେଲ
କାହିଁ ତା ବେଳ !

କାନ୍ତୁତର ସାଥୀ ନାହିଁ ତା ପାଶେ,
ବାଳିକା ସେ ଗଲ୍ ଆନର ଆଶେ,
କାହା ଗଳେ ସୁଖେ ଛନ୍ଦିବ ବାହୁ
କହ ସେ ଆଜ ?

ପ୍ରଣୟୀ ହେବାର ଘୁଞ୍ଚିଛି ଆଶ,
କେ ବାଳା ବାନ୍ଧଇ ପ୍ରଣୟ-ପାଶ
କେବଳହିଁ ପ୍ରାଣ ଗୀରତ-ଲଭ;
ଗରବ କଇ !

ଗରବ କଇରେ ସଂସାର ପୀଡ଼େ,
କଇତାକୁ କେଉ ନାହିଁ ଏ ଭିଡ଼େ
ଫଗୁଣ ଚଳଇ ଚଇତ ଆସେ
କି ଯାଏ ଆସେ !

ପ୍ରଣୟ-କଇତା-ସ୍ୱପନ ନାହିଁ,
ନିମିଷେ ନିମିଷେ ଗଲେ ଉଭାଇ,
ମଣିଷ ବେଭାରେ ଯାଉଛି ଦ୍ରବ
ତରୁଣ କଇ !

ଧୁଆଇ ନେବାର ଜଗତ ବ୍ୟଥା
ସୁଦୂର ସ୍ୱପନ । ନିଜର କଥା
ନପାରେ ଭୁଲାଇ ଗରବ କଵ,
କରୁଣ ଛବ ।

ମଣିଷ ହୋଇ ତା ଏଡ଼େ ବର୍ବର ।
ଧରାରେ ସରଗ ସୃଜନା ତାର
ଏ କଳପନାକୁ ପାଏ କି ଭାଷା
ହାଇ ରେ ତରୁଣ କଇର ଆଶା ।

— ——

ପ୍ରଣୟୀ

ବକ୍ଷଭରା ଏ ପ୍ରଣୟ ମୁଁ କାରେ ଦେବ ଗୋ
ବଡ ଉଚାଟ କରେ ମତେ ଦିନରାତି,
ଅଶ୍ରୁ ନିଗାଇ, କାହାର ଚରଣ ସେବ ଗୋ
ସକଳ ଲୋମ ମୋ ପୁଲକେ ଡାକେ 'ସାଥୀ' ।

ପିଆଲା ଉବୁର ଉଚ୍ଛୁଳେ ମମ ଜୀବନ,
କାହା କର-ପୁଟେ ଢାଳିଦେବ ସଖା-ସୋହାଗେ
କାହାରେ ପାଇ ମୁଁ ଭୁଲିଯିବ ଜରା-ମରଣ,
ଜୀବନ ଲାଗିବ ମଧୁର, ଗଭୀର-ସରାଗେ ।

ବସନ୍ତ ଆଜି ମଧୁର କରିଛି ଧରଣୀ
ମଳୟ ମତ୍ତ, ଚୁମ୍ବି କୁସୁମ-ସୁରଭି ।
ଆମ୍ର ବକୁଳ-ମଦାଳସା ପିକ-ରମଣୀ
ପ୍ରଣୟୀ ପାଇଁକି ଗୁଡ଼ୁଛି ମହୁଆ ପୂରବୀ ।

ବାତାୟନ ଦେଇ ଗନ୍ଧ-ବଧୂର ଦକ୍ଷିଣା
ପରଶି ଅଙ୍ଗ, ଥରାଏ ନିଖିଳ ଚିତ୍ତ
ଅନ୍ତର-ପୁରେ ଖୋଜଇ ତରୁଣୀ ନବୀନା
ଏ ମଧୁର କାଳେ ଲୁବ୍ଧ-ଚିତ୍ତର ସାଥୀ ।

ତରୁଣୀ ଜୀବନ ଝରଇ ପଡ଼ି ଗୋ ଲୋତକେ
ଆଦ୍ୟ-ମଳୟେ କାନ୍ଦେ ମୋ ବୁକୁ-ଷୋଡ଼ଶୀ,
ସେ ବୃନ୍ଦେ ଜୀବନ ଢାଳିଦେବ କଥା ପଦକେ
କହିବ ଯେ ଖାଲି "ତୁମରି ମୁଁ ସମବୟସୀ !"

ବସନ୍ତ ଆଜି କେ ଅଛ ଆସ ଗୋ ନାଗର,
ପ୍ରଣୟ-ବଧୂର ତରୁଣୀର ନେବ ସୁଆଗ,
ତବ ଅବଗାହେ ଧନ୍ୟ ହେଉ ଏ ସାଗର
ତୁମରି ଶ୍ରବଣେ ଧନ୍ୟ ହେଉ ତା ବେହାଗ ।

× × ×

ସନ୍ଧ୍ୟା ଯେ ହେଲା, ନଇଲେ ତ କେହି ପ୍ରଣୟୀ
କ୍ଳାନ୍ତ-କଣ୍ଠ କୋକିଳ ଡାକଇ ମାଡ଼େ,
ହିଗନ୍ତେ ହିଗ-ମଧୁର ମଳୟ ଚଳଇ,
କେଳି-ସାଥୀ ଘେନି ହଂସ ଫେରଇ ଘରେ ।

ଅଗଣ-ସନ୍ଧ୍ୟା ଯାପିଛି ଏକାକୀ ଦୀନ ମୁଁ,
କେହି ନ ଆସିଛି କଣ୍ଠେ ମୋ ବାହୁ ଭିଡ଼ନେ
ମରଣ ନାହିଁ ଗୋ ସୁଖର ଏ ଘୋର-ସରମୁଁ ?
ସାଥୀ-ସଙ୍ଗାତ କାହାର ନାହିଁ ଏ ଭୁବନେ ?

ଜଣ ଜଣ କରି ବରି ମୁଁ ଆଣିଛି ଦେବତା
ଜଣ ଜଣ କରି କହିଛି ବୁକୁରେ ଥିଲା ଯା,
ଜଣକର ହେଲେ ନ ହେଲା ମୋଠାରେ ମମତା
ସକଳେ ଚେତିଲେ ଦୀନ ଦରିଦ୍ର ପରି ଯା !

କେତେ ଥର ଆହା ବୁଝାଇଲି ନିଜେ ନିଜରେ,
"ଅପଦାର୍ଥର ବାନ୍ଧବ କାହିଁ ଜଗତେ ?"
ଗୁମରି ବିଳପେ ବୁକୁ-ବଧୂ ଅଭିମାନରେ
"କପାଁ ତେବେ ବିଧି ଦେଲ୍ ଏ ବିଳାପ ରକତେ ?"

ପରବାସ ସେ ଗୋ, ବଡ଼ ପରବାସୀ ଦଇବ,
ଲୁହ ରଖି ଲୁହ ପୋଛିବାର ନାହିଁ ବିଧାନ,
ପତିତର କପାଁ ଦେବ-ଭୋଗ ଆଶା ହୋଇବ,
ନିଜ ଇଚ୍ଛାମତେ ବିଧାତାର ସବୁ ଭିଆଣ !

ସବୁ ଭିଆଣରୁ ପୀରତି-ଭିଆଣ ଜଟିଳ,
ବିଳପି ବସିଲେ ବୋଧିବାର ଲୋକ ନ ଥାଏ,
କଠିନ ଆଦରେ ବାନ୍ଧିବା ଲୁହ ଆଖିର,
ଯେତେ ପୋଛ, ପୁଣି ସେତିକ ଗୋ ବୁକୁ ବଥାଏ ।

× × ×

ସକଳ ସନ୍ଧ୍ୟା ପରି ମୁଁ ଆଜ ଗୋ ବିଳପେ
ବସନ୍ତେ ଏଇ ନବଜାତ-ଘାସ-ଆସନେ,
ଅଙ୍ଗ ଗୁହେ ଏ କାନ୍ତ-କୋମଳ ତଳପେ
ଆରେକ ଦେହର ସରସ ନିବିଡ଼ ମିଳନେ ।

ବନ୍ଧୁ କେ ଗୁହିଁ, ଅଭିସାର କର ଏଠାବେ,
ବାସକ-ସଜ୍ଜା ରହିବି ମୁଁ ସାରା ଯାମିନୀ,
ଆସ କେ ଆସିବ, କବରୀ-କୁସୁମ-ପରାଗେ
ଉଦ୍‌ବେଳ କରି ହୃଦୟ ଏ, ବନ୍ଧୁ-କାମିନ !

ତରୁଣ ଆସିଲେ କଂକଣଧ୍ୱନି ଶୁଣିବ,
ତରୁଣୀ ଆସିଲେ ନୂପୁର ବାଜବ ଅଦୂରେ,
ତରୁଣ ଆସିଲେ ଗୀତେ ତାର ଗୁଣ ଗୁଣିବ,
ତରୁଣୀ ଆସିଲେ ତୋଳନେବ ତାକୁ ବୁକୁରେ ।

ଯେ ଆସିବ ଆସୁ, ନିଃଶେଷ କର ପାନ
ପିଆଇବ ତାକୁ ସରସ ଜୀବନ-ମଦିରା,
ସାଥୀ ଖୋଜେ ଆଜ ପ୍ରାଣ ମୋର, ଏ ମୋ ଗାନ ।
ଉତ୍ପ୍ଲାବ ଉଠେ ରସର ତଟିନୀ ଗଭୀର ।

ଦକ୍ଷିଣା ଭ୍ରମର

—୧—

ଦକ୍ଷିଣରେ ବାସ ତବ ? କାହା କନ୍ୟା ? କାହା ଗୃହବଧୂ ?
ବସନ୍ତପ୍ରେୟସୀ କିଗୋ !—ସଙ୍ଗେ ତାର ଭ୍ରମ ଯେ ସର୍ବଦା
ଦକ୍ଷିଣ-କବାଟ ଫେଇ ସୁକୁମାର, ବୁଲିଆସ ଲଘୁ
ସାଗର ପର୍ବତ ଡେଇଁ ଅଭିସାରେ ତାପାଇଁ ପ୍ରମଦା !

ଆଜ ଏ ଚଇତ ସଞ୍ଜେ ବାତାୟନ ବସିଛୁ ମୁଁ ଖୋଲି
ଆପଣାର ଭାଗ୍ୟ ଚିନ୍ତା—ପ୍ରହରେକ ହୋଇଲାଣି ନିଶା;
ଶୀତଳ ଚନ୍ଦନଗନ୍ଧି ତୋ ପରଶ ଦିଏ ଅଙ୍ଗେ ବୋଳି,
ମୁଗ୍ଧ ମୁଁ ନ ପାରେଁ କରି ଆପଣାର ଭାଗ୍ୟର ମୀମାଂସା ।

ଶୀତଳ ପରଶ ତବ, ତରଙ୍ଗିତ କୋମଳ ଆଶ୍ଳେଷ,
ତୁଷାର-ଧବଳ ଜ୍ୟୋତ୍ସ୍ନା ଆବରିଛି ଗଗନ ଧରଣୀ,
ଏକାକୀ ତରୁଣ ମୋର ବୁକେ ଆସେ ବେଦନା ବିଶେଷ
ଏକାଳେ । ପାଇଛ କିକ ସେ ବ୍ୟଥାର ସନ୍ଧାନ ରମଣି ?

—୨—

ଏକଦିନ ସନ୍ଧ୍ୟାକାଳେ ଏ ବ୍ୟଥାର ପ୍ରଥମ ପ୍ରକାଶ,
ତୁମେ ଥିଲ, ଥିଲା ଜ୍ୟୋସ୍ନା, ଥିଲା ଘନ ସହକାରଛାୟା,
ଏକାକୀ ନ ଥିଲି ମୁହିଁ; ଗଣ୍ଡେ ମୋର ଆନର ନିଶ୍ୱାସ
ବାଜୁଥିଲା ଥର ଥର, ରକ୍ତେ ସୃଜି ଯାଦୁକରୀ ମାୟା ।

ସେଦିନ ଯାଇଛି ଦୂରେ, ଅଛି ମୁହିଁ, ସେ ଦିନର ସାକ୍ଷୀ
ଆସିଅଛ ଆଜ ତୁମେ । ବ୍ୟଥା ପୁଣି ଜାଗଇ ନୂତନ,
ମନେ ହୁଏ ଆହା ସତେ ଏ ଜୀବନ କେଡ଼େ ନିରମାଖୀ,
ନ ପାଇ କେବଳ ତାରେ ଯାହାଲାଗି ଏତେ ଅନ୍ୱେଷଣ ।

ହାୟ ଏ ମାନବ ଜନ୍ମ—ପ୍ରାଣେ ଏଡ଼େ ଗଭୀର ପିପାସା,
ହାତେ ତାର ନାହିଁ କିନ୍ତୁ କରିବାକୁ ତୃଷା ପରିତୋଷ;
ନିଷ୍ଠୁର ଏ ପରିହାସ !—ତୃପ୍ତି ନାହିଁ, ଅଛି ମାତ୍ର ଆଶା;
ମିଳନର ଆଶା ନାହିଁ,—ପ୍ରିୟାପାଇଁ ପ୍ରାଣେ ଏଡ଼େ ଶୋଷ !
ବିଦ୍ରୋହେ ଉଠୁଛି ମନ ହେ ଦକ୍ଷିଣେ, ଇଚ୍ଛା ତେଜି ଦୂରେ
ଏ ସମାଜ, ଏ ଅମାତ୍ୟ, ଯାନ୍ତି ଚାଲି ତବ ସିନ୍ଧୁକୂଳେ !

—୩—

ଦୂର ସେ ଦିକ୍‌ଚକ୍ର ପାରେ କେଉଁ ମହାପ୍ରାସାଦର ରାଣୀ,
ଶ୍ୟାମଳ ତମାଳ ତାଳୀବନ ଘେନି ଯା ସୀମାନ୍ତ ଘେରା,
ତହିଁ ମୋତେ ଘେନିଯାଅ, ବଦନରେ ଅନ୍ତରର ବାଣୀ
ନ ଫୁଟୁ, ପ୍ରେୟସୀ ଯହିଁ ବୁଝିଥାଏ ଅନ୍ତରର ଖେଳା ।

ବକ୍ଷ ପାତ ନିଅ ମତେ ହେ ଚଞ୍ଚଳା ! ହେ ଶୀତଳ-ଦେହି !
ତୁମର ସେ ଦୂର ଦେଶେ—ନୀଳସିନ୍ଧୁ, ସ୍ୱର୍ଣ୍ଣବେଳା ପରେ
ବରହିଣୀ ପରି ଯହିଁ କବରୀର ଫେନପୁଷ୍ପ ଫେଇ
ଅହର୍ନିଶ ପିଟେ ମଥା, ବଳାପେ ତା ମାରି ବେଳା ଥରେ !

ଜଳ-ନାରୀ ନୃତ୍ୟ ହାସ୍ୟେ ଭଙ୍ଗେ ଯହିଁ ମହା ନୀରବତା,
କେବଳ ଅପ୍‌ସରୀ ପଦେ ମଥିତ ଯା କମନୀୟ ବେଳା,
ମଧ୍ୟାହ୍ନେ ଅମର ଯହିଁ କେତକୀର କନକ ସିକତା
କୀର୍ଣ୍ଣ କରେ ପଦତଳେ, ଖୋଜୁଁ ପ୍ରିୟା-ନୀଡ଼ାଭ୍ରଷ୍ଟ ବଳା ।
ଚନ୍ଦ୍ରାଲୋକେ ସଇରନ୍ଧ୍ରୀ ଖେଳୁଥାନ୍ତି ଯହିଁ ଜଳ-ନାରୀ,
ନଗ୍ନଦେହା, ଘନକେଶେ ସ୍ତନତମ୍ବଯୁଗଳ ଘୋଡ଼ାଇ ।
ଉଚ୍ଛଳ ଯୌବନ-ମଦେ, ଢଗେ ଢଗେ ଚନ୍ଦ୍ରିକା ବଦାରି
ଭ୍ରମୁଥାନ୍ତି, ଢଗେ ଢଗେ ଶରୀରର ସୌରଭ ଛଡ଼ାଇ ।
ସେହି ଦେଶେ ନିଅ ମତେ, ଭୁଜ ପାତ ଧର ମତେ ଧରି
ସନାତନ ସ୍ୱପ୍ନେ ଯିବି ଏ ଜଞ୍ଜାଳ ତେଜି ସଂସାରର ।

—୪—

ତୁମରି ପରିରେ ମତେ କର ସତେ ଜୀବ, ଦେହହୀନ,
କ୍ଷୁଧା ମୋର ଯାଉ ଗୁଳି, ନ ରହୁ ଏ ସୀମା ଶରୀରର,
ବିହଙ୍ଗ ପରି ମୁଁ ଦୂର ଦଗନ୍ତେ ହୋଇଯାନ୍ତି ଲୀନ,
ଇଚ୍ଛାମତେ ଜାଣୁଥାନ୍ତି, ବାର୍ତ୍ତା ମୋର ପ୍ରବାସୀ ପ୍ରିୟର ।
ଅଶରୀରୀ ହୋଇ ଥରେ ମିଶନ୍ତି କି ତବ ଦେହ ସାଥେ,
ନ ଥାନ୍ତା ବାସନା, କ୍ଷୁଧା, ନ ଥାନ୍ତା ଏ ଶୋଣିତର ପୀଡ଼ା,
ଅଶରୀରୀ ହେଇ ଏହି ସଂସାରରେ ଫିଙ୍ଗି ପଦାଘାତେ
ଖେଳନ୍ତି ତୋ ସଙ୍ଗେ ମିଶି ଦେହହୀନ ସୌନ୍ଦର୍ଯ୍ୟର କ୍ରୀଡ଼ା ।

ଦାରୁଣ ଏ ଭାଗ୍ୟ ମୋର, ଇଚ୍ଛାମତେ ଚଳେ ନା ଜୀବନ,
ଆଜି କେ ଅଦୃଷ୍ଟ ପ୍ରଭୁ ବାଧା ମତେ ଦିଏ ପଦେ ପଦେ,
ଇଚ୍ଛା ମୋର, ଛିଣ୍ଡାଇବି ଏ ଶୃଙ୍ଖଳ, ଏ ଯେ ନିୟନ୍ତ୍ରଣ,
କରିବି ଜୀବନେ ମୋର ଉଚ୍ଛଳିତ ସ୍ୱାଧୀନ ଆନନ୍ଦେ !

—୪—

ଦିବ୍ୟ, ବନ୍ଧୁ, କି ଶୀତଳ କି ପେଲବ ପରଶ ଦେହର,
ଯୌବନ ଜୀବନ୍ତ କାର ହସ୍ତ ସଖି, ବକ୍ଷ ପରେ ତବ
ଦେଇଛି ଚନ୍ଦନ ଲେପ ? କେଉଁ ବନ କୁସୁମ କେଶର
ଲଗାଇଛି ଦେହେ ତବ ଏ କୋମଳ ମଧୁର ସୌରଭ ?

ବାତାୟନ ଦିଏଁ ମୁଦି, ସ୍ୱପ୍ନେ ମୋର ଚକ୍ଷୁ ଆନମିତ,
ଅଙ୍ଗନ ବକୁଳପତ୍ରେ ଶୁଭୁଥାଇ ତୋ ବଳାବାଜଣା,
କେବେ ସଖି, ଯିବ ଫେରି ? ପଦପାତ ସରମ-ଶଙ୍କିତ
ଅପେକ୍ଷି ପ୍ରିୟ ଯେ କେତେ କରୁଥିବ ଦିବସ ଗଣନା ।

ପଲ୍ଲୀପ୍ରିୟା

ନଗରେ ଆଜ ଗୋ, ଛନ୍ଦେ ଉଠଇ ପଲ୍ଲୀପ୍ରିୟା
ସରମ-ଲୋହିତ ଗଣ୍ଡର ଛବି ନଥାଏ ହିୟା,
ବହୁ ଦୂରେ ଗୁଡ଼ ଆସିଛି ରୂପସୀ ପଲ୍ଲୀପ୍ରିୟା ।

ସଜନୀରେ ଘେନ ଯାଏ ସେ ସ୍ନାହାନେ ସରସୀକୂଳେ
ସରଣୀ ଶୋଭାର ଆପଣା-ଚରଣ- ପଲାଶ-ଫୁଲେ,
ନୂପୁରଯୁଗଳ କହୁଥାଏ କଥା ପାହୁଡ଼ ଭୁଲେ ?

କୁଙ୍କୁମଲେପ- କନକବରଣୀ ଫେରଇ ଘରେ
ଆର୍ଦ୍ର ବସନ ଜଡ଼ିତ ଅଳସେ ବକ୍ଷପରେ,
କଳସୀର ଭାରେ ନୟନ ଥାଏ ଗୋ ଧରଣୀ ପରେ ।

ପଥେ ଘାଟେ ଗୃହେ ବାର ବାର ମୁହିଁ ଦେଖିଛି ତାରେ
ଥର ଥର ନୂଆ ନୃତ୍ୟ କଲା ସେ ଛନ୍ଦ-ଦ୍ୱାରେ,
ଥର ଥର ନୂଆ ରଗିଣୀ ବାଜଲା ବୀଣାର ତାରେ ।

ଦେଖିଛି ତାହାରେ ଶମରକ୍ଲାନ୍ତ ଗୃହିଣୀ ପରି
ସ୍ୱିନ୍ନ ଲଲାଟେ ଚୂର୍ଣ୍ଣ ଚିକୁର ଥାଏ ଗୋ ଜଡ଼ି,
ଶିଥିଳ ବସନ ଅଙ୍ଗ ଦେଖାଏ ବକ୍ଷଧରି ।

ନବ କର୍ଷିତ ଧରଣୀ-ଗନ୍ଧେ ନାସିକା ତାର
ଫୁଲବାର ଶୋଭା ଦେଖିଛି ଏ ଜନ ଅନେକ ବାର,
ଥର ଉଠୁଥାଏ ନାସାର କନକ ଅଳଂକାର

ପୁନ୍ନାଗ ବନେ ଫଳ ଆହରଣ- ଚଞ୍ଚଳ ଗତି,
ଦେଖିଛି ଚକୁର ଝୁଲି ପଡ଼ୁଥାଏ ଚରଣପ୍ରତି,
ପଛରେ ପଣତ ନଇଁ ତାରେ ଦେଇ- ଥାଏ ପ୍ରଣତି ।

କନ୍ୟଶ୍ୱ ପର ଦେଖିଛି ବୁଲିବା ବାରଧି ବେଳା
ଏକାକିନୀ; ଦୂରେ ଭାସି ଯାଉଥାଏ ସାଗର ଭେଳା,
କଉଡ଼ିକମାର ତଳେ ଲୋଚନ କରଇ ଖେଳା ।

ଯହିଁ ଯାଏ ସେ ଗୋ, ହୁଅଇ ସେଥିର ଅଳଂକାର
ସ୍ନାହାନେ ଚଡ଼ାଶେ ପଦ୍ମ ଫୁଟଇ ମୁଖରେ ତାର,
ଶପ୍ନେ ଲଭଇ ଧରଣୀ କନକ- କୁସୁମହାର ।

ଜ୍ୟୋସ୍ନା ରେ ବନେ ଭେଟିଲି ତାରେ ମୁଁ ଗ୍ରାମର ଶେଷେ,
କନଅର ଫୁଲ ଅଯତନେ ଥିଲି କଜଳ କେଶେ,
ଭାବିଲି ବା ତାର ଅଭିସାର ହେବ ଆଜି ଏ ବେଶେ ।

ପଛୁଁ ସରମେ ହସି ଲୁଚିଗଲି ନିକଟ ବନେ
ବୁଝିଲି ସେ ଯାଏ ରନ୍ଧନ-କାଠ ଅନ୍ୱେଷଣେ,
ପଲ୍ଲୀବାଳା ସେ, ଅଭିସାର କାହିଁ ତା ଯଉବନେ ?

କୁସୁମ ପରି ସେ ଆପଣାର ରୂପ ଜାଣଇ ନାହିଁ,
ସେଥିଲାଗି ସିନା ଏତେ ବନ୍ଧନ ସେ ରୂପ ପାଇଁ !
ମାରବତା ତାର ଅନ୍ତାନୁ କରେ ଅଧିକେ ବାଇ ।

ଚୈତ୍ରେ ଦିନେକ ବସନ୍ତ ବହେ ଗ୍ରାମଟି ଧରି,
ବାଡ଼-ସହକାର- ମଞ୍ଜରୀ ଉଠେ ମଳୟେ ଥରି,
ପ୍ରାଙ୍ଗଣ ସାରା ଗୁରୁ ସଞ୍ଚରନ୍ତେ ରହିଛି ଭରି ।

କରମ-କ୍ଳାନ୍ତ ତରୁଣୀ ସେଦିନ ମଣିତ ଘୁରି
ରବି-ଛାୟାଁ , ବନ- ଗୁଲ୍ମେ ସେ ଶୟନ ରଚିଛି ଯାଇ,
ଏକାକିନୀ ସେ ଗୋ, ବକ୍ଷେ ବସନ କିଛିହିଁ ନାହିଁ ।

ସହସା ପହଁଚି ଚକିତେ କହିଲି, "ହେ ସୁନ୍ଦରି !
ହୃଶେ ପାଗଳ କର ନା ବକ୍ଷେ ନଗ୍ନ କରି,"
ଚମକି ଉଠିଲି ହରିଣୀ ପରି ସେ ମନୋହରୀ !

ଛନକି ଉଠିଲି ଯିବାକୁ ଆପଣା ଭବନ-ପଥେ
କହିଲି ମୁଁ "ଆଗୋ, ବାଣୀ କିଛି ମୋର କର୍ଣ୍ଣଗତେ
ଯେନ ଚଳି ପଡ଼େ, ବାଧା ନାହିଁ, ନିଜ ଭବନ-ପଥେ ।"

ଥମକିଲା ଗୋରୀ; କହିଲି ମୁଁ "କହ, ଭଗିନୀ ମୋର,
କେହି କି କେବେ ଗୋ ଖୋଲିଛି ଦେଉଳ ହୃଦୟେ ତୋର ?
ଆଉ କା ନୟନେ ବାଁଧା ଅଛି ତୋର ନୟନ-ଡୋର ?"

ମୂଢ଼ବତ ମତେ ରହିଲା ଚାହିଁ ସେ ପଲ୍ଲୀବାଳା,
ପଣିତ ରହିଲି ଚଳହୀନ, ମୂକ ପଦର ବଳା,
"ବୁଝି ନାହିଁ ପାରେ" "ଛାଡ଼ ଯାଏ ମୁହିଁ" ବୋଲି କହିଲି ।

ବୁଝି ପାରିଲି ନି ବିଫଳ ପ୍ରୟାସୀ ଫେରିଲି ଘରେ
ବାଳିକା ପରି ସେ ତରୁଣୀ ଚଳିଲା ସରଣୀ ପରେ,
ଫେରିଲି ନି ଫେରି ଏ ପ୍ରୟାସୀ ପରେ ନୟନ ଥରେ ।

ବାଣ ମାର ପଦ ନ ଶିଖିଲ, କଳା ନୟନ କିଆଁ ?
ପ୍ରତିମା ନ ଥାଇ କି ଲକ୍ଷ ରଖି ଗୋ ଶୂନ୍ୟ ହିୟା ?
ଏ କଥା କି ଆହା ଜାଣେ ଗୋ ରୂପସୀ ପଲ୍ଲୀପ୍ରିୟା ?

ବ୍ୟବହାରହୀନେ ଭ୍ରୂଧନୁ ଶୋଇଛି ଜନମ କାଳୁ
କଟାକ୍ଷ କିସ ଜାଣେନା ତାହାର ନୟନହିରୁ,
ଜାଣେ ନା କେବେ ସେ ଡାକ ପାଇଥିଲା କାହାରିଠାରୁ ।

ତଥାପି ଭୁଲିନ ଏ କଥ ତୁମରେ ପଲ୍ଲୀପ୍ରିୟା,
ନିତ୍ୟ ତୁମର ଜଳବାହ୍ନି ଶୋଷି ଖୋଜଇ ହିୟା,
ନିତ୍ୟ ଭାବଇ, "ଦୂରେ ସେ ରହିଲା ପଲ୍ଲୀପ୍ରିୟା ।"

ନିଦ୍ରିତ ଭଗବାନ

— ୧ —

ଦେବଶିଶୁ ଚଳେ ନରକର ଅଭିସାରେ
ଭଗବାନ ତୁମେ ନିଦ୍ରିତ କେଉଁଠାରେ ?

— ୨ —

ନିରଞ୍ଜନ ମୁଁ ଆସିଥିଲି ପରା
ଆନନ୍ଦ ବିତରଣେ,
ବାଣ୍ଟିବି ବୋଲି ଅମୃତ ଏଣୁ
ପୃଥିବୀର କଣେ କଣେ ?
ଅମୃତ ଶିଶୁ ଅମୃତ ପିଇ
ଆସିଥିଲି ଧରା ତଳେ
ଦେବତାର ସୁଖ ଅଜାଡ଼ିବ ବୋଲି
ମନଷର ପଦତଳେ ?
ମନ୍ଦାକିନୀରେ ଅବଗାହିଥିଲି
ଗନ୍ଧ-ଆକୁଳ ଜଳେ
ଗନ୍ଧଚକିତ କରିବାକୁ ପରା
ଧରଣୀରେ ପଳେ ପଳେ ?

ଅସ୍ପୃଶ୍ୟ ଦେହ ଆଶ୍ଳେଷ ପରା
ଆଣିଥିଲ ସାଥେ ବନ୍ଧୁ
ପରଶେ ମୋହର ସ୍ନିଗ୍ଧ ମଧୁର
କରିବାକୁ ଏହ୍ନ ମନ୍ତ୍ର ?
ଦେବ-ମାତା ଯେତେ, ମଙ୍ଗଳ ହାତେ
ପରଶି କପାଳ କେଶ
ପଠିଆଇ ଦେଲେ ମନ୍ତ୍ର ନିଷେକ
ମୋର ନିବାସ ବେଶ ।
ମନ୍ତ୍ର ଭୁଲିଲା ମାନବର ଏ ଧରାରେ
ଭଗବାନ ତୁମେ ନିଦ୍ରିତ କେଉଁଠାରେ ?

— ୩ —

ପଠିଆଇଦେଇ ବୁଝିଲ ନାହିଁ କି ଆଜି
କି ହେଲା ମୋ, ତବ-ଦର୍ଶିତ ପଥ ବାନ୍ଧୁ ।
ରହିଲ କାହିଁ ହେ କୁହେଳି ଅନ୍ତରାଳେ
ଡାକିବି ବୋଲି ମୁଁ ବିପଦେ ବା କେଉଁ କାଳେ ?
ଏଥେ ଆସି ଆସି ଡାକିଲି ଅନେକ ବାର
ଲୋତକେ ଓଦାଇ ବକ୍ଷ ମୋ ଅନିବାର;
କ୍ରନ୍ଦନେ ମୋର ଥରିଲେ ଯେ ପାଶେ ଥିଲେ
କୃପାମୟ ତୁମେ ଶୁଣି ନ ପାରିଲ ତିଳେ ?
ଜୀବନ ଦେଇ ଯେ ନ ବୁଝିଲା ଶୋକ-ଶୋଷ,
କିପରି କହ ତ ବୁଝାଇବ ତାର ଦୋଷ ?
ପାଥେୟ ନ ଦେଇ କରିଗଲ ଯେ ବା ଦୂତ,
ପ୍ରଭୁ ବୋଲି ତାରେ ଡାକିବାର ଅଦଭୁତ !

ତେଣୁ ସିନା ମୁହିଁ ଠକିଲି ଧରାରେ ଆସି,
ଅଶ୍ରୁ ନିକି ଗୋ ଜାଣଇ ସରଗବାସୀ ?

— ୪ —

ଭୁଲି ମୁଁ ଆସିଛି ବହୁଦୂର ପଥେ ପଥେ,
ଦେଉଳେ ତୁମର ଦର୍ଶ ନାହିଁ ଆଜ ମତେ,
ଫେରି ପଡ଼ୁଛେ, ଉଠି ପଥ ବଟପୀର ଶାଖେ,
ନିରେଖି ଖୋଜୁଛି ଦେଉଳରେ ଆଖେ ଆଖେ,

ଚକ୍ର, ପତାକା କେବେ ବା ଚଢ଼ିବ ଧରା,
ପଥ ମୁଁ ପାଆଁତି ପର-ଦେଶୀ ପଥହରା,
କାହିଁ ହେ ଚକ୍ର, କାହିଁ ହେ ପତାକା ତବ ?
ସାରିଲଣି ମତେ ଧରଣୀର ପରାଭବ ।

ଆଲୋକବାସୀ ମୁଁ ଅନ୍ଧାରେ ଗଲି ମିଶି,
ମୁକ୍ତ ମୁଁ—ମତେ ଅବରୋଧ ଦଶ ଦିଶି ।
ଚକ୍ର ରହିଲା, ପତାକା ନୋଇଁଲା ତଳେ,
ବନ୍ଧନ ମୁଁ ପାରି ହେବି କହ କାହା ବଳେ ?
ଆଲୋକ ଦେଖାଅ, ଜାଗି ଶୁଣ ମୋର କଥା,
ନିଦ୍ରା କି ଶୋଭେ ଆଶ୍ରିତ ପାଉଁ ବଥା ?

— ୫ —

ଅପ୍ସରା-ଦେହ-ଆଶ୍ଳେଷ ଧରି ଦେହେ
ଆସିଥିଲ ପରା ସେ ଦିନ ଏ ଭବ-ଗେହେ ?
କାହିଁ ସଉରଭ ? କାହିଁ ଦେବତାର ଶିରୀ ?
ଏଇଁ ଦେହେ ମୋର ଚୁମ୍ବିଥିଲ କି ପରୀ ?

ଏ ବପୁ ଯେନ କି ସ୍ୱର୍ଣ୍ଣଧା ବନ-ପଥେ,
ଗନ୍ଧ-ବ୍ୟାକୁଳ, ଚନ୍ଦ୍ର-ଚକିତ ଗତେ,
ଶିଳ-ଚଣ୍ଡ୍ରଲ-ଗୁଚ୍ଛ-ସଙ୍କୁଳ ଘାଟେ
ଅଳସେ ଆଉଜି, ଶମାଇ ଚରଣ ପ୍ରାନ୍ତେ,

ଚୁମ୍ବି ଥିଲି ମୁଁ ଲଜନଙ୍କ ସୁରବାଳା,
ଆଲିଙ୍ଗନେ ତା ବାଜୁଥିଲି କରବଳା,
ନର ହେଲି, କାହିଁ ଦେବତ୍ୱ ଗଲା ଚଳି
ସଇତାନ ମୋର ଲକ୍ଷ୍ମୀରେ ନଏ ଭଡ଼ି,

ଏବେ ଗୋ ଆତୁର ପଳ ପଳ କରି ଖାଏ,
ଆତୁର ଚରଣ ଭଗବାନେ ଡାକୁଥାଏ !
ବୁଝିଲି କି କଏ ଗୁରୁ ନିଶ୍ୱାସ ମାନ ?
ତେଣୁ ମୁଁ ବୋଲଇଁ ନିଦ୍ରିତ ଭଗବାନ ।

— ୬ —

ଧରଣୀରେ ଆସି ମନ୍ତ୍ର ଭୁଲିଲି ପରା,
ପାଇବ ନିକି ହେ ନିସ୍ତାର ପଥହରା ?
ଦେବତାରେ ଏ ଯେ ସଂସାର ଭୁଲାଇଲା ।
ସରଗବାସୀ ସେ ମୃତ୍ତିକା ଆବରିଲା,

ବିରାଟ ସେ ଆଜି ଧାଉଁଛି କ୍ଷୁଦ୍ର ଆଶେ,
ସନାତନ ପ୍ରାଣ ବିକୁଛି କ୍ଷଣିକ ପାଶେ,
ସୁନ୍ଦର ସେ ଗୋ ଭୁଲିଛି ଇତର ରୂପେ,
ଚିର ଊର୍ଦ୍ଧ୍ୱଗ ଖସୁଛି ଅତଳ କୂପେ !

ନାହିଁ ନିସ୍ତାର ! ନିସ୍ତାର ନାହିଁ କି ହେ !
ମଙ୍ଗଳ ହାତ ପାତିବାକୁ ନାହିଁ କିଏ ?
ଅମୃତପାୟୀ ମରଣରେ ଦିଏ ଧରା,
ନନ୍ଦନବାସୀ ନରକେ ଚଳଇ ପରା !

ଶଙ୍କର-ଶୂଳ ଗରଜି ଉଠିବ ନାକି
ଅତ୍ୟାଗୃର ଏ କାଟିବାକୁ ଟିକ ଟିକ ?
ବିଳାସେ ଅଳସେ କହିଲେ ଦେବତାଦଳ
କେ ବୁଝିବ ନର-ଅମ୍ଭାର କଳବଳ ?

ବକ୍ଷେ ମୁହିଁ ଯେ ସୃଷ୍ଟି କରୁଛି ବିଷ,
ପ୍ରତିକ୍ରିୟା ତାର ହେବଟି ହେ ଅବମାଶ ?
କରିବାର ଯାହା, ତ୍ୱରା ହେଉ ଅବଧାନ,
ଡାକେ ଦେବଶିଶୁ, ନିଦ୍ରାଳୁ ଭଗବାନ !

ବିଜନ ବେଳା

ବିଜନ ବେଳା, ବିଜନ ବେଳା
କହୁ ନାହୁଁ କାହିଁ ବୋଇତ ଗଲା !
ବୋଇତ ଗଲା !
ସଉଦାଗରର ସାନ ଝିଅ ମୁଁ
ସାତ ଭାଇରେ
ଶୟନ ମୋହର ହଂସୂଳି ଶେଯେ,
ସ୍ନାହାନ ମୋହର ସୁବାସ-ନୀରେ ।।
ସାତ ସାଧବର ସାତ ଝିଅ ସେ
ଭାଉଜ ମୋର,
ଜଣକେ ଜଣକେ କନକ ଶିଖା,
ଜଣକୁ ଜଣକୁ କନକ-ପୁର

ସାତ ଭାଉଜର ସତର କଥା
ମୋ ପାଇଁକି

ଜଣେ କୁଞ୍ଚି ଦେଲେ ପାଠ ପଢନ
ଆରେକ ପଡ଼ୁରେ ଇଚ୍ଛା କାହିଁକି ?
ସାତ ଭାଇଙ୍କର ସାତ ବୋଇତ
କେ ଦେଖି ନାହିଁ ?

ମଣି ମୁକୁତାରେ ବେପାର ଲୀଳା
କେଉଁ ଦରିଆରେ ନ ପଡ଼େ ଘୁଇ ?
ସାତ ଭାଇ ସାତ ରାଜ-କୁମର
ଦେବତା ପରି,

ଜଣେ ଆଣି ଦେଲେ ବଉଦ ଶାଢ଼ୀ
ଆରକେ ଯାଚଇ କନକ ଝରି ।
ବିଜନ ବେଳା, ବିଜନ ବେଳା
କହିଲୁ ମୋହର କି ଦୁଃଖ ଥିଲା !
କି ଦୁଃଖ ଥିଲା !

—୨—

ହାଇରେ ହାଇ ହାଇରେ ହାଇ,
ଯୁବା ସେ ଆସିଲେ ବୋଇତ ବାହି
ବୋଇତ ବାହି !
ଭାଇଙ୍କି ବଦାଇ ଆସିଥିଲି ମୁଁ
ତୋହର ଘରେ

ଏଇଠାରେ ଛୁଡ଼ା ହୋଇଥିଲେ ସେ
ଦେଖି ଦୁଇପାଦ ଚଳିଲି କରେ ?

ବାଲରେ ଲୁଚଲା ମାଣିକ ମୁଦ
କନକ-ବଳା,
ହାତରୁ ଖସିଲା ଫୁଲ-ହଳଦ,
ହାତରୁ ଖସିଲା ଗୁଜଳ-ସରା ।
ଗୁହାଁ ପାରିଲେ କି ଭଲେ ସେ ମୁରେଖ
ଲାଜେ ମରିଲା,
ଚିବୁକ ମିଶିଲା ଉରଜେ ଆସି
ପଚ୍ଚରିଲା ନିଜେ 'ଏ କି ଦେଖିଲ' ?
ହସିଲେ ଭଉଜେ, ଗୁହାଁଲେ ଭାଇ
ରହିଲା ଠିଆ,
ବନ୍ଧାଣ ସରିଲା, ଚଳିଲେ ପୁରେ
କେ କପାଁ ବୁଝିବ ବାଳକା ହିୟା ?
ବିଦେଶୀ ଯୁବକ ଜାଣିବେ କିସ
ବାନ୍ଧିଲେ ଚଗା,
କାହିଁ ଗଲେ ବେଳା, କାହିଁ ଗଲେ ରେ,
ତା ବିନା କେସନେ ଜୀବନ ଧର ?
ବିଜନ ବେଳା, ବିଜନ ବେଳା,
କହ କାହିଁ ଗଲା ବୋଇତ ବାଲା !
ବୋଇତ ବାଲା !

— ୩ —

କେଉଁ ଧନେ ସେ ଗୋ ବଣିକ ଯୁବା
କରେ ବେପାର,
ନାରୀ-ବୁକୁ ଧେନି କି ତା ବେବସା
ଭୁଆସୁଣୀ ଲୁହେ ତା କାରବାର ?

ଯେ ଦେଶେ ଯାଏ ସେ, ମୋହ ସର ଗୋ
ସେ ଦେଶେ ନାହିଁ,

ଭୁଲ ଝିଅ ତାକୁ ଆପଣା ମନେ
ଆପଣା ହୃଦୟୁଁ ଦଅଇ ବାଳ ?
କାହୁଁ ଆସିଥିଲା ? ମୋ ହୃଦ ସାଥେ
କ ନେଲା ଏଥୁ ?

ଆକାଶେ ପବନେ ଅଛ ଦେବତା
ଫେରାଇ ଆଣନ୍ତୁ ଗମନ-ପଥୁ !
ଜୀବନେ ଏ କସ ପରମାଦ ଗୋ
ନଥିଲା ଜାଣି

ହଂସୁଲା ଶେଯରେ ନ ଆସେ ନଦ
ଆଖି ଆଗେ ଭାସେ ତାହାର ଠାଣି !
ଏତେ ଲୋକ ମେଳେ ଜୀବନ, ଏକା
ଲାଗଇ ମତେ,

ତାହାର ପରଶ ଖୋଜଇ ଦେହ
ଭୁଜ ତା' ମୋ ଦେହ ଭିଡ଼ନ୍ତା ସତେ ।
ଶୋଇବାକୁ ଗଲେ ଆରେକ ପାଇଁ
କରଇ ଥାନ,

ନ ଆସିଲା ସେ ତ, ଆସିଲାନ ରେ
ଏକା ଏକା ମୋର ଯାଉଛି ଦନ ।
ହୋଇଛି ରଜମା, ଉଠିଛି ଗୃନ୍ଦ
ନାଚେ ଦରିଆ,

କାହା ପାଇଁ ମୁହିଁ ସାଧବ ଝିଅ
ଏକାକୀ ତୋ ଘାଟରେ ହୋଇଛି ଠିଆ ?

ଫେରିଯିବ ଘରେ କି ସୁଖ କହ
କନକ ପୁରେ ?
ମନର ମଣିଷ ନ ମିଳେ ଯଦି
ବୁକୁର ବେଦନା ରହେ ବୁକୁରେ ?
ସାତ ଭାଇ ମୋର ସେ ଦେଶେ ଯାଇ
ସେହି ମାଣିକ
ଆଣିଲେ ମାନନ୍ତି ସାଧବ ଠିକେ
ଜାଣନ୍ତି କେସନେ ସେଠ ବଣିକ ।
ସେ ମାଣିକ ସତେ ମିଳେ କାହାକୁ
ମିଳେ ନାହିଁରେ,
କନକ ପୁରର ଚମକ ଦେଖି
ହୀରା-ମାଳା ଦେଇ ତାକୁ ପାଇରେ
କେ ଅଛ ଦେବତା, କହ ହେ କହ
ପାଇବା ପଥ,
ଭୁଆସୁଣୀ ଯାହା ଦେବାର ଦେବ,
ରକତ ଦେଇ ମୁଁ ପାଳିବି ବ୍ରତ ।
ମୋ ପରି କି ଆଉ ତରୁଣୀ କେହି
ପାଇଛି ତାକୁ,
କପର ଲଢ଼ିଲା ? ସ୍ନେହେ କପର ?
କହିଲେ ଦେବି ଏ ଜୀବନଟାକୁ ।
ଆଜ କେ ଯୁବକ ଶୁଣେ କି ତାର
ବଦନୁ କଥା ?
କପର ସେ ବାଣୀ ? ଅମିୟ ସେ କି ?
ଶୁଣି ଲୁଚିଯାଏ ମରଣ-ବଥା ?

ଆଜ କେ ଯୁବତୀ ବାହୁରେ ତାର
ପଡ଼େ କି ଢଳି ?
କପର ସେ ସୁଖ ଜାଣିବ ନକି ?
ଭାବିଲେ ହୃଦୟ ଦଳି ।
ବିଜନ ବେଳା, ବିଜନ ବେଳା
ସାଧବ ଝିଅର ଏ ଦୁଃଖ ହେଲା !
ମାଣିକ ଖଣ୍ଡରେ ବୋହିଲା ଲୁହ
କହୁ ନାହୁଁ କାହିଁ ବୋଇତ ଗଲା !
ବୋଇତ ଗଲା !

ଗୋପପ୍ରୟାଣ

—୧—

ମହାତ୍ମାର ମହା ପ୍ରୟାଣ ରଚିଲା ଆଜି
ତା' ମହାଜାତିର ଗର୍ବ ଗଲା ଯେ ଭାଜି !
ଅମାକମା ତାର ସ୍ମୃତିରେ ଅଛି ରହି
ପ୍ରତି କରେ କରେ ପତାକା ଯାଇଛି ନଇଁ,
ପ୍ରତି ହୃଦୟ ଘେରି ଘୋଟିଛି ଅନ୍ଧକାର
ଅଧରେ କେବଳ ତା'ରି ନାମ ଉଚ୍ଚାର,
ଘରେ ଘରେ ଉଠେ କ୍ରନ୍ଦନ-ରୋଳ ବାଜି
ହରାଇ ଓଡ଼ିଆ ଜାତି ମଥାମଣି ଭୂତଳେ ଖସିଲା ଆଜି ।

—୨—

ନଗରେ ନଗରେ ନାଗରୀକେ ଆଜ
ନୟନେ ଅଶ୍ରୁ ଭର
ଆସ ହେ ସକଳେ ରାଜପଥ ପରେ
ଚରଣ ନଗ୍ନ କରି ।
ମଥା ନତ କରି ସମ୍ମାନ କର
ସ୍ୱର୍ଗତ ମହାଜନେ
ତୁମ ମେଳେ ଆଜ କହ ଅଛୁ କଏ
ତାହାପରି ଆଉ ଜଣେ ?
ରାଜା ଆସ, ଆସ ଧନିକ, ବଣିକ
ସୁଭଗ ସୌଦାଗର
ଆସ ଋତ୍ୱିକ, କୃଷକ, କ୍ଷତ୍ରୀ
ଶବ ସାଥେ ତାର ଚଳ ।
ବ୍ରାହ୍ମଣ ଗାଅ ମରଣ-ମନ୍ତ୍ର,
ଜନତା ଧର ହେ ପାଳ
ଜନପଦବାସୀ ଖୋଲ କରତାଳେ
ଗମ୍ଭୀରେ ଦଅ ତାଳ ।
କୁଳବଧୂ ସବୁ ଠୁଳ ହୁଅ ଆସି
ଗବାକ୍ଷ-ପୁଡ଼ା ଧରି
ତାର ପ୍ରାଣ-ପ୍ରିୟ ମାଟିପରେ ତବ
ଅଶ୍ରୁ ପଡ଼ୁ ହେ ଝରି ।
ଆସ ସନାତନୀ, ଆସ ଖ୍ରୀଷ୍ଟାନ,
ଆସ ହେ ମୁସଲମାନ,
ଜାତିର ରାଜାକୁ କ୍ଷୁଦ୍ରତା ଭୁଲି
କର ଥରେ ସମ୍ମାନ ।

ଧର୍ମ ଭୁଲି ସେ ଦରିଦ୍ର ମୁଖେ
ଅନ୍ନ ଦେଇଛ୍ତି ଆଣି
ସକଳ ଦୁଃଖକୁ ନିଜ ଦୁଃଖ କରି
ଚକ୍ଷୁ ଦେଇଛ୍ତି ପାଣି ।
ସେ ଥିଲା କୋଟିଏ ଦରିଦ୍ର ମେଳେ
ଦରିଦ୍ର-ନାରାୟଣ
ତାହାଠାରୁ ବଳି ଅଛ୍ତି କିଏ କହ
ତୁମର ପୂଜ୍ୟଜନ ?
ଶିର ପଛେ ତାର କୋଟି ମସ୍ତକ
ନୁଆଇଁ ଓଡ଼ିଆ ଜାତି
ସମ୍ମାନ କର ତା'ରେ, ଯେ କରିଲା
ପୁଣ୍ୟ ତୋହର ମାଟି ।
ବାଜୁ ଖୋଲିତାଳ, ବିରବଧୂ ସବୁ
ଢେଳ ହେ ଅଶ୍ରୁନୀର
ମରଣ ଜାଣୁ ହେ, କେତେ ପ୍ରିୟ ଥିଲେ
ଆମର କର୍ମବୀର ।

—●—

ଠିଆ ହୁଅ ଏବେ ନିଖିଳ ଓଡ଼ିଆ ଜାତି
ସେନାପତି ତୋର ଚାଲିଗଲା ପରା
ଶୂନ୍ୟ କରି ଏ ମାଟି ।
ମରଣେ ପଣ୍ଡିର କି ମନ୍ତ୍ର ଗାଇ
ଯେତେଗଲା ପ୍ରିୟ ଜନ,
କିପାଇଁ ନେଲା ସେ ? ନିଷ୍ଠୁରେ ତାକୁ
ପଣ୍ଡିର ଲକ୍ଷଜନ !

ଜଣକର ମୃତ୍ୟୁ, ଦେଢ଼କୋଟି ଲୋକ
ହୃଦୟ-ଜ୍ୟୋତ୍ସ୍ନା ତାରେ—
ଘେନିଗଲା, ଏକା ନିଖିଳ ଜାତିରେ
ଭସାଇ ନେତ୍ରଧାରେ ।

ଦେଢ଼କୋଟି ଲୋକ ନୟନେ ମରଣ
ତିକ୍ତ ବିଳାପ ଗୁନ୍ଥିଁ,
ଅନୁତାପ କରୁ ନିର୍ଦ୍ଦୟ ତାର
ଚପଳ-ବୁଦ୍ଧି ପାଇଁ ।

ସଦା ରେ ଓଡ଼ିଆ ପ୍ରିୟଜନ ପାଇଁ
ବିଳାପ କରିବା ଜାଣ ।
ଅତି ପ୍ରିୟଜନ ବିରହରେ ଆଜି
ଫାଟୁ ତୋ କ୍ଷୁବ୍ଧ ପ୍ରାଣ
କେଦାରେ କୃଷକ ଠିଆ ହୁଅ, ଶୁଣ
କ୍ରନ୍ଦନ ଗଗନରେ
କୃଷକର ସଖା ଚାଲି ଯେ ଗଲାଣି,
ହାହାକାର ଘରେ ଘରେ ।
ବ୍ରାହ୍ମଣ ଆଜି ତେଜି ଆସ ତବ
ଦେଉଳ ଅନ୍ଧକାର,
ଦେବତା ଯେ ଏଇ ଚାଲିଗଲା ପଥେ,
ଅର୍ଚ୍ଚନା କର କାର ?
ଯିଏ ଯହିଁ ଅଛ ପଥେ ଠିଆ ହୁଅ
ନିଖିଳ ଓଡ଼ିଆ ଜାତି,
ଚାହଁ ସେନାପତି କାହିଁ ଗଲା ତବ,
ଶୂନ୍ୟ କରି ଏ ମାଟି ।

—୪—

ସେନାପତି କପାଁ ନୂଆଁଇଲ ଶିରବାଗ ?
ପ୍ରତିଜ୍ଞା ତାର ଶେଷ ନ କରି ସେ
ଦେଲ ଗୃହ ଅଭିସାଗ !
ଦେଶେ ତ ଲଭିନ ଚିରଦିନ ଲାଗି
ଅନ୍ତର ହାହାକାର
ସେ କପାଁ ଚଳିଲ ନ କରି ତାହାର
ସମୁଚିତ ପ୍ରତିକାର ?
ଓଡ଼ିଆ ଆଜିର ଦେଶେ ଦେଶେ ପାଏ
ଅଧମର ଅପମାନ
ଦେଢ଼ କୋଟି ଲାଗି ଦେଶେ ଦେଶେ ବୁଲି
ଆଣିବ କେ ସମ୍ମାନ ?
ଦେଢ଼ କୋଟି ମେଳେ ଗୋଟିଏ ତ ତାକୁ
ବାଛିଥିଲୁ ସାର କରି
ସବୁ ମାୟା କାଟି ଚିରଦିନ ଲାଗି
ସେହି ପୁଣି ଗଲା ଚଳି !
କାହାକୁ ବୁଝିଲି ନାହିଁ ନିଷ୍ଠୁର,
ରହିଲା ତାହାର ଜାତି,
ରହିଲା ତାହାର ପ୍ରିୟ ବନ-ସ୍ଥଳି
ରହିଲା ତାହାର ମାଟି !
ଆମ ଲାଗି ପର କଥାକେ କଥାକେ
ଲୁହ ବୋହିଯାଏ ତାର,
ପାଷାଣ ପରି ସେ ଦେଖୁଛି କପରି
ଆମର ଅଶ୍ରୁଧାର !

ଦେଡ଼କୋଟି ଲୋକେ ଭଲ ପାଉଥିଲେ
ପରାଣରୁ ବଳି ପରା,
ସକଳେ କରିଲ ଆଶ୍ରୟ-ସ୍ଥାନ
ସହସା ତେଜି ଏ ଧରା !
ତାହା ଇଙ୍ଗିତେ ତିନକୋଟି ଆଖି
ଚାହୁଁଥାଏ ଅହରହ,
ସେ ତ ଗଲ ଚାଲି, ମୂଢ଼ ଜନତାରେ
ଚଳାଇବ କିଏ କହ ?
ଦେଶ ଦେଶ ବୁଲି ଆଣୁଥିଲ ଘରେ
ଅନ୍ନ ଆମର ପାଇଁ
ବୁଭୁକ୍ଷୁ ସବୁ, ତା ବିନା କି ହେବୁ,
ସେ କଥା ବୁଝିଲ ନାହିଁ ?
ଏଇ ମନେ ଥିଲ ? ତେବେ କିପାଁ କହ
ଏତେ ଲୀଳା ଥିଲ କରି ?
ପ୍ରିୟଜନ ପରି ଟିକିଏ ବାଧିଲେ
ଅଶ୍ରୁ ପଡ଼ିବା ଝରି !
ସେ ସବୁ ଦେଇଣ ଦରିଦ୍ରତର
କରୁଛୁ ଲକ୍ଷଜନେ;
ସେ କଥା ସେ ଜାଣେ ? ଜାତି ମରିଯାଏ
ଜଣକର ଏ ମରଣେ ।
କିପାଁ ଚାଲିଗଲ ଆହେ ପ୍ରିୟତମ,
ନଚାଲି ଚଉହାସ
ତୁମ ଗୁଣଯାକ, ଗୁଣି ହୋଇ ମନେ
ବେଦନା ଉଠୁଛି ଘାରି ।

— ୫ —

ଜଗନ୍ନାଥର ସିଂହଦୁଆରେ
କିଏ ଅଛ ପ୍ରତିହାରୀ
ପଥ ଛାଡ଼ିଦିଅ ଯାଉଛି ଦେବତା —
ଶ୍ରେଷ୍ଠ ସେ ପୂଜାହାରୀ ।
ଗରୁଡ଼ର ପଛେ କେ ଅଛ ଭକ୍ତ
ଆଡ଼ ହୋଇଯାଅ ଭାଇ
ଭକ୍ତର ରାଜା ଆସୁଅଛି ପରା
ଦେବତା ପୂଜିବା ପାଇଁ ।
ଧାର୍ମିକ ସବୁ ନିଜ ସୁଖ ଖାଲି
ଦେବତାରେ ଅଛ ମାଗି
ପର ସୁଖପାଇଁ ସେ ଡାକୁଛି ତାର
ଦେବତା ରାତି ଜାଗି;
ଭାଇ ପଡ଼ୋଶୀରେ ମମତା ଦେଇ ସେ
ପୂଜିଲା ତା ଭଗବାନ
ଦେଢ଼କୋଟି ଲୋକ ମଙ୍ଗଳ ଲାଗି
ପୂଜୁଛି ତା ନାରାୟଣ ।
ବାଟ ଛାଡ଼ ତାକୁ, ଦେବତାର ପଦେ
ଯାଉ ତା ଆତ୍ମା ମିଶି
ରତ୍ନବେଦୀରୁ ଦେଖୁ ସେ ତାହାର
ଜାତି ଭାଇ ଦିବାନିଶି ।
ସେହି ବେଦୀ ତଳୁ ଆଶିଷ ତାହାର
ଅମୃତ ସମ ଝରି,
ବର୍ଷିଯିବ; ତାହା ଉତ୍କଳଜନେ
ନେବେ ଅଞ୍ଜଳି ଭରି ।

ପତିତପାବନ ବାନା ଯୁଗେ ଯୁଗେ
ଶରଣ ଉତ୍କଳର
ସେହି ବାନା ତଳେ ଉତ୍କଳମଣି
ଜଳୁଥାଉ ଭାସ୍ୱର ।
ପତିତପାବନ ଦର୍ଶନ ବେଳେ
ନଖିଳ ଓଡ଼ିଆ ଜାତି,
ବାଇଶି ପାହାଚେ ପାଇବ ପତିତ —
ବନ୍ଧୁ ଚରଣ ମାଟି ।

—୭—

ହେ କବି, ହେ ଋଷି, ବାଗ୍ମୀ ହେ ତବ
ଚରଣେ ନମସ୍କାର
ଯେ ପଥେ ଯାଉଛ ଏଇ ମାଥେ ପଡ଼ୁ
ପଦଜ ରେଣୁ ତାର ।
ପୁରୁଷୋତ୍ତମ, ତୁମ ଲାଗି ଆମେ
ଧନ୍ୟ ହୋଇଛୁ ପରା,
ମରଣେ ତୁମର ତେଣୁ ହେ ବଳରେ
ଆଜି ଉତ୍କଳ ଧରା !
ତଥାପି ତୁମର ମୃତ୍ୟୁ କି ଅଛି ?
ତୁମେ ଯେ ମୃତ୍ୟୁଞ୍ଜୟୀ,
ଗୋଟିଏ ଯା ଥିଲ ମରଣେ ଜନ୍ମ —
ଲଭିଛ କୋଟିଏ ହୋଇ ।
ଶ୍ମଶାନ ତବ ଚିତାନଳ ଧରି
ଧନ୍ୟ ଧନ୍ୟ କହେ,
ମହାକାଳ ତବ ନାମ ଶିରେ ଧରି
ପୁଲକିତ ହୋଇ ବହେ ।

ଲକ୍ଷଭ୍ରଷ୍ଟ ଦେବତା ସଦୃଶ୍ୟ,
ଖସି ଆସି ଧରାପରେ
କର୍ମେ, ବଚନେ ବନ୍ଧନ କଲ
ଅମୃତ ଜୀବନରେ ।
ଚିର ଦରିଦ୍ର ଆମେ, ଆଜ ପାଇଁ
ବସିଥିଲୁଁ ହାତ ପାତି
ନିଷ୍ଠୁର ତୁମେ ହତାଶ କରିଲ,
କିପାଇଁ ଗୁଡ଼ି ଏ ମାଟି ?

ଅଗ୍ରତଯସ୍ତୁ

ଜଗତ ଯାଏ ନା ପ୍ରତେ
ଏତେ ଦାନ ତମେ ରାଣି ! ଯାହା ଦେଲ ମତେ ।
ରାଣୀ ତମେ, ତବ ପ୍ରଜାଏ ଗୋ ଶତ ଶତ
ଅଗୁରୁଗନ୍ଧେ ଆମୋଦିତ ତବ ପଥ,
ପ୍ରାଙ୍ଗଣେ ତବ ମେଳା କେତେ ରସିକର,
ଧନିକ, ସୁଭଗ;—ଲଭିବାକୁ ତବ କର ।
ସେ ସବୁକୁ ବାଣ୍ଟି ଦରିଦ୍ର ଅନୁଗତେ
ସେ ମୋହନକର କଣ୍ଠେ ମୋ ଡ଼ାକ
ବହ୍ନି ଅଧରେ ଗାଢ଼େ ଦେଇ ଜାଳ
ସମ୍ରାଟ ଯାହା କରିଦେଲ ରାଣି ! ମତେ
ଜଗତ ଯାଏ ନା ପ୍ରତେ ।

ଅପଦାର୍ଥର ଥିଲା କିବା ଅଧିକାର
ପ୍ରଣୟେ ଗୋ ତବ, ଅୟି, ଦୟା-ଅକୂପାର !
ରାଣୀ ତୁମେ ବାଣୀ ନ ଆସେ ରୂପକୁ ତବ
ହାଣି ଆଖି ଢ଼ାଳ ଢଅ ଶୀର-ଗଜଭବ,
କେତେ ତ ଭିଖାରି ଘେରିଥିଲେ ତବ ରଥେ
କଲ ଯା ସକଳେ ଦୁରେ ପରିହାର
ଡାକି ନେଇ ପାଶେ ଦେଇ ଅଧିକାର
ଗୁରୁ ଗୌରବେ ଗର୍ବିତ କଲ ମତେ
ଜଗତ ଯାଏ ନା ପ୍ରତେ ।

ଦୂରୁ ଦେଖି ଗୁରୁ ପରସ୍ୟେ ପ୍ରଣତ ବନ୍ଧୁ
ତବ ପଥ-ରେଣୁ କପାଳେ ଥିଲି ମୁଁ ଲନ୍ଧି ।
ତବ ରାଜସଭା ଉତ୍ସବ ଘନ ରବ
ଆଣୁଥିଲି ରାଣି ! ବିମୁଗ୍ଧ ଅନୁଭବ,
ଦୁରୁ ଦେଖି ଖରେ କରି ନେଲ ଯାହା ପଥେ,
ପ୍ରେମ-ମଧୁ ଦେଇ ପରାଣ-ପିପାସା
ନିବାରି, ବଢ଼ାଇ ଦେଇ ମୋର ଆଶା
'ସଖି' ବୋଲି ମୁଖେ ଡକାଇଲ ଯାହା ମତେ,
ଜଗତ ଯାଏ ନା ପ୍ରତେ ।

ତା'ପରେ ମଧୁରେ ପୁହାଇଲ କେତେ ରାତି
ଶୁଣାଇ ମୋ' ଆଗେ ପ୍ରଣୟ-ପେଲବ ଗୀତି
କହିଲ 'ହେ ମୋର ସଖା ଅନ୍ତରତମ,
ଅନ୍ତରୁ ଦୂର ନ କରିବ ସ୍ନେହ ମମ'
ଜୀବନର ଦାନ ଢ଼ାଳି ଦେଇ ମୋର ପଥେ,

ପବଣେ ଯା ତାଳି ଦେଇଗଲ ମଧୁ
ଅଛି ଲୋଭମୟ ଅୟି ବରବଧୂ !
ଚିରକାଳ ଲଗି ଧନବାନ କରି ମତେ
ଜଗତ ଯାଏ ନା ପ୍ରତେ ।

ଏ ଯେ ଗୌରବେ ଯୋଗ୍ୟ ମୁଁ ନୁହେଁ ସଖି !
ସରମେ ସଲଖେ ଚରଣ ନ ପାରେ ରଖି
ଘନେ ଘନେ ଏଇ ମହାସମ୍ମାନ ତାଳି
ଚଉଦିଗେ ଖେଳି ଉଠାଇଛି କରତାଳି
ଅୟି ରାଣି ! ଏବେ ପଣତେ ଲୁଚୁଅ ମତେ
ଜନତାର ଏଇ ରୁଢ଼ ପରିହାସ
କଥା କହିବାର ଧରି ଦରହାସ
ବଡ଼ ବ୍ୟଥା ହୁଏ, କି କରିବି କହ ସତେ
ଜଗତ ନ ଯାଏ ପ୍ରତେ ।

ଆଷାଢ଼-ଅଭିସାର

—୧—

ଏଇ ଆସେ ଏଇ ସୁନ୍ଦରୀ ଧୀର ଗମନେ
ଭେଟିବାକୁ ପ୍ରିୟ ତେଜି ତାର ନିଜ ଭବନେ ।
କୃଷ୍ଣା ରଜନୀ, ଘନ ମେଘମାଳା ଆକାଶେ
ବିରଳ ତାରକା, ମେଘ ବିଦ୍ୟୁତ ପ୍ରକାଶେ ।
ନୀରବ ନଗର, ଜନହୀନ ରାଜ- ସରଣୀ
ଘରେ ଘରେ ଦୀପ ନିଭାଇ ଦେଲେଣି ଘରଣୀ ।
ଆର୍ଦ୍ର ଧରଣୀ, ଶୀକର-ଶୀତଳ ପବନ
ଭେକ ଡାକ ଉଠେ 'ଜୀବନ ଆଉ ଗୋ ଜୀବନ ।'
ଭବନ-ପ୍ରଦୀପ ନିଭାଇ ଏକାଳେ ପ୍ରେୟସୀ
ଏଇ ଆସେ ମୋର ଅଭିସାରେ ସମ- ବୟସୀ ।

—୨—

ଘୁରୁ ମୁଖ ତାର ଦୂରୁ ଦେଖା ନାହିଁ ଯାଉଛି
ଘୁମ୍ଟା ଖୋଲି ତାର, ଶୁଭ ଅଭିସାର କରୁଛି ।
ଏଇ ପାଖ ହେଲା, ନୂପୁର ଚରଣେ ଶୁଭିଲା
କଦମ୍ବ-କୁସୁମ ଗନ୍ଧ ମୋ ନାକେ ଲାଗିଲା ।
ଆରେ ପଥ-ଘାସ, ପ୍ରିୟା ପଦ ପ୍ରାସ ପାଇବ
ନୋଇଁଦେବୁ ମଥା ପ୍ରିୟା ଯେବେ ପାଦ ଥୋଇବ ।
ଶରୀର ତୋହର କୋମଳ କର ରେ ସଜଣୀ,
ପ୍ରଥମେ ତା ପାଦ ଛୁଉଁଛି କଠିଣ ଧରଣୀ ।
ଆଷାଢ଼-ପବନ, ଲୋଭେ ଚୁମ୍ବନ ପ୍ରିୟାରେ
ଦେବୁ ନାହିଁ; ଧୀରୁ ଥର ସେ ଉଠିବ ସ୍ୱପ୍ନାରେ ।
ବିଦ୍ୟୁତ, ତୁମେ ନିଭୃତେ ରହ ଟିକଏ
ଥରେ ଖୋଲି ପ୍ରିୟା ଦେଉ ତା ଅଧର ବିକ ହେ ।

—୩—

ନୂପୁର ନୀରବ, ପାଖେ ଏବେ ଠିଆ ପ୍ରେୟସୀ
ମୋ ଗାଲେ ସୁରଭି ନିଶ୍ୱାସ ତାର ବରଷି ।
ଘର ଛାଡ଼ି ଏଇ ପରପାଖେ ଠିଆ ତରୁଣୀ
ପ୍ରେମ ଲାଗି ସେ ତ ଆଷାଢ଼-ଆକାଶ ଡରୁନି ।
ଉପରେ ଭୀଷଣ ବାଦଲର ମାଳା ଗରଜେ
ଉତ୍ତର ବାୟୁ ଉଚ୍ଛଳ ହୋଇ ତରଜେ ।
ନଗର ନୀରବ, ନିର୍ଜନ ସାରା- ସରଣୀ
ଭେକ-ଝିଙ୍କାରୀ ଚତ୍କାରେ ପୁରେ ଧରଣୀ ।
ଏକାଳେ ଏକାକୀ ପଥ ପାଶେ ଉଭା ତରୁଣୀ
ପ୍ରେମ ଲାଗି ସେ ତ ଆଷାଢ଼-ରଜନୀ ଡରୁନି ।

—୪—

ବନ୍ଧୁ ହେ ମୋର, "ଦେଖୁଛ କି ଘୋର ରଜନୀ
ଏ ରାତିରେ କହିଁ ଭବନ ଛାଡ଼ିଲ ସଜନ !"
ପ୍ରିୟା ତହୁଁ କହେ "ପରାଣ ନ ସହେ ପ୍ରିୟ ହେ,
ତୁମର ବିରହ; ତିକ୍ତ ଲାଗଇ ଗେହ ହେ ।
ନାହିଁ ଲାଗେ ମନ କେବେ ହେଲେ ଗୃହ- କରମେ
ପ୍ରିୟତମ, ଖାଲି ତମ କଥା ଶୁଣେ ମରମେ ।
ତେଣୁ ଆଜ ପ୍ରିୟ, ଖୋଜିଲି ବାହାର- ଧରଣୀ,
ତୁମର ଆଲୋକ ପାଇଁ ନେଲି ରାଜ- ସରଣୀ ।
ବୁକେ ଅନ୍ଧାର, ଅନ୍ଧାର ପୁଣି ବାହାରେ
ଆଲୋକ ମାଗିଲେ, ଫେରାଇ ଦେଉଛ କାହାରେ ?"

—୫—

'ସୃଷ୍ଟିରେ ଆଜ ପ୍ରଳୟ ହେଉଛି ରଚନା
ହୃଦୟେ ପ୍ରଳୟ ଭୋଗଇ ମଧୁର- ବଚନା !
ପ୍ରଳୟରେ ପୁଣି ସୃଷ୍ଟିର ହୁଏ ପ୍ରକାଶ
ବିଦ୍ରୋହେ ହୁଏ ତରୁଣ-ଜୀବନ ବିକାଶ ।
ଘର ଛାଡ଼ି ତେଣୁ ଏ ତରୁଣୀ ଆଜ ଆସିଲି
ପ୍ରାଣ-ବେଗ ପାଇଁ ବିଦ୍ରୋହୀ ହେଲି ସୁଶୀଳା ।
ନୀଡ଼େ ନ ପାଏ ଯା ବିହଗ ତା ବୁଲି ଖୋଜଇ
ନୀଡ଼ ଛାଡ଼ି ତେଣୁ ସୀମାହୀନ ମେଘେ ହଜଇ ।
ତେଣୁ ପ୍ରିୟା ମୋର କୁସୁମ-କୋମଳା ତରୁଣୀ
ନ-ପାଇବା-ଧନ ଖୋଜି ଏ ରଜନୀ ଉରୁନ' ।

—୬—

“କିବା ମାଗ ମତେ   କହିଲ ଥରେ ମଧୁ-   ରଚନା”
ପ୍ରିୟା କହେ “ପ୍ରିୟ,   ସ୍ନେହ ଖାଲି ମୋର   ଯାଚନା ।
ମତେ ଚୁମ୍ବି ଥରେ   ‘ଭଲ ପାଅ’ ବୋଲି   କହ ହେ
ଆଶ୍ରୟ ପାଉ   ତରୁଣୀ ତା ଗୁରୁ-   ଉରହେ”
କହୁ କହୁ ପ୍ରିୟା   ସହସା ମଉନ   ହୋଇଲା
ବିଶାଳ ନୟନୁଁ   ଉଷ୍ଣ ଲୋତକ   ବହିଲା ।
ତାର ଚାରୁ ମୁଖ   ଦୁଇ ହାତେ ଧୀରେ   ଧରିଲା ।
“କାନ୍ଦନା ପ୍ରିୟେ”   ବୋଲି ଭର୍ତ୍ସନେ   କହିଲା ।
“ଯାହା କିଛି ମୋର   ଅଛି ସବୁ ଦେବି   ତୁମରେ
ନିଖିଳ ହୃଦୟ   ଢାଳିବି ଏ କର-   କମଳେ ।
ଯାଅ ସଖି, ଏବେ   ଘରେ ଯାଅ ଫେରି   ତରୁଣୀ
ନାରୀ ଲଗି ନୁହେଁ   ଜାଣ ଗୋ ଏ ରାଜ-   ସରଣୀ ।
ଆକାଶ-ବିହାରୀ   ମୁଁ ହିଁ ଯାଏ ଦୂର   ଗଗନେ
ତୁମେ ଥାଅ ତୁମ   ନୀଡ ରଚି ନିଜ   ଭବନେ
ବେଳେବେଳେ ଯେବେ   ସଖା ଖୋଜି ଉଠେ   ପରାଣ
ଦୂରସ୍ଥ ମତେ   ପ୍ରେୟସି କରିବ   ଧିଆନ”

—୭—

ବାରିଦ ବାଜିଲା   ଘଣ୍ଟରେ ଆଷାଢ଼-   ଆକାଶେ
ସୁପ୍ତ-ନଗରୀ   ହସଇ ଦାମିନୀ-   ବିକାଶେ ।
ଭେକ ଝିଙ୍କାରୀ   ଝଙ୍କାରେ ପୂରେ   ଧରଣୀ
ଭୀଷଣ, ବିଜନ,   ଅନ୍ଧାର ରାଜ-   ସରଣୀ ।

ପ୍ରିୟାର-ଭବନ ଦୂରେ ଦେଖାଯାଏ ଅଲପେ
ପ୍ରାବୃଟ ବାୟୁ ସନ୍ ସନ୍ କବା ଜଳପେ ।
ଚୁହିଁ ନିଜ ମାଡ଼େ ମତେ ଚୁହେଁ ପୁଣି ପ୍ରେୟସୀ
ଧରେ ମୋର କର କୋମଳ-ପରଶେ ହରଷି ।
ମତେ ଚୁହିଁ କହେ "ପ୍ରିୟତମ, ଏ କି କର ହେ
ଭାବନା କି ଖାଲି ଶ୍ରମିବ ମୋର ଏ ଝରହେ ?
ସେ ମାଡ଼ ଛାଡ଼ିଛି ତମ ମାଡ଼-ସୁଖ ପାଇଁକି
ମତେ ରଖିବାକୁ ପକ୍ଷ ଭ୍ରମର ନାହିଁ କି ?"
କହି ଏହା ପ୍ରିୟା ପରଶେ କଟେ କୋମଳେ
ମୋ ମୁଖ ଲଗିଲା ସୁନ୍ଦରୀ ମୁଖ- କମଳେ ।
ଆଷାଢ଼-ପବନ ସନ୍ ସନ୍ ବହି କହିଲା,
"କି କଲ ତରୁଣୀ ! ଦୁଃଖ ଯେ ସାଥୀ ପାଇଲା ।"

ଦେଖା ହେଲା କିପାଁ

ଦେଖା ହେଲା କିପାଁ   ଦେଖା ହେଲା କିପାଁ
ହେ ସହଚର,
ବାଜିଲା କିପାଇଁ   ଅପବାଦ କିହ
ଜଗତ ଭର ।
ତୁମେ କାହିଁ ଥିଲ,   ମୁହିଁ ଥିଲି କାହିଁ
ଥିଲା କି ଚିହ୍ନା ?
ଦୁହିଙ୍କ ଜୀବନ   ସୁଖେ ଚଳୁଥିଲା
ଦୁହିଙ୍କ ବିନା ?

ପରିହାସେ କି ଗୋ   ଦୁହିଙ୍କି ବିଧାତା
ଦେଲା ଭେଟାଇ ?
ଭେଟୁ ଭେଟୁ ଦୁହେଁ   ସରମ ଛାଡ଼ିଲୁଁ
ପ୍ରଣୟ ପାଇଁ ।
ବହୁକାଳୁ ମୋତେ   ଯାହିଁ ବସିଥିଲ
ଯେସନେ ସହି,
ଯୁଗଯୁଗାନ୍ତ—   ପ୍ରଣୟ-ପିପାସା
ହୃଦୟେ ବହି ।

ଅତି ପରିଚିତ ସମ ତେଣୁ ମତେ
ଡାକିଲ ପାଶେ
ଗୁରୁ ଅପମାନ କରିନେଲ ମୋର
ପୀରତି ଆଶେ ।
ମନା ମାନିଲନି, କନ୍ୟା-ନଦୀର
ପ୍ରବାହ
ମୋ ପାଶେ ଆସିଲ, କୁଳ, ମାନ, ଖ୍ୟାତି
କାହିଁ ନ ଡରି ।

ସକଳେ ଜାଣିଲେ ନିନ୍ଦା ରଟିଲେ
ମାରିଲେ ତାଳି
ଗୁରୁଜନେ ଦେଲେ ଲାଞ୍ଛନା ଶତ
ଉପରେ ଗାଳି ।
କୁସୁମ-କୋମଳ ତନୁରେ ଲାଗିଲା
କଠିନ ବ୍ୟଥା
ନିଠୁର ସରମେ ଇତରଙ୍କ ଆଗେ
ନଇଁଲା ମଥା ।

ଆହା ଏତେ କଥା ହେବ ବୋଲି କିହ
କେ ଭାବିଥିଲା
ପ୍ରଥମେ ଯେ ଦିନ ସେ ଆଖିରେ ମୋର
ଆଖି ମିଶିଲା ।
ଦେଖୁ ଦେଖୁ ହାୟ, ଚୁମ୍ବକ ସମ
ହୋଇଲେ ଟାଣି
ପ୍ରଣୟେ ବିପଦ ଯାହା ସବୁ ତାହା
ଜାଣି ଗୋ ରାଣି !

ଫଳେ ତାର ରାଣି !   ସମାଜ ରଖିଛି
ଦୁହିଙ୍କି ବାର
ଦେଖା ହେଲେ ଜଣେ   କହୁଥାନ୍ତି କଥା
ନୟନ ଠାର ।
ହାୟ ରାଣି ! ଦୁଇ   ଅଚହ୍ନା ସେଦନ
ମିଳିଲେ କାହୁଁ
ଜୀବନଟାଯାକ   ସହିବାକୁ ହେଲା
ମିଳନ ଦାଉ ।

ପ୍ରଣୟ-ସାଧନା

ସଖି, ମୋହ ଲାଗି ଲକ୍ଷ ନୟନ ତଳେ
ଦ୍ରୌପଦୀ ସମ ପାଅ ସଦା ଅପମାନ
ପ୍ରଣୟ-ଭିଖାରି ନୟନେ ମୋ ଚାହିଁ ଥରେ
ହେଉ ଗୋ ତୁମର ଲଜ୍ଜାର ଅବସାନ ।

ସଖି, ରାଜପଥେ ହେଲ ସଦା ଉଭା ଆସି
ଭ୍ରମ-ଶଙ୍କିତ ହେଲେ କି ସରିବ ପଥ ?
ମୋତେ ଚାହିଁ ଭୁଲ ପଥର ଯାତନାରାଶି
ସୁଭଦ୍ରା ସମ ବାହ ଗୋ ପ୍ରଣୟ-ରଥ ।

ସଖି, ସତୀ ସମ ଲାଞ୍ଛନା ସଦା ସହ
ଶିବ ସମ ମୁହିଁ ପ୍ରଣୟ-ସାଧନା ଜାଣେ
ଅପମାନ ଭାରେ ପଥେ ସଦା ଥକି ରହ
ମସ୍ତକେ ବହି, ମତ୍ତ ମୁଁ ଭୈରବ ଗାନେ ।

ପ୍ରିୟାର ସାଧନା

ଅପମାନ ସହି ପୁଣି ଆସେ ପାଶେ
ଯେ ସହଚରୀ
ନ ଦେବି ତାକୁ ମୁଁ ପ୍ରାଣ ଭରି ପ୍ରେମ
କହ କପଟ ?
ମସ୍ତକ ତାର ନଇଁଅଛି କୋଟି—
ନୟନ ତଳେ
ସବୁ ସହେ ପ୍ରିୟା ନୟନ ରଖି ମୋ
ଚରଣ ପରେ ।
ପାସୋରିଲେ ମିଶେ ପ୍ରେମ ଢଏ ମୋର
ଶକୁନ୍ତଳା
ପାସୋରିବ ମନ କହ କେସନେ ସେ
ସୁକୁନ୍ତଳା ?
ଗୌରବ ତାର ହରାଇଲା ସବୁ
ମୋହର ଲାଗି
କୁଳ ମାନ ସବୁ ପଦେ ଦେଲା ମୋର
ପ୍ରଣୟ ମାଗି ।

ଅପଥ କଣ୍ଟା ବାଜିଲା ରାଣୀର
ଚରଣ ତଳେ
ମୋ ଲାଗି ବାହାରୁ ପ୍ରେମ-ପିପାସିନୀ
ଜନତା ଭରେ ।
ନିଷ୍ଠୁର କରୁ ପାଇଅଛୁ ରାଣୀ
ନିର୍ଯ୍ୟାତନା
ମୋହଲାଗି ଗଲା କୁସୁମାରି ଭୁଲି
ସେ ଲାଞ୍ଛନା ।

କେଉଁ ଲାଞ୍ଛନା ମାନ ନାହିଁ ପ୍ରିୟା
ପୀରତି ଲାଗି
ସବୁ ଦେଲା ତାର ସୁଖ ମାନ ମୋର
ପ୍ରଣୟ ମାଗି ।
ଅକିଞ୍ଚନ ମୁଁ ଦେଇଛୁ ମୋହର
ଥିଲା ଯା ଘରେ
ପ୍ରିୟା ଦାନ ସାଥେ ତାହାର କି ଆଜ
ତୁଳନା ଚଳେ ?

ତାହା ଜାଣି ମିଶେ ପ୍ରିୟା ତା ପାଦ
ଭରଇ ନିତି
କହିଲେ ସେ କହେ "ନାରୀ-ପ୍ରଣୟର
ଏଇ ଯେ ରୀତି ।"
ନାରୀ ହୋଇ ପ୍ରିୟା ଶିଖାଇଛୁ ମତେ
ପ୍ରେମ କପଟ,
ସାଧନାର ତଳୁ ପୀୟୁଷ କେସନେ
ପଡ଼ଇ ଝରି ।

ପାପ କି ପୁଣ୍ୟ ବୁଝେ ନାହିଁ ପ୍ରିୟା
ପ୍ରଣୟ ଛାର
ସେ ଖାଲି ଜାଣଇ ପ୍ରିୟ ଲାଗି ଚାଲି
ଲୁହ ଦେବାର ।
ଲୁହ ଦେଇ ପ୍ରିୟା ଲୁହ ବୁହାଇଛି
ନୟନୁ ମୋର,
ପ୍ରେମ ଦେଇ ମତେ କରି ପକାଇଛି
ପ୍ରଣୟ-ଭୋର ।
ଆଜି ତେଣୁ ସବୁ ଦୂର ଓ ନିକଟ
ଭୁଲି ମୋ ହିୟା
ପ୍ରତି ନିଃଶ୍ୱାସେ ଉଚ୍ଚାରି ଉଠେ
'ପ୍ରିୟା ଗୋ ପ୍ରିୟା ।'

ବନ୍ଦିନୀ ପ୍ରିୟା

ଧନ୍ୟ ସେ ଗୃହ-କାରା
ସୁଦୂରେ ଯହିଁ ଗୋ   ବନ୍ଦିନୀ ମୋର
ଜୀବନର ଧ୍ରୁବ-ତାରା !
ତାହାରି ପ୍ରାଚୀରେ   ବାଜି ହୁଏ ଲୀନ
ରୁଚିର ବଚନ ତାର
ଚତ୍ୱର-ତଳ-   ପାଷାଣ ଲଭେ ତା
ଚରଣର ଗୂଢ଼ ଭାର ।
ସେଇ ଅଙ୍ଗନ-   ଗଗନେ ମିଶେ ତା
ଶରୀରର ସୌରଭ
ସେଇ ପରିସରେ   ଲୁଚିଯାଏ ତାର
ଚରଣ-ନୂପୁର-ରବ ।

ରୂପ-ଗୌରବ-ଲୀଳା
ପ୍ରିୟାର ମୋହର   ଲଭି ହୋଇଥିବ
ଜୀବନ୍ତ ଗୃହ-ଶିଳା ।

କାରାର କକ୍ଷେ   ଷପ୍ତ ହୁଏ ପ୍ରିୟା-
କଙ୍କଣ କଣ-କଣ
ବହୁଦୂର-ବାସୀ   ଶୁଣିବ କେମନେ
କହ ମୁଁ ତା ପ୍ରିୟଜନ ?

ଶତକ୍ରୋଶ ଦୂରେ   ଆଜ କେଉଁ ପୁରେ
ବନ୍ଦୀ ମୁଁ ପ୍ରିୟ ତାର
ପୋଛିବ କେମନେ   କଳା ଆଖିରୁ ତା
ଆକୁଳ ଲୋତକଧାର ?

ଏ କବା ବିଡ଼ମ୍ବନା
ଦୁଇ ଦେଶେ ଦୁଇ   ହୃଦ ରଖି କେ ଗୋ
ମିଳନ କରିଲା ମନା ?
ମିଳନ ବାଧାରେ   ରାଧା ମୋର ସତେ
ଦୂରେ ରାକ୍ଷସପୁରେ
ମିଳନ ନ ପାଇ   କରେ ହାଇ-ହାଇ
ପ୍ରିୟ ତାର ବହୁଦୂରେ ।
ଦେବତା କେ ଅଛ   ଦେବ ନକ ଦେହ
ମୋହର ମଳୟ କରି
ପ୍ରିୟତମ ପାଶେ   ଉଡ଼ି ମୁଁ ଯାଆନ୍ତି
କାରା-ବାତାୟନ ଧରି ।

ଗଣ୍ଡେ ଅଶ୍ରୁ-ଧାର
ପୋଛୁ ମୁଁ ବଅଁଛି; ଗୋଟାଇ ରଖିଁଛି
କପାଳେ ବନ୍ଧୁ-ଝାଳ !

ଧନ୍ୟ ମୁଁ ହେବ ପ୍ରିୟା ଯହିଁ ଅଛି
ହେଲେ ତହିଁ ଶିଳା-ତଳ
ତା ପଦ-ପରଶେ ପାଷାଣେ ମୋ ହୃଦୟ
କଂପିବ ଥର ଥର ।

କରତଳ ତାର ମୋର ଦେହେ ରଖି
ବସିଲେ ଶରମ ପାଇ
ଦ୍ରୁତ ରେଣୁ ସେହୁ ଶିଳାତଳେ କି ଗୋ
ଜୀବନ୍ତ ହେବ ନାହିଁ ?

ଭାଗ୍ୟ ସେ ମୋର କାହିଁ ?
ଜନ୍ମ ମୋହର ଜୀବନ-ବରହେ
ଅଶ୍ରୁ ଢେଳିବା ପାଇଁ ?
ଅଶ୍ରୁ ଯେ ଢେଳେ ନିତି ନିଶା-ଶେଷେ
ଜାଣିବ କେସନ ପ୍ରିୟା ?
ଯିବ ହେ କୋକିଳ ? ଯିବ ହେ ମଳୟ ?
ଜଣାଇବ ମୋର ହୃଦୟା ?

ପ୍ରିୟା ମୋର ଠିଆ ହୋଇଥିବ କିଆ-
କଳିକା ଜୁଡ଼ାରେ ମାରି
କେହୁ ଜଣେ ଯାଇ କହନା ବୁଝାଇ
ସୁଖୀ ହେବ ସୁକୁମାରୀ ।

କହିବ ତାହାରେ ଡାକି
'କଆଫୁଲ ଯାର   ପ୍ରିୟ ଗୋ ତାହାର
ନିତ୍ୟ ସଜଳ ଆଖି ।'

କହିବ ହେ ପୁଣି   'ତୋର ଗୁଣ ଗୁଣି
ନ ସରଇ ତାର ଦିନ
ଯକ୍ଷୀ ବସେ ଖାଲି   ତୋର ନାମ ଲେଖି
ଶୋକ କରେ ତାରେ କ୍ଷୀଣ ।

ତୋର ପରିଧେୟ   ଦେହେ ଯାକି ଧରି
ଅସୀମ ସେ ସୁଖ ପାଏ
ତୋର ନାମ ପୁଣି   ଖୋଳି ଦେଉଅଛି
ଶରୀରର ଠାଏ ଠାଏ ।

ଜାଣି ରଖ ବରାନନ !
ଭୁଲେ ନାହିଁ କେବେ   ପ୍ରିୟ ଗୋ ତୋହର
କି ଦିବସ କି ରଜନୀ ।'

କଆଫୁଲ-କଢ଼ି   କବରୀରୁ କାଢ଼ି
ଚୁମ୍ବିବ ପ୍ରିୟତମା
ଝୁରୁ ଆଖି ଭରି   ଢଳ ଢଳ କରି
ସଲିଳ ହୋଇବ ଜମା ।

ବଦନ ନଇଁବ   ନାସିକା ଫୁଲିବ
ଅଧର ଥରିବ ହେଲେ
ନୀର ପୋଛୁଁ ଧୀରେ   ବଳୟ ବାଜିବ
ପ୍ରିୟାର ପ୍ରଳୟ ବେଳେ ।

ମୁହିଁ ତ ନ ଥିବ ତହିଁ
ଗୁରୁ ଶୋକେ ପ୍ରିୟା ବାତାୟନ ପରେ
ସଧୀରେ ପଡ଼ିବ ନଇଁ ।
ମୋ ପାଇଁ ମଳୟ । ପ୍ରିୟାର କପୋଳେ
ବୁଲାଇଦେବୁ ରେ ହାତ
ପୋଛିଦେବୁ ଧୀରେ— ଭାଗ୍ୟ ତୋହର—
ଗଣ୍ଡ ଅଶ୍ରୁ-ସ୍ନାତ ।
କୃଷ୍ଣ ଚିକୁର ବ୍ୟସ୍ତ ଆକୁଳ
ବକ୍ଷେ ପଡ଼ିଲେ ଖସି
ମୋ ଲାଗି ମଳୟ ! ଗତି କର ଥିର
ସଜାଡ଼ିବୁ ଜୁଡ଼ା ବସି ।
ଉପାୟ କି ଅଛି କହ,
ଭୋଗିବାକୁ ହେବ ସିନା ଏରୂପର
ଦୁହେଁଯାକ ଏ ବିରହ ।
ଦୂରବାସୀ ପ୍ରିୟ- ଉରେ ନିତି ବ୍ୟଥା
ତୁମ ପାଇଁ ବନ୍ଧନ !
ଉପାୟ କି ଅଛି ନେଇଛି ତ ଆନ
ଶରୀର ତୁମର ଜଣି ।
ରୂପ ତାରେ ଦିଅ, ସ୍ନେହ ମାଗେ ପ୍ରିୟ
ଲକ୍ଷ ଯୋଜନ ଦୂରୁଁ
ଦିନେ ଦିନେ ଖାଲି ମଙ୍ଗଳ-ଧୂପ
ମୋ ନାମେ ଉଠୁ ସେ ପୁରୁଁ ।
ଉପଭୋଗ ପ୍ରଣୟର,
ତାହାଠାରୁ ବଳ ନାହିଁ ପ୍ରିୟତମ
ପବିତ୍ର ମନୋହର ।

ଏଇ ସହକାର ତଳେ

ଏଇ ସହକାର ତଳେ
ସେଦିନ ପ୍ରିୟାର କର-କଙ୍କଣ ଭିଡ଼ିଥିଲା ମୋର ଗଳେ ।
ପୂର୍ଣ୍ଣିମା ରାତି ଉଠିଥିଲା ମାତି
ମଳୟ ପରଶ ପାଇ
ବନପକ୍ଷୀ ଦୂରେ କରୁଣ ମଧୁରେ
ଯାଉଥିଲା କିବା ଗାଇ ।
ଜ୍ୟୋତ୍ସ୍ନା ଓ ଛାୟା ରଚିଥିଲା ମାୟା-
ଚିତ୍ର ଏ ତରୁତଳେ
ସହଚରୀ ମୋର ପ୍ରଣୟ-ବିଭୋର
ଭିଡ଼ିଥିଲା ମୋର ଗଳେ
ଏଇ ସହକାର ତଳେ ।

ନଗରେ ପ୍ରଦୀପ ନିଭି ଆସୁଥିଲା
ନିଶୀଥ-ନିଦ୍ରା ପାଇଁ
ପ୍ରାନ୍ତର ଭରି ଝିଙ୍କାରି କରି
ଉଠୁଥିଲା ସାଇଁ ସାଇଁ ।
ଶଙ୍କିତେ ଗୋରୀ ଥରି ଥରି କରି
ଚଉଦିଗେ ଚାହୁଁ ଥାଏ
ପ୍ରସ୍ତରର ମୂର୍ତ୍ତି ସହଚରୀ-ମୁଖୁଁ
ଅଧର-ମଦ୍ୟ ପାଏ;

ଭଦ୍ରେ, ଭଦ୍ରେ; ତରତରେ
ଏଇ ସହକାର ତଳେ ।

ଦୁହେଁ ଦୁଇଠାରେ ଘନେ ମିଶିବାରେ
ପ୍ରାଣ ମନ ଧରି ଚେଷ୍ଟା
ଜାଣିବ କେ କାରେ ପ୍ରାଣ ବିକିବାରେ
ଏଥିଲାଗି ଭାରି ନିଷ୍ଠା ।
ସକଳ ଜଗତ ଦୂର ଓ ନିକଟ
ପାସୋରି ସେ ମହାକ୍ଷଣେ
ଶୁଣୁଥାଇ ମହା- ସଙ୍ଗୀତ, ପ୍ରିୟା
କଙ୍କଣ କଣ-କଣେ;

ବାଜେ ଯେତେ ତାର କରେ
ଏଇ ସହକାର ତଳେ ।

ପିଆଉ ମହୁରୀ ଥରେ ସେ ଅଧୀରୀ
ଚମକିଲା ମୋର ବକ୍ଷେ
ବାହୁପାଶ ତାର ଶିଥିଳିତ କରି
ଚାହିଁଲା ମୋହର ଚକ୍ଷେ ।
ମୋ ନୟନେ ଚାହିଁ ଅଧର ଥରାଇ
କହିଲା ମୋ ଆଡ଼େ ଚାହିଁ
ତମ ଲାଗି ଯେତୁ କଳଙ୍କ ବହେ
ସତେ ତାକୁ ଭଲ ପାଅ ?

ଉତ୍ତରେ ବାହୁ ଭିଡ଼ିଲା ତାହାର ଗଳେ
ଏଇ ସହକାର ତଳେ ।

ସହକାର ତଳ ବାୟୁ ଉଚ୍ଛଳ
ହୋଇଗଲା ପ୍ରିୟା-ଗନ୍ଧ
ଶିଥିଳ ଚିକୁର ଚୁମ୍ବନାକୁଳ
ପଡ଼ିଲା ରୂପସୀ ସ୍କନ୍ଧେ ।
ନିଶୀଥ ଜ୍ୟୋତ୍ସ୍ନା ଧୀରେ କଲା ମନା
ପ୍ରାନ୍ତରେ ରହିବାକୁ
ମଳୟ କହିଲା ମହୁରୀ ସରିଲା ?
ଯାଅ ତେବେ ଶୋଇବାକୁ ।

ମିଶିବ ତ କେତେ ଥରେ
ଏଇ ସହକାର ତଳେ ।

ସହକାର ତଳ   ଆଜ କେତେ ଥର
    ଦେଖିଲୁ ଆମ୍ଭ ରସ ?
ଜ୍ୟୋତ୍ସ୍ନା ନିଶାରେ   ଦେଖିଲୁ କି ଆଉ
    ଉଡ଼ିବାର ପ୍ରିୟା-ବାସ ?
ମିଳି ନାହୁଁ ଆଜ,   ମିଶି ନାହିଁ ବାହୁ
    ରୋମାଞ୍ଚ କରି ଜାତ
ଦୁହେଁ ଦୂରେ ଦୂରେ,   ଭଙ୍ଗ କରିଛୁ
    ସମାଜ ଦଣ୍ଡ-ଘାତ ।

ଭେଟି ନାହୁଁ ତାହା ପରେ
ଏଇ ସହକାର ତଳେ ।

ଜ୍ୟୋତ୍ସ୍ନା ରଜନୀ   କେତେ ଥିବେ ପାନ୍ଥ
    ସେ ଦିନୁଁ ତୋହର ଶିରେ
ପଲ୍ଲବ ତୋର   ଉଠିଥିବ ଥରି
    କେତେ ବାର ପିକ-ଗିରେ;
ଚୂତ ! ତୋର ତଳେ   ପୁଣି କେତେ କରେ
    କଙ୍କଣ ଥିବ ବାଜି
ଚୁମ୍ବନ-ସ୍ୱରେ   ହୋଇଥିବ କେତେ-
    ନାଗରିକା ଓଠ ମାଜି ।

ବାହୁ ଭିଡ଼ିଥିବ ଗଳେ
ଏଇ ସହକାର ତଳେ ।

କହ ଚୂତ ! କହ ସେପରି କି ଆଜ
ଦେଖିଛୁ କାହାରେ ଚକ୍ଷେ
ଗୁରୁ ସୁରମୟ ସେପରି ପ୍ରଣୟ
ଗଭୀର କାହାର ବକ୍ଷେ ?
ପ୍ରିୟା ସମ ମୋର ପୀରତି-ଡୋରେର
ଦେଖିଛୁ କାହାରେ ଆଜ ?
ନବନ୍ତେ ସେପରି କହ ପ୍ରିୟେ ଧରି
ବାନ୍ଧିଛୁ କିଏ ବାହୁ ?
ମିଶିଅଛୁ ପ୍ରାଣ ଛଳେ
ଏଇ ସନ୍ଧ୍ୟାର ଛଳେ ।

ସାକ୍ଷୀ ତୁ କହ ମୋହର ପ୍ରଣୟ
ସମାନ ଜଗତେ ନାହିଁ
ମୋର ପ୍ରିୟା ସରି ନାହିଁ ସୁନ୍ଦରୀ
ନାହିଁ ବା ପ୍ରଣୟ- ଦାୟୀ ।
କ୍ଷଣକର ସୁଖେ ଦରିଦ୍ର ମୁହିଁ
ସମ୍ରାଟ ହୋଇ ଉଠେ
କେହି ପାଇ ନାହିଁ ଦର୍ଶେ ଯା ଦେଲା
ପ୍ରିୟା ମତେ ଓଠ-ପୁଟେ ।
ସେ କଥା କହ ତୁ ଥରେ
ଏଇ ସେହି ଚୋର ଛଳେ ।

ଭୁଲିଯିବି ମୁହିଁ, ପ୍ରିୟା ନ ଦେଖିବା-
ଦୁଃଖ ଏ ଜୀବନରେ ।

ରାସସ୍ଥଳୀ

ପଥିକ, ଯେ ପଥେ ଚାଲ
ସେହି ପଥେ ଜାଣ ପ୍ରଣୟିନୀ ଏକ
ରଚୁଥାଇ ଅଭିସାର !

ଚରଣ-ପରଶେ ତାର,
କଠିଣ- ସରଣୀ-ପାଷାଣ ଅଙ୍ଗେ
ଉଠୁଥାଇ ଶୀତ୍କାର ।

ତା ଜୁଡ଼ା-ଗନ୍ଧ ପାଇ
କ୍ଷୁଧିତ ମଳୟ ଭୋଜନ ଶରମେ
ଉଡ଼ି ଯେ ପାରଇ ନାହିଁ !

ଶଶୀର-ଆଲୋକ ତାର
ଘୋଡ଼ାଇ ନ ପାରି ଲଜ୍ଜିତ ହୁଏ
ରଜନୀ ଅନ୍ଧକାର ।

ଶଂକରେ ଯେବେ ଆସେ
ସାର-ପଥେ ପର ସେ ପ୍ରିୟତମାର
ରୂପ ଓ ଗନ୍ଧ ଭାସେ ।

ପଥ-ପାଶ ସହକାର
ପ୍ରିୟା ଆଜ ପ୍ରିୟ ମିଳନ ପାଇଁକି
ଢାଏ ତା ଅନ୍ଧକାର ।

ଏଇ ସହକାର ତଳେ
ଏଇ ପଥ ପାଶେ ଭିଡ଼ିଥିଲା ବାହୁ
ପ୍ରିୟା ତା ପ୍ରିୟର ଗଳେ ।

ତଳେ ଏଇ ପଥ-ଘାସ
ଉପରେ ତାରକା ମନେ ରଖିଛନ୍ତି
ସେ ପ୍ରିୟ-ପ୍ରିୟାର ରସ ।

ପ୍ରଣୟ କି କଥା ଜାଣ ?
ତେବେ କି ପଥିକ, ଏ ଋଲିବା-ପଥେ
ନ କରିବ ସମ୍ମାନ ?

ଏ ପଥର ରେଣୁ ତଳେ
ମନେ ରଖ ଏକ ରୂପସୀ ପ୍ରିୟାର
ପ୍ରଣୟ ନିତ୍ୟ ଥରେ ।

ଏଇ ସହକାର ତଳେ
ମନେ ରଖ ଏକ ସୁନ୍ଦରୀ ଦେଲା
ପ୍ରାଣ ତାର ପ୍ରିୟ-କରେ ।

ଏ ସରଣୀ-ରେଣୁରାଶି
ଖୋଜୁଛନ୍ତି ଆଜି; କାହିଁ ଗଲା କାହିଁ
ସେଦିନ ମତ୍ତକାଶୀ ?

ପଥିକ, ଏ ସବୁ ଜାଣି
ଗଲାବେଳେ ଏଥି, ଧରିବ ନାହିଁ କି
ଚରଣ-ବସନ ଟାଣି ?

ସେ ବେନ ପ୍ରଣୟୀ ଆଉ
ମିଳିବେ ନ ଏଥି, ମିଳାଇବେ ନାହିଁ
ନିବିଡ଼େ ଦୁଇଟି ବାହୁ ।

ଦୁହେଁ ଦୁଇ ଦେଶେ ରହି
ଦୁହିଁଙ୍କ କପୋଳେ ଝରଝର ଜଳ
ନିତ୍ୟ ଯାଉଛି ବହି ।

ତେଣୁ ହେ ପଥିକ, କହେ,
ସମ୍ମାନ କର, ସମ୍ମାନ କର
ବିରହିତ ସେ ପ୍ରଣୟେ ।

ତୀର୍ଥ କରିଛ କି ହେ ?
ତୀର୍ଥ ଟି ତହିଁ; ମାନବର ହିୟା
ଯହିଁ ଦିଏ ଆଉ ନିଏ ।

ଏ ପଥ ତୀର୍ଥ ଜାଣ,
ଏଇ ପଥେ ପରା ମିଶି ଯାଉଥିଲା
ଚୁମ୍ବନେ ଦୁଇ ପ୍ରାଣ !

ଏଇ ପଥ-ରେଣୁ ପରେ,
ପଥିକ, ଜାଣ କ ପ୍ରେମିକ ବାସନା
ସେହ୍ନେ ଛା ଚଛା ଜଳେ !

ତେଣୁ ହେ ପଥିକ, କହେ,
ସମ୍ମାନ କର ଏ ପଥେ, ଯା ତଳେ
ପ୍ରେମ ଓ ଭରଦ୍ୱ ବହେ ।



ମିଳନ-ପଥ

ଯେ ପଥେ ପ୍ରିୟେ, ଆସୁଥିଲ ମୋ ପାଶେ
ଏ ଦେହ ମିଶିଯାଉ ସେ ପଥ-ଘାସେ ।
ଆଉ ତ ଆସିବାର
ରହିବା ଅଭିସାର

ସେ ପଥେ, ଯୋଗ ନାହିଁ ମଧୁର-ହାସେ
ଏ ଦେହ ମିଶୁ ତେବେ ସେ ପଥ-ଘାସେ ।
ସେ ପଥେ କେତେ କଥା ଘଟିଛି ସହି,
ତା ସ୍ମୃତି ରେଣୁ ଭେଦ ଯାଇଛି ରହି;
ଆଉ କେ ଜାଣି ନାହିଁ
ଆଉ କେ ଶୁଣି ନାହିଁ

ପ୍ରାଣର କଥା ଯାହା ହୋଇଛି କହି
ବିଜନ-ପଥ ଖାଲି ଶୁଣିଛି ରହି ।
ତନ୍ଦ୍ରା-ବିଜଡ଼ିତ ନଗର ଜନେ
ପିଶାଚ- ପୁଷ୍ପ-ବାସ ଭାସେ ପବନେ,

ଏକାଳେ ନିଶୀଥରେ
କେ ଆସେ ସେ ପଥରେ

ଫୁଟାଇ ସରସିଜ ଗୁରୁ-ଚରଣେ ?
ନିଦ୍ରା-ଘୋର ଯେବେ ନଗର ଜନେ ।

ଉତ୍ତର ଦେବ ତାର ଶାଖୀ ସେ ପଥ
କହିବ, ଆସେ ମୁଖ କରି କେ ନତ
ଗଭୀର ନିଶା ତଳେ
ବିଜନ ପଥ ପରେ
ଯିବାକୁ ଅଭିସାରେ ପ୍ରିୟ ନିକଟ
କହିବ ଆସେ ମୁଖ କରି କେ ନତ ।

ପ୍ରିୟ ଗୋ ପ୍ରିୟ ଯାଇ ରହିଲ କାହିଁ
ଜୀବନେ ମିଳିବାର ସୁଯୋଗ ନାହିଁ
ଦୁହିଙ୍କ ଇତିହାସ
ଉଦରେ କରି ଗ୍ରାସ
ରହିଲ୍ ତେଣେ ପଥ ପ୍ରବାସ-ବାହି
ଦୁହେଁ ଯେ ଦୁଇ ଦେଶେ ରହିଲେ କାହିଁ ।

ପ୍ରିୟାକୁ ଲଭିବାର ନାହିଁ ତ ଆଶ
ପ୍ରିୟ-ପାବନ ପଥେ ହୁଏ ମୁଁ ଘାସ
ସେ ପଥ-ରେଣୁ ତଳେ
ଶୋଣିତ ସମ ଥରେ
ପ୍ରିୟାର ସୁକୋମଳ-ଚରଣ-ବାସ
ସେ ଲଭେ ହେବ ମୁହିଁ ସେ ପଥେ ଘାସ ।

ଜଣେ ମତେ ଭଲ ପାଏ

ଦୁର୍ଦ୍ଦିନେ ପ୍ରାଣ ଆଉ ଡର ନାହିଁ ପାଏ
ଜାଣିଲଣି ଯେଣୁ ଜଣେ କେହ୍ବ ଭଲ ପ ଏ ।
ଥାଉ ସେ ସୁଦୂରେ. ଲକ୍ଷ ଯୋଜନ ପାରେ
ବନ୍ଦିନୀ କାରାଗୃହର ଅନ୍ଧକାରେ ।
ବାଜେ ମୋର ଏଇ ହୃଦୟର ଏକ ଠାଏ
କେ ଜାଣି କାହିଁକି ପ୍ରିୟତମ ସମ
ମତେ ସେ ଗୋ ଭଲ ପାଏ ।

ଗୃହିଣୀ ସେ; ତାର ଜଞ୍ଜାଳ ଶତ ଶତ
ମାନିବାକୁ ହୁଏ ବହୁଜନ-ମନୋରଥ ।
ତଥାପି ପାଇଲେ କ୍ଷଣକର ଅବସର
ଧରଣୀର ଘୋର ଜଞ୍ଜାଳୁଁ ଦିବସର
ମାର ତେଜ ଥରେ ପୋଛିଦିଏ ମୋହ ଲାଗି
ଦେବତାଠୁଁ ନିଏ ମୋର ମଙ୍ଗଳ ମାଗି;
ମୋହ କଥା ଭାବି ଶୟନେ ନିଦ୍ରା ଯାଏ
କେ ଜାଣେ କାହିଁକି ବିଶାଳ ଜଗତେ
ମତେ ଏତେ ଭଲ ପାଏ ।

ସେଇ ମଙ୍ଗଳେ ବିଶ୍ୱାସ ମୋର ବଡ଼
ସେଇ ସ୍ନେହୁଁ ଆଉ ନାହିଁ ପରିସରର ।
ସେଇ ପ୍ରେମ ମତେ ଜୀବନ ଦେଇଛି ଆଜି
ବୀର ସମ ବାହୁଯିବ ଦୁର୍ଦ୍ଦିନରାଜ ।
ଗଗନେ ମୋହର ହେଲେ ଘୋର ଘନଘଟା
ବଦନ ତାହାର ହେବ ବିଦ୍ୟୁତ-ଛଟା ।
ସଂଗ୍ରାମେ ଯଦି ଶିଥିଳ ହୁଏ ଏ କର
ଦୂରୁଁ ସେ ଡାକଇ 'ମତେ ରୁହଁ, ଅସି ଧର'
ସ୍ନେହ ତାର ମତେ ଦେଲା ନୂଆ ଅବତାର
ପରାଣ ମୋ କହେ, ସବୁ ମୁଁ କରିବ
ହେବାକୁ ଯୋଗ୍ୟ ତାର ।
ଦୁର୍ଦ୍ଦିନେ ତେଣୁ ଆଉ ଡର ନାହିଁ ପାଏ
ଜାଣିଲିଣି ଠିକେ ଯେଣୁ ଜଣେ ଭଲ ପାଏ ।
ସକଳ କରମେ ପଛେ ମୋର ସେ ଗୋ ରହି
ଇଙ୍ଗିତ ଦିଏ ସମରେ ହେବାକୁ ଜୟୀ ।
ସଚିବ ସେ ମୋର, ଜନନୀ, ଭଗିନୀ, ପ୍ରିୟା
ସବୁ ରୂପେ, ସବୁ ଭାବେ ସେ କିଣିଲା ହିୟା ।
ତାହାର କଥା ମୁଁ ଭାବୁଥାଏଁ, ଗାଉଥାଏଁ
ଲାଜ ନାହିଁ ମୋର, ଡର ନାହିଁ ମୋର,
ସେ ଯେ ମତେ ଭଲ ପାଏ ।

ବିରହ

ମିଳନର କାଳେ ଯେତେ ପାଖେ ଆସ
ଥାଏ ଦେହ ବ୍ୟବଧାନ
ବିରହରେ ପ୍ରିୟେ ! ହୋଇଅଛି ଆଜ
ଶରୀରର ଅବସାନ ।

ଶୋଣିତର ସ୍ରୋତେ ସାରା ଦେହେ ଆଜ
ତୁମର ପରଶ ପ୍ରିୟା
ଦେହମୟ ଆଜ ହୋଇଅଛ ତୁମେ
ଆବର ରହିଛ କିଆ ।

ବାହାରେ ଭିତରେ ସବୁଆଡ଼େ ତୁମେ—
ଅଭିନବ ଅନୁଭବ,
ନିଜ ଦେହେ ଯାକ ପାଉଛି ବିରହୀ
ମଧୁର ପରଶ ତବ ।

ଯହିଁ ଯାଏଁ ମୁହିଁ ଯହିଁ ଅବା ଥାଏଁ
ମୋର ଏ ପରାଣ ତଳେ ।
ବୀଣା-ତାର ତଳେ ମଧୁଗୀତ ସମ
ତୁମର ସ୍ମୃତି ଚଳେ ।

ସବୁକାମ ଛଳେ　　ତୁମ କଥା ସଖି
　　ବାଜୁଥାଏ ରହି ରହି
ଆଖି ଯାହା ଦେଖୁ　　ମନ ଭାବୁଥାଏ
　　ହିନେ ଗୋ କି ଥିଲି କହି ।

ବିରହ-ବିଧୁର　　ବିରହ ମଧୁର
　　ଭାବେ ମୋ ବିରହୀ ହିୟା
ବିରହ ଯେ ଦେଲା　　ଯୋଗ, ଭୋଗିବାକୁ
　　ଦେହ ସାରା ମୋର ପ୍ରିୟା ।



ବିରହୀ.

ଦୂରେ ଦୂରେ ଦୂରେ
ଚରଣ-ପ୍ରିୟା   ରହିଲା ଯାଇ
କାହାର ଅନ୍ତଃପୁରେ ।
ଜୀବନ ସାରା ଅଗ୍ନି ଜଳେ
ବିରହୀର ଏ ବକ୍ଷତଳେ
କପୋତ ପରି ଚିତ୍ତ ମୋର ଝୁରେ
ଦୂରେ ଦୂରେ ଦୂରେ ।

ଏକା ଏକା ଏକା
ମୋ ଲୁହ ମୋର   ହାତରେ ପୋଛୁ
ଭୂଇଁରେ କାଟେ ରେଖା ।
ତା ଛଡ଼ା ମୋର ପ୍ରିୟା ଯେ ନାହିଁ ।
ନୟନ ମୋର ପୋଛିବା ପାଇଁ
ସେ ପ୍ରିୟା ସାଥେ   ନାହିଁ ଯେ ହୁଏ ଦେଖା
ଏକା ଏକା ଆକା ।

ପ୍ରିୟା ପ୍ରିୟା ପ୍ରିୟା
ଯହିଁ ମୁଁ ଯାଏ,   ଯହିଁ ମୁଁ ଥାଏ
ଡାକଇ ମୋର ହିୟା ।
ପ୍ରିୟା ଯେ ମୋର ସୁଦୂର ଭୂମେ
ଆଜ କା ଓଠ ଘୃଣାରେ ଚୁମେ
କୁଣ୍ଠିତରେ   କରଇ ଓଠ-ପିଆ
ପ୍ରିୟା ପ୍ରିୟା ପ୍ରିୟା ।

ସଖି ସଖି ସଖି
ତୁମରି ଲଗି   ଆଉ କେ ପ୍ରେମ
ପାରୁ ନାହିଁ ମୁଁ ରଖି ।
ତୁମେ ତ ଗଲ ଅନ୍ୟ ସାଥେ
ମୋ କାଳ ମୁହଁ କପଟି କାଟେ
କଲ ଯେ ମତେ   ନଷ୍ଟ-ନୀଡ଼ ପକ୍ଷୀ
ସଖି ସଖି ସଖି ।

ହରି ହରି ହରି
ଜୀବନ ମୋର   ହୋଇଯିବ ସିନା
ଦଗ୍ଧ ବୃକ୍ଷ ପରି ।
ଯେ ଯାହା ପ୍ରିୟା ରହିଲେ ନେଇ
ମୋ ପ୍ରିୟତମେ କାହାରେ ଦେଇ
ଏକଲା ବୁଲେ   ଦିବସ ଶର୍ବରୀ
ହରି ହରି ହରି ।

କହ କହ କହ
ପ୍ରଣୟ ଦେଇ   ବିରହ କିଆଁ
ହୋଇଗଲ ଅହରହ ।
ସ୍ରଷ୍ଟା ତେ'ର ନିଷ୍ଠୁର ନାହିଁ
କାହାର ସୁଖ ଥୋଇଲୁ କାହିଁ
ଜୀବନ ମୋର   କରିଲୁ ଦୁର୍ବିସହ
କହ କହ କହ ।

ପାପ ଓ ପ୍ରେମ

—୧—

ହେ ସମବୟସି, ତୁମର ମୋର ଯେ ପୀରତି
ନିଷ୍ଠୁର କେତେ ବୋଲୁଛନ୍ତି ପାପ କୀରତି !

ତୁମରେ ବୋଲନ୍ତି କୁଳଟା ଅସତୀ ରମଣୀ
ମୋତେ ବା ବୋଲନ୍ତି ବ୍ୟଭିଚାରୀ ନୀଚ ବ୍ୟସନୀ
ବ୍ୟବହାର ଦେଖି ଅବୋଧ ଜନତାର ଗୋ
ବୁଝେ ଅବା ନାହିଁ ବଞ୍ଚିବା ଅଧିକାର ଗୋ

ଏଡ଼େ ଅପରାଧ ଜୀବନେ କରିବା ପୀରତି ।

ହୃଦୟେ ହୃଦୟ ମିଶିବାକୁ ଗଲେ
ଧର୍ମ ରହେନା ପୁଣି ମହୀତଳେ

ଏକ ଆନ ପାଇଁ ଭାବିବା ଗୋ ପାପ-କୀରତି
ହେ ସମବୟସି, ତୁମର ମୋର ଯେ ପୀରତି ।

—୨—

ପ୍ରଣୟ କି କଥା ଜାଣିଥିଲେ ଏହା କହି କି ?
ପରାଣ ମିଳିଲେ ପାପ କିପାଁ ଆସେ ମଝି କି ?
ଚିରଉପବାସୀ କି ଜାଣିବ ଏହି ଜନତା
କି ପୀୟୂଷ ଢାଳେ ପରାଣେ ପ୍ରଣୟ-ମମତା ?
ଦରିଦ୍ର ପ୍ରିୟେ ଗୋ ଜାଣିବେ କେସନେ ଜୀବନେ
କିବା ଅନୁଭବ ପୀରତି-ପୀୟୂଷ ସେବନେ,
ପ୍ରିୟତମ ବୋଲି ଡାକିବା କି ସୁଖ ସହିକି
ଏକ ହୃଦ କଥା ଆନ-କାନ ପାଶେ
ଗୋପନେ କହିବା ଚୁପି ଚୁପି ଭାଷେ
ନୟନ ଲୋତକେ ସ୍ୱର୍ଗ କରିବା ମହୀକି
ପ୍ରଣୟ କି କଥା ଜାଣିଥିଲେ ଏହା କହି କି ?
ଜନତା କି କେବେ ସୁଖ ଦୁଃଖ ମୋର ଜାଣିବ
ନୟନୁ ଲୋତକ ପୋଛିବାକୁ କର ଆଣିବ ?
ପାପେ ତେବେ ମୋର କିପାଇଁ ଏ ବ୍ୟଥା କହତ
ସେନେହ ଖୋଜିଲେ ସରେ କି ଧରମ ମହତ ?

—୩—

ପରାଣେ ପରାଣ ମିଶିଲେ କି ନାରାୟଣ
ଶୁଣିଛ କେ କାହିଁ କରିବାର ପଳାୟନ
ସେ କଥା ମୂର୍ଖ ସମାଜ ତ ନାହିଁ ଜାଣିବ
ନିର୍ମମ ଖାଲି ଖୋଜି ଅପରାଧ
ସୃଷ୍ଟି କରିବ ମିଛ ଅପବାଦ
ଈଶ୍ୱର ନାମେ ହିଂସାରେ ବାଣ ହାଣିବ !

—୪—

ନୟନୁ ଯାହାର ଲୋତକ ମୋ ପାଇଁ ବହିଲା
ମୋ ନୟନେ ସେ ତ ପରମ ପୂଜ୍ୟ ମହିଳା,
ସତୀଶିରୋମଣି ନ ହେଲା ବା ସେହି କାମିନୀ
ଅସତୀର କହେ ନାହିଁଛି ପ୍ରଣୟ-ଯାମିନୀ ?
ସତୀ ଅସତୀରେ ଭିନ୍ନ କି ହୁଏ ପରାଣ ?
ପ୍ରାଣ ଯହ ଅଛି, ଅଛି ହେ ପ୍ରଣୟ ଧିଆନ
ସତୀରେ ତା' ଗୁଣ, ଅସତୀରେ ଦୋଷ ହୋଇଲା
ମୂର୍ଖ ଜନତା କର ତା' ବିଚାର
ପ୍ରଣୟକୁ ଦିଅ ତାର ଅଧିକାର
ନ କହ ପୁରୁଣା ପୋଥି ଏଥେ କିବା କହିଲା,
ମୋ ନୟନେ ସେ ତ ପରମ ପୂଜ୍ୟ ମହିଳା ।

—୫—

ନୟନ-ବାରିରେ ସିକ୍ତ ଯା' ପ୍ରୀତି-ସରଣୀ
ଘୃଣ୍ୟ କି ହେଲା କୁଳଟା ବୋଲି ସେ ଘରଣୀ ?
ମଙ୍ଗଳ-ଦୀପ ଜାଳିଲା ଯେ ଏକ ଭବନେ
ସଙ୍ଗୀତମୟ କରିଲା ଯେ ଏକ ଜୀବନେ
ଛାୟାତଳେ ଯାର ପାଇଲା ଶାନ୍ତ ମଧୁର
ଆଉ ଏକ ପ୍ରାଣ କ୍ଲାନ୍ତ ବ୍ୟଥିତ ବଧୂର
ସେ ଜୀବନେ ମୂଲ ଦେବନ' କି ଏଇ ଧରଣୀ ?
ପ୍ରଣୟ କି ହାୟ ଏତେ ଅପରାଧ ?
ହିୟା ଖୋଲି ଦେଲେ ମିଳେ ଅପବାଦ
ମନର ମଣିଷେ ମନ ଦେଲେ ହାୟ, ଘୃଣ୍ୟ ହୋଇବ ଘରଣୀ ।

—୬—

ମୂର୍ଖ ଜନତା ବୁଝେ ନାହିଁ ମନ-ଯାଚନା
ଏକ ଆନ ପାଇଁ ଢଳପିବା କବା ଘଟଣା
ଯୌବନ-ଦୁଆର ରୁଦ୍ଧ ଗୋ ମିତ-ପାଷାଣେ
ଜୀବନ-ଦେଉଳେ ଉଡ଼ାଏ ଗୋ ମିତ-ନଶାଣେ;
ସ୍ନେହର ମୂଲ୍ୟ ନବୋଧ ଦେଇ ପାସୋର
ଦେହର ମୂଲ୍ୟେ ଧରିଅଛୁ ସେ ଗୋ ଆବୋର
ସ୍ନେହ ଯେ ଜୀବନେ କରିଦିଏ ପାପ ମାଜଣା;
ନାହିଁ ଜାଣେ ସଖି, ମୂର୍ଖ ଜନତା
ପାପ ବୋଲି କହେ ପ୍ରଣୟ-ମମତା !
ଅଶ୍ରୁ-ଧଉତ-ପୀରତି କି ପାପ-ଘଟଣା;
ମୂର୍ଖ ଜନତା ବୁଝେ ନାହିଁ ପ୍ରୀତି-ରଚନା ।

—୭—

ତେବେ ଲଜ୍ଜିତା ସୁନ୍ଦର ପ୍ରାଣ-ସଜନ,
ସ୍ନେହେ ତବ ହେଉ ଆର୍ଦ୍ର ନିତି ମୋ ରଜନୀ
ମୂର୍ଖ ଜନତା କହୁଥାଉ ପାପ ବୋଲି ଗୋ
ତବ କରତଳ ଦିଅ ମୋ କପାଳେ ବୋଳି ଗୋ
ଈଶ୍ୱର ଆଗେ ଏ ପାପ ଅଶ୍ରୁ-ଲଳିତ
ଦେଖାଇବା, ହେଉ ପାପ ଓ ପ୍ରଣୟ କଳିତ
ନର ଯା ବୁଝେ ନା ଦେବତା ବୁଝିଇ ସଜନ,
ଏହି ପାପ ଦେଇ ବେନି ପ୍ରାଣେ ସଖି
ଜୀବନ ଯାଉ ତା' ରସ-ଧାରା ରଖି
ଆଦରେ ଆର୍ଦ୍ର ହେଉ ମୋର ପାପ-ରଜନୀ
ପାପ ଦେଇ ମତେ ପୀୟୂଷ ପିଆଅ ସଜନ !

ପ୍ରେମ ଓ ମୃତ୍ୟୁ

ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ହେ ତାରେ ଦେହର ଛୁଇ ।

ପାରିବ ଯଦି ଭସ୍ମ ପରେ
ପଦ୍ମ ପାଦ ଛୁଳବ ଧୀରେ
ଜୀବନ ପୁଣି ଲଭିବ ସଖି,
ନଷ୍ଟପ୍ରାୟ ମୁଁ ମରଣ-ଘାରେ ।

ଦୂରେ ରହ

ଦୂରେ ରହ ଦୂରେ ରହ
ସନ୍ନିଧି ତବ ହେ ପ୍ରିୟ କିଶୋର
ହୋଇ ଉଠେ ଦୁର୍ବହ ।
ତବ ଯୌବନେ ଜୁଆର ଆସିଛି
ରୂପର ଉର୍ମି ଧରି

ଲୋମେ ଲୋମେ ତବ ସୁଷମା ଜାଗଇ
ଚେତନା ଉଠଇ ଥରି ।
ମଦ୍ୟ ଝରଇ ଅଧରରୁ ଅହରହ
ଦୂରେ ରହ, ଦୂରେ ରହ ।

ଶରୀର ଗଂଧେ ସୁରା ଅଛି ଲାଗି
ପାଗଳ କରାଏ ମତେ
ନୟନ ଟାଣୁଛି ବଉଁଶୀ ପରି ଗୋ
ନିତ୍ୟ ଭ୍ରମର ପଥେ
କେ ଜାଣେ କି ହେବ ଭାବି ଲାଗେ ମତେ ଭୟ
ଦୁରେ ରହ ଦୁରେ ରହ ।

ରୂପସି, ତୁମର ରୂପ ସାଗରରେ
ଦେବ ଯଦି ଅବଗାହ
କହ କି ପାରିବ ଶେଷ ହେବ ମୋର
ଜୀବନର ସବୁ ଦାହ ?
ପରିଣାମ ଯେଣୁ ନାହିଁ ପାରେ କରି ଥୟ
ଦୂରେ ରହ ଦୂରେ ରହ ।

ତଥାପି ରୂପସୀ କଟାକ୍ଷ ତୁମର
ଉଚ୍ଛଳ ଯୌବନେ
ଏକ ଗଣ୍ଡୂଷେ ପାନ କରିବାର
ବାସନା ଜାଗଇ ମନେ
ରୂପ ତବ ସଖି, ବଡ଼ହିଁ ତୀବ୍ର
ବଡ଼ହିଁ ଦୁର୍ବିସହ
ଦୂରେ ରହ, ଦୂରେ ରହ ।

ହାୟରେ ଯାହାକୁ ନିଜଠାରେ ପରତର
ଦୂରେ ସେ ରହିବ କାହିଁ ?
ଅନ୍ତରେ ଯାଇ ନିବାସ ତାର ତ
ଦୂର ବା ନିକଟ ନାହିଁ ।
ତେଣୁ ସେ କଟାକ୍ଷ ମରମରେ ରହି
ମାରୁଅଛି ଅହରହ
ବିଫଳ କହିବା ସିନା ତାକୁ ସତେ
'ଦୂରେ ରହ, ଦୂରେ ରହ' ।

ଶୁଭ-ଦୃଷ୍ଟି

—୧—

ପମ୍ପାସର ନୀଳ ନୀରେ ବିକଚ-ଯୌବନା
ଉଲୁପୀ ନାଗେଶକନ୍ୟା କରେ ଜଳକ୍ରୀଡ଼ା ।
ସଙ୍ଗେ ଛନ୍ତି ସହଚରୀ ରୁଚିର-ହାସିନୀ
ଉପହାସ-ପରିହାସ-ବିଳାସ କୁଶଳା,
ନବୀନ-ବୟସୀ ସର୍ବେ; ସ୍ୱର୍ଣ୍ଣ-ଦେହ-ଲତା
ଅଳସେ ମେଲାଇ ଦେଇ ତରଙ୍ଗିତ ଜଳେ
ତିଳପୁଷ୍ପ-ନାସାପୁଟ ଫୁଲାଇ ସବେଗେ
ସୌଗନ୍ଧିକ ଗନ୍ଧସୁଧା କରୁଛନ୍ତି ପାନ ।
ନଗେନ୍ଦ୍ରନନ୍ଦିନୀ ଉର୍ଦ୍ଧ୍ୱ ଆକଣ୍ଠ ସଲିଳେ,
ବିଷ୍ପବଶୀ ଛୁପ୍ତା ଭେଦି ଉଷା ବିମ୍ବ ସମ
ଅଥବା ଶାମଳ ବୃନ୍ତ-ଆବରଣ ଠେଲି
ଉଠୁଛି ସ୍ଫୁଟନୋନ୍ମୁଖୀ କୁସୁମ କଳିକା ।
ଚଉପାଶେ ଘେରିଛନ୍ତି ସହଚରୀବାର,
ପ୍ରବାଳ ପରିଧି ମଧ୍ୟେ ମାଣିକ୍ୟ ସେ କିବା ?

ଅଥବା ବିକଚ ଶତ କୋକନଦ ଦଳେ
ଆଶ୍ୱିନ ପ୍ରଭାତ ସ୍ଫୁଟ ସରସିଜ ସେ କ ?
ଉଦ୍ଭିନ୍ନ ଯୌବନା ତନ୍ୱୀ ନାଟେଶ କୁମାରୀ,
ଯାର ତନୁ-ଶୋଭା ଦେଖି ଅତନୁ ଦେବତା
ହରକୋପେ ଭସ୍ମ ପରେ ଖଞ୍ଜିଛି ପ୍ରଥମେ
ମନ ଜାଣି ଜନ ହୃଦେ ତା ବିଷମ ଶର
ପ୍ରଲମ୍ବ ଚିକୁର ତାର ଲମ୍ବି ଭୂମେ ଜ... ।
—କୁଞ୍ଚିତ, ଚିକ୍କଣ ଘନ, ଶୈବାଳ କୋମଳ—
ପ୍ରସାଧନ ଗନ୍ଧବାସେ ଆକୁଳ ସଲିଳ
ଧୀର ଊର୍ମି ସହ ରଚ ଦୋଳାୟିତ ଲୀଳା ।

କମଳେ ଶୈବାଳ ସମ ସ୍ୱର୍ଣ୍ଣ-ଜାଲପଟେ
କୁଞ୍ଚିତ ଚିକୁରରାଶି ଝୁଲୁଇ ଶିଥିଳେ,
ନୀର ବିନ୍ଦୁ ଝରେ ତହୁଁ, ଖସେ ଯଥା ନୀର
ଶ୍ରାବଣ ଆସାର ଶେଷେ ଶ୍ୟାମ ଧାନ୍ୟ ଦେହୁଁ ।
କ୍ରୀଡ଼ାରଙ୍ଗେ ରାଜଜେମା ବୁଡ଼ଇ ଉଠଇ,
ତଳପଡ଼େ ଚନ୍ଦ୍ରମୁଖ ଏଣେ ତେଣେ ନୀରେ,
ଦୋଳଇ ଶରୀରଯଷ୍ଟି, ଲଜ୍ଜା ଦେଇ ସେହ୍ନ—
ପମ୍ପାସର-ଶତ-ଫୁଲ୍ଲ-ଲୀଳା ସରସିଜେ ।

ଥରେ ଥରେ କୁତୁକନୀ ମୂଖେ ନୀର ଭରି
ଫୁତ୍କାରି ବର୍ଷଇ ତାହା ସଖୀବାର ପରେ,
ଯୂଥିକା କୁସୁମ ସମ ପଡ଼େ ନୀରକଣା
ଇନ୍ଦ୍ରଧନୁ ବର୍ଣ୍ଣ ବିଭା ଦେଖାଇ କ୍ଷଣକେ ।
ଅଧର ମର୍ଦ୍ଦିତ ସେହ୍ନ ଶୀକର ଆସାର
ହାସ୍ୟ ମୁଖେ କରିନେଇ ସହଚରୀବାର

ଭାଷୁଥାନ୍ତି ପରିହାସେ, "ଏ କି କେମାମଣି ?
ପ୍ରଥମ-ପ୍ରଣୟ-ପ୍ରୀତା କରଣୀର ସମ
ଅବେଳେ ପ୍ରଗଲ୍‌ଭ ସମ ଏ କି ବ୍ୟବହାର ?"
ଲଜ୍ଜା ଲଭି ସପ୍ତଦଶୀ ହସି କର କର
କହେ, "ଇଶ ପରିହାସ ପୋଡ଼ାମୁହଁ ସବୁ,
କା ସାଥେ ଦେଖିଲ ମୋର ପ୍ରେମ, ଚୁଲିପଶି ?"

ଭାଷିଲା କୂଳରୁ ଏକ ବନ୍ଧୁ ବୟସିମା,
"ଆଲୋ ସବେ ସୁନ୍ଦରୀଏ; ଜଳକେଳି ଘେନି
ମାତି ଯେ ରହିଲ ସୁଖେ, ଗୃହେଁ ନା ଆକାଶେ
ପଦ୍ମିନୀବଲ୍ଲଭ-ରଥ ଉଠିଲଣି କାହିଁ ?
ନଦୀ ଆର ତୀରେ ଦେଖ ଶବର କୁଟିରୁଁ
ରନ୍ଧନ ଇନ୍ଧନ ଧୂମ ଉଠଇ କୁଞ୍ଚିତେ,
ଲତା ପତ୍ର ପୁଷ୍ପ ଦେହୁଁ ଉଷାର ଶିଶିର
ଖର ରବି ତାପେ ଦେଖ ଗଲଣି ଉଭାଇ !
ଦୂର ଶ୍ୟାମ ଶୈଳ ଦେହେ ତପନ କିରଣ
ସ୍ୱର୍ଣ୍ଣ କାଡ଼ି ନେଇ ଦେଖ ଦେଲାଣି ଘୋଡ଼ାଇ
ରୂପାର ଉଡ଼ଣୀ ଗୋଟି; ତୀର ବନସ୍ଥଳ
ଶୂନ୍ୟ ଏବେ, ବୃକ୍ଷବାସୀ ବିହଗ ବିହଗୀ
ଅନ୍ନ ଅନ୍ୱେଷଣେ ଉଡ଼ିଚଳେଣି ଆକାଶେ;
ଉଠ ବେଗେ ଗୃହେ ଯିବା, ସାର ଭିବ ଏବେ

ମଦନ ଦେବତା ପୂଜା ।"
ସହସା ଉଠିଲା

'ସତେ ଲୋ', 'ସତେ ଲୋ' ବୋଲି ଆକୁଳ ଭାଷଣ ।
"ଆସ ରମା, ନାନ୍ଦମୁଖି, କୁଞ୍ଜରିକା ସଖି,
ଆସ ଲୋ ଉର୍ବଶି, ତୋଳ କୁମୁଦ କହ୍ଲାର,
ସାରି ବେଗେ ଦେବ ପୂଜା ଗୃହେ ଯିବା ଫେରି,
କେଜାଣି ରାଣୀମା ଆଜ ବୋଲିବେ ବା କସ,
ଆସ ବେଗେ"— ବୋଲି ସର୍ବ ସୁନ୍ଦରୀ ଷୋଡ଼ଶୀ
ସନ୍ତରି କରିଲେ ବେଗେ କୁସୁମ ଚୟନ
ସହସା ଉଠିଲା ମଧେ କୋମଳ କଲ୍ଲୋଳ
ଷୋଡ଼ଶୀ ମୃଣାଳ ବାହୁ—ମୃଦୁଳ ଆଘାତେ
ନୀଳ ନୀର ଫାଟି ଊର୍ଦ୍ଧ୍ୱେ ଉଠଇ ମନୋଜ୍ଞେ
ହୀରକର ଚୂର୍ଣ୍ଣସମ ସଲିଳ ଛୁଟିକା;
ଯୁବତୀ ଚଟୁଳ ଗଣ୍ଡ ପୁଷ୍ପରେଣୁ ରାଗେ
ଶବଳିତ ହେଲା କ୍ଷଣେ, ପୁଷ୍ପଶାୟୀ ଭୃଙ୍ଗ
ପୁଷ୍ପତେଜ ପଦ୍ମମୁଖୀ ପଦ୍ମଗନ୍ଧ ଭୋଳେ
ଉଠିଲେ ଗୁଞ୍ଜରି ଧୀରେ ନଭେ ଦଳେ ଦଳେ ।
ସୁବର୍ଣ୍ଣ ବ୍ରତତୀ ସମ ତାଳ ଦେହଯଷ୍ଟି
ସ୍ୱର୍ଣ୍ଣ ଭୁଜଦଣ୍ଡେ ଧୀରେ ନୀର ଆହ୍ଲାଦି,
ସନ୍ତରିଲେ ବାଳାକୁଳ । ଏକ ବାହୁଲତା
ଆନର ଚିକୁରପାଶେ ଛନ୍ଦ ହୁଏ ବନ୍ଦୀ,
ଉଠେ ହାସ୍ୟରୋଳ ତେଣୁ ଏକ କରତଳ
ଅଜ୍ଞାତେ ବାଜଇ ଆନ ପୀବର ଉରଜେ,
ଉଠେ ହାସ୍ୟରୋଳ ତେଣୁ ଏକ ହସ୍ତ ବାଜ
ଅନ୍ୟର ଜଘନ-ବାସ ଖସଇ ସଲିଳେ
ଉଠେ ହାସ୍ୟରୋଳ ତେଣୁ, ପରସ୍ପର କରି—

ଆଘାତେ ସଲଳଜ୍ଜିତା ସକଳର ମୁଖେ
ଅତର୍କିତେ ପଡ଼ି ଢଏ ନୟନେ ଚମକ,
ଉଠେ ହାସ୍ୟରୋଳ ତେଣୁ ; ଏହିପରି କେତେ
କ୍ରୀଡ଼ାରଙ୍ଗେ ହାସ୍ୟରସେ ମାତି କୁତୁକମା
ତୋଳିଲେ ସକଳପୁଷ୍ପ ।

କୁସୁମ ଚୟନେ,

କୁସୁମୁଁ କୋମଳରେ ସୁନ୍ଦରୀ-ଶ୍ରୀକର —
ସ୍ପର୍ଶ ଲଭି, କୁସୁମ କି, ଭାବେ କହ ମନେ,
ନ ଭାବିଲା ଧନ୍ୟ ବୋଲି ମରଣରେ ତାର ?
ଯେ ବାହୁ-ଆଶ୍ଳେଷ-ପାଶ-ଲୀଳଯେ ତରୁଣ
ଦାରୁଣ ମରଣ ଆଣେ ସ୍ୱଇଚ୍ଛାରେ ବରି,
ହେଲେ ଲଭି ସେ ସରସ ପରଶ ମଧୁର
ମୃଣାଳ କି ନ ଭାବିଲା କୃତାର୍ଥ ନିଜରେ ?
କାଦମ୍ବରୀପୂର୍ଣ୍ଣ ସେହି ଅଧର ରକ୍ତିମ,
ତରୁଣ ଯେ ପାନପାତ୍ର ନିତ୍ୟ ମୁଖେ ଧରି
ପିଇବାରେ କରେ ଇଚ୍ଛା, ପୁଷ୍ପଦଳ ତାର
ନିବିଡ଼ ପରଶ ଲଭି, ଭାବିଲା କି କ୍ଷଣେ
ନିଜ ମଧୁ ସେ ମଧୁରୁ କେତେ ରସହୀନ ?
କୁସୁମଜୀବନ ହାୟ ଲଭିଥିଲେ କହି
ସେ ଦିନ ସେ ପମ୍ପାସରେ, ବୁଝିଥାନ୍ତା ସିନା
କିଛି ହେଲେ ତତ୍ତ୍ୱ ଏଥି ।

କୁସୁମ ଚୟନେ

କେ ଚତୁରା ବୋଲେ 'ଆହା ମୂଢ଼ ଆମ୍ଭେ ସିନା
ଥାଉଁ ଥାଉଁ ହେମାମଣି-ନେତ୍ର-ଇନ୍ଦୀବର—
ତରଳ ନୀଳମ-ଆଭା, ଚଞ୍ଚଳ ଉଜ୍ଜ୍ୱଳ,
କପାଇଁ ଏ ନୀଳୋତ୍ପଳ-ଚୟନ ଲୋ ସଖି ?'
ଆଉ ଏକ ବୋଲେ, 'ସତେ ହେମାମଣି କର —
କୋକନଦ ଥାଉଁ କପାଁ ତୋଳେ ଏ କହ୍ଲାର ?
କପାଇଁ ବା ଥାଉଁ ଓଠେ ଚରୁ-ସ୍ମିତ-ରେଖା
ତୋଳ ଏତେ ଶ୍ରମେ କହ୍ଲ-ଧବଳ-ଉତ୍ପଳ ?'
ଶୁଣିଲା ତା ହେମାମଣି, ନ କହିଲା କିଛି,
ସରମେ ନଇଁଣ ଖାଲି ହସିଲା ଲଳିତ ।
ଆଉ କେ ଚତୁରା ତହୁଁ କହୁଛି ଶୁଣାଇ,
'କି ଫଳ ପାଇଲା କହ ରାଜହେମା ସତେ
ଏତେ ଦିନ ଅଙ୍ଗ-ହୀନ-ଦେବତାରେ ପୂଜି ?
ଆଜି ଯଦି ଆସନ୍ତା କେ ଜୀବନ୍ତ-ଦେବତା !'
କହେ ଆନ ସଖୀ ତହୁଁ, 'ଜୀବନ୍ତ-ଦେବତା
ଆସିବେ କି ସେବା ବିନା ? ମିଳନ୍ତି ସେ ସିନା
କୁମାରୀ-ଅନଙ୍ଗ-ପୂଜା-ପ୍ରସାଦ ସ୍ୱରୂପ ?
ବଡ଼ହିଁ ସାଧନା ସତେ କଲେଣି କୁମାରୀ !
ନିତ୍ୟ ଅବଗାହି ଶେଷେ କର-କୋକନଦେ
କନକ-ନଳିନ, ଆଉ ବଳ-ପୂତ ଭୂମି
ପରଶି, ନୟନ ବୁଜି କେତେ ସେ ପ୍ରାର୍ଥନା
ନ କରନ୍ତି ପୁଷ୍ପଶରେ ! ଦେହ ଥିଲେ ସିନା
ବୁଝନ୍ତେ କି କଷ୍ଟ ଦିଏ ବିଫଳ କାମନା,
ବିଦେହ ଦେବତା ପରା, ବୁଝିବେ ସେ କାହୁଁ ?

ହେଲେ ସଖି, ମତେ କପାଁ ଦିଶେ ଜଳ ଜଳ
ଜେମା ତପସ୍ୟାରେ ସେହି ଅନଙ୍ଗ ଦେବତା
ଅଙ୍ଗ ଧରି ଏଇ କେବେ ଦେଇଯିବେ ବର ।

ଶୁଣିଲା ଏ ଶ୍ଳେଷଭରା ଉଲୁପୀ କୁମାରୀ,
ଛଦ୍ମ କ୍ରୋଧେ ଦୂରେ ଥାଇ ଭାଷିଲା ବଚନ,
"କେ ତୁମ୍ଭରେ ପୋଡ଼ାମୁହିଁ, ଦେଲା ଅଧିକାର
ମୋ ପୂଜାର ଫଳାଫଳ କରିବା ବିଚାର ?
ସଂଯତ କରି ଲେ ଜିହ୍ୱା"—
ବୋଲୁଁ, ସଖୀବାର
ପରିହାସେ ହସି ଏହା ଭାଷିଲେ, "ଜେମା ଗୋ,
ଏତେ କ୍ରୋଧ ଆଜ କପାଁ ସାମାନ୍ୟ କଥାରେ ?
ଜୀବନ୍ତ ଦେବତା କି ଗୋ, ନାହିଁ ଇଚ୍ଛା ତବ ?
ଅନଙ୍ଗେ କି ଏତେ ଦିନ କରୁଥାଅ ପୂଜା
ସନ୍ନ୍ୟାସିନୀ ହେବା ପାଇଁ ଗୃହସୁଖ ତେଜି ?"
ଅଭିମାନେ ତପ୍ତ ବାଳା ଅଧର କମ୍ପାଇ
କହିଲା, "ତା ଜାଣି, ଶୁଣେ, କି ଲାଭ ତୁମ୍ଭର,
କପାଁ ଏହି ଅପମାନ, ଏତେ ପରିହାସ ?
ସକଳେ ନିଜରେ ଭାବ ନିର୍ମଳା ତୁଳସୀ
ମୋହରି ଇଚ୍ଛାରେ ଏକା ଲାଗିଅଛି କଥା ।

ହେଉ ମୋ ଅନଙ୍ଗ ପୂଜା ଶେଷ ଆଜଠାରୁ,
ଫିଙ୍ଗିଲି ଏ ପୁଷ୍ପରାଶି ରହ ତୁମ୍ଭେ ଏଥି,
ଯାଏ ମୁହିଁ ଗୃହେ; ମୋର ଇଚ୍ଛା କିଛି ନାହିଁ ।"

ଇଚ୍ଛା କିଛି ନାହିଁ ବୋଲି ଫେରାଇଲା ମୁଖ
ଫେରିବାରେ ଗିରି ଦେଶେ,—ସହସା ପଡ଼ିଲା

ନୟନେ ଯେ ବୀର ତନୁ ଉଭା ହ୍ରଦତଟରେ
ଭାବିଲେ ଉଲୁପୀ ତାରେ ଆସିଅଛି ଯେନ୍ହୁ
ଯୁଗ ଯୁଗ ଯାଚନାର ଜୀବନ୍ତ ପ୍ରସାଦ !
ହୃତ୍‌ପିଣ୍ଡ କମ୍ପିଲା ତାର, ନଇଁଲା ନୟନ,
ଚମକ ଆକଣ୍ଠ ମାରେ ରହିଲା ଥମକ
ଫେରିବ କି ସଖୀ ଦଳେ, ଯିବ ଅବା ତୀରେ
ଏ ଲାଗି ହୃଦୟେ ତାର ଆରମ୍ଭିଲା ଦ୍ୱନ୍ଦ୍ୱ ।

ସଖୀଏ ଚାହିଁଲେ ଫେରି ପରିହାସ ଛଳେ,
ଦେଖିଲେ ତୀରସ୍ଥ ଯୁବା ରହିଛନ୍ତି ଚାହିଁ
ଜେମାର ଆନତ ମୁଖେ । ଏ ସଙ୍କଟ କାଳେ
ଘାଟେ ଥାଇ ଡାକ ଦେଲା ସେ ବନ୍ଧୁବୟସୀ—
"ଆସଗୋ, ଆସ ଲୋ, ତୀରେ, ବନ୍ଦ ଏ ବୀରରେ
ଏହି ସେ ଭୁବନଜୟୀ ଶୁରେନ୍ଦ୍ର ଫାଲ୍‌ଗୁନି,
ଯଶେ ଯାର ଭରାକାନ୍ତ ଜନମୁଖ ସଦା,
ଶୌର୍ଯ୍ୟ ଯାର ପଡ଼ୁଅଛି ସୁରସଭା ତଳେ,
ଭ୍ରାତୃଆଜ୍ଞା ଘେନ ଏହି ବୀର ଚୂଡ଼ାମଣି
ବନବାସ ବର ନେଇ ଭ୍ରମୁଛନ୍ତି ଦେଶେ,
ଧନ୍ୟ ହେଲା ନାଗଦେଶ ପଦଧୂଳି ଲଭି ।
ଆସ ବେଗେ; ଗୃହେ ଯାଇ ନୃପତିରେ କହି
ବରିଇଣ ନେବା ବୀରେ ଉଚିତ ବେଶରେ ।"

ଫାଲଗୁନୀର ନାମ ଶୁଣି ଉଲୁପୀ କୁମାରୀ
ଆହୁରି ଗଭୀରତର ନୁଆଁଇଲା ମଥା ।
ରହିଲେ ସଜନୀବୃନ୍ଦ ଥିଲେ ଯହିଁ ତହିଁ,
ନ ଘୁଞ୍ଚିଲା ପଦ କାରୁ । ବନ୍ଧୁବୟସିନୀ

ଚେଟୀ ସେ ସଜମାବ୍ରଜ-ଲଜ୍ଜାଲୀଳା ଦେଖି
ଇଙ୍ଗିତେ ଗୁହ୍ଣିଲ ହସି ମଧ୍ୟମ ପାଣ୍ଡବେ;
ସସ୍ମିତେ ଚଳିଲେ ବୀର ବନ ଅନ୍ତରାଳେ ।

—୨—

"କାହିଁ ଗଲେ ?
କାହିଁ ଗଲେ ସେ ଲୋ ସଖି, ଛାଡ଼ି ଦେଇ ମତେ
ଏତେ ଦିନ ଏକାକିନୀ ଏ ବିଶାଳ ପୁରେ ?
ନିଷ୍ଠୁର ପୁରୁଷ ହିୟା, ନିଷ୍ଠୁର ପୁରୁଷ
କି ଜାଣିବେ ସେ ଲୋ ସଖି, ରମଣୀ-ହୃଦୟ ?
କି ଜାଣିବେ ସେ ଲୋ, ନାରୀ ଅନ୍ତରାଳେ ରହି
କେମନ୍ତେ ମୁଞ୍ଚଇ ଅଶ୍ରୁ ବିରହେ ତାଙ୍କର ।
କହି କି ନ ଯାନ୍ତେ ମତେ ? କହୁଥିଲୁ କିସ ?—
କାହିଁ ଯାଇଛନ୍ତି ବୀର ? ଆଉ ଥରେ କହ,
ଭୁଲି ମୁଁ ଯାଉଛି ସଖି, ବେଦନା ରଭସେ;
ବୁକୁ ମୋର ଯାଏ ଫାଟି—ମନେ ହୁଏ ଯେହ୍ନେ
ଅପରାଧେ କିଛି ମୋର ପ୍ରାଣ ପ୍ରିୟତମ
ଚିରକାଳ ଲାଗି ଅବା ତ୍ୟକ୍ତ କଲେ ମତେ !
କି ଅପରାଧିନୀ ମୁହିଁ ? ପ୍ରାଣର ସର୍ବସ୍ୱ
ସମର୍ପି ଯାହାରେ କରେ ନିତ୍ୟ ଆରାଧନା
କେବେ ତା' ଚରଣେ ହେଲା ପୂଜା ବ୍ୟତିକ୍ରମ ?
କହିଛନ୍ତି କା'ରେ କିଛି ? କହ ଥରେ ଆଉ
କେବେ ଲୋ ଆସିବେ ଫେରି ।"
କୁଞ୍ଜରିକା ସଖୀ,

ଉତ୍ତରିଲା ମୁଖ ପୋଛି — "କପାଁ ଜେମାମଣି,
ଅକାରଣ ହୁଅ ଏତେ ଉଚ୍ଛନ୍ନ-ଆକୁଳ ?
କହିଲଣି କେତେ ବାର ଅର୍ଜୁନ ଶୂରେନ୍ଦ୍ର
କରିଛନ୍ତି ବିଜେ ପରା ପାରିଧି ଗହନେ
ଦୂର ଗୋଦାବରୀ ବନେ — ଫେରିବେ ତ ପୁଣି,
ଉଚ୍ଛନ୍ନ କପାଇଁ ଏତେ ?"

"ଉଚ୍ଛନ୍ନ କପାଁଇ ?"

ଉତ୍ତରେ ନାଗେନ୍ଦ୍ର ଜେମା ଥରାଇ ଅଧର
"ଉଚ୍ଛନ୍ନ କପାଇଁ କହୁ ? ପରୁର କାହାରେ
ଏକ ପ୍ରାଣ ଆନ ପ୍ରାଣେ ଟାଣଇ କାହିଁକି,
ନିର୍ଲଜ୍ଜେ ଦିଅଇ ଡାଳି କପାଁ ଏକ ହିୟା
ଆପଣାର ଶ୍ରେଷ୍ଠ ଅର୍ଘ୍ୟ ଆନ ପଦତଳେ !
କପାଇଁ ତରୁଣେ ଦେଖି ତରୁଣୀ ହୃଦୟେ
ଶୋଣିତ ଉଠଇ ଫୁଟି— ହୁଏ ଅଭିଳାଷ
ଦୁହିଁଙ୍କର ଅଙ୍ଗେ ଅଙ୍ଗ ମିଶାଇ ନିବିଡ଼େ
ଅଧରେ ଅଧର ରଖି ଭୁଲିଯିବେ ଯେତେ
ଜଗତର ଦୁଃଖ, ଶୋକ, ମାନ, ଅପବାଦ ?

କପାଇଁ ପରୁର ଯାଇ ରାଧା କୁଳବଧୂ
ବହି ମାଥେ ପଦେ ପଦେ ଲୋକ ଅପବାଦ
ଗଞ୍ଜନା, ଲାଞ୍ଛନା, ଲଜ୍ଜା, ଘୃଣା, ଅବହେଳା
ଗୃହ ତେଜି ଅନ୍ଧକାରେ ଗଲା ନୀପବନେ ।
କପାଇଁ ବସନ୍ତ ରାତେ ମଳୟ ପରଶେ

ଅଜ୍ଞାତେ ରୋମାଞ୍ଚ ଆସେ ତରୁଣୀର ଦେହେ
ଅଲକ୍ଷେ ମାଗଇ ଶତ-ପରଶ ବାହାର !

ପଦ୍ମର ନଜରେ ଲୁହ, ନିଶା ଆଗମନେ
ରଥାଙ୍ଗ କପାଇଁ ରଚେ ଆକୁଳ କାରୁଣ୍ୟ,
କପାଇଁ ଉଦ୍ୟାନ-ସରେ ପଙ୍କଜ-କଳିକା
ଫୁଟି ଉଠେ ପ୍ରଭାତରେ ରବିକର ଲଭି,
ଧୀରେ ଧୀରେ ସ୍ୱର୍ଣ୍ଣଦଳ ଖୋଲି ଗୋଟି ଗୋଟି
ସଲଜ୍ଜ ନବୀନା ବଧୂ ଆଦ୍ୟବାଣୀ ସମ ।

କପାଁ ବା ସୌରଭ-ଲୋଭୀ ରସିକ ଭ୍ରମର
କାହୁଁ ଦୂର ବନାନ୍ତରୁ ଗନ୍ଧ ଲଭି ତା'ର
ଉଡ଼ି ଆସେ ଚୁମ୍ବିବାକୁ ନବ-ସ୍ଫୁଟିତାରେ !
ପଦ୍ମରୁ ଉଚ୍ଛନ୍ନ କପାଁ ? ଅବୋଧ ବାଳିକା
ପାଅ ମୋ ଉତ୍ତର ତହିଁ, ଉଚ୍ଛନ୍ନ ମୁଁ କପାଁ !
ଦେଖି ଏ ଚନ୍ଦ୍ରମା ରାତି, ବସନ୍ତ ସମୟ
ଶୀକରକ୍ତ, ସୁରଭିତ ସ୍ପର୍ଶ ମଳୟର
କାହିଁ ସେ ତରୁଣୀ ଯା'ର ଶରୀରେ, ବାଳିକା
ନ ଆସେ ରୋମାଞ୍ଚ ଫୁଟି ମାତ୍ର ପୁଷ୍ପ ସମ ?
ଉଚ୍ଛନ୍ନ କପାଇଁ କହୁ ? ଜାଣୁ କି ଲୋ ସଖି,
ବକ୍ଷର ବେଦନା କଟୁ ? —କେମନ୍ତେ ବରନ୍ଧ
ତରୁଣୀର ବକ୍ଷେ ପଶି ଆତତାୟୀ ସମ
କରତର ତୀକ୍ଷ୍ଣ ଦନ୍ତେ କାଟଇ ନିର୍ମମେ
ତିଳ ତିଳ କରି ମାଂସ ? ସାରା ବକ୍ଷ ଧରି
ଜ୍ୱଳନ୍ତ ଅଙ୍ଗାରରାଶି କେହ୍ନେ କୁହୁଳଇ

ସ୍ୱାଗତନ ଅନ୍ତର୍ଦ୍ୱନ୍ଦ୍ୱେ ଯୋଡ଼ାଇ ଜୀବନ !
ଅନୁଭବୀ ଜାଣେ ସିନା, ତୁ କାହୁଁ ବୁଝିବୁ
ଉଚ୍ଛନ୍ନ କପାଇଁ ଏତେ ନାଗେଶ ନନ୍ଦନୀ ।

ହାୟ, ସେ ପ୍ରଥମ ଦୃଷ୍ଟି ! କ୍ଷୀରୋଦ ଉତ୍‌ଥିତ
କଳ୍ପତରୁ ସମ ଯେବେ ସୁନ୍ଦର ଫାଲ୍‌ଗୁନୀ
ହୃଦଙ୍ଗରେ ହେଲେ ଉଭା, ମିଳିଲା ନୟନ ।
ଗୋଟିଏ ମୂହୂର୍ତ୍ତ ସଖି – ମୂହୂର୍ତ୍ତର ଅବା
ଶତାଂଶର ଏକ ଅଂଶ – ନୟନର ପତା
ଉଠି ଥରେ ଆପେ ଆପେ ଆସିଲା ଓହ୍ଲାଇ,
ଗଭୀର ଲଜ୍ଜାରେ ମୁଖ ହୋଇଗଲା ପୋତ
ମାଳ ଜଳେ ଗୃହ୍ନିଁ ଖାଲି ଗଣିଲି ପ୍ରମାଦ !
ସମସ୍ତ ହୃଦୟ ମୋର ନୟନର ଦ୍ୱାରେ
ବାର ବାର ଦେଲା ଧକ୍‌କା—ସେ ଶ୍ରୀକାନ୍ତ ମୁଖ
ଭଲ କରି ଆଉ ଥରେ ନେବାକୁ ପରଖି;
ନ ଉଠିଲା କିନ୍ତୁ ନେତ୍ର ସରମ-ମନ୍ଥର ।

ମୁହୂର୍ତ୍ତିକ ଦେଖା !
ମୁହୂର୍ତ୍ତକେ ହେଲୁ ମୋର ଜନ୍ମାନ୍ତର ସଖି !
ଗୃହେ ଫେରି ଦେଖିଲି ମୁଁ ତରଳ ବୟସୀ
ଉଲୁପୀ ନାହିଁଛି ଆଉ, ଯାଇଛି ସେ ଚାଲି !
ସ୍ଥାନେ ତାର ଆସିଅଛି ମନ୍ମଥ-ଲାଞ୍ଛିତା
ଅପୂର୍ଣ୍ଣ-ହୃଦୟା ନିତ୍ୟ-ପିପାସୀ ତରୁଣୀ !

ହାୟ, ସେ ପିପାସା ସଖି, ଶାନ୍ତ କାହିଁ ତାର ?
ମନେ ହୁଏ ଯେହ୍ନେ ମୋର ପ୍ରାଣ-ପ୍ରିୟତମେ,
ନିବିଡ଼ ଆଶ୍ଳେଷେ ଧରି ଉଡ଼ିଯାନ୍ତି କାହିଁ
ଅନନ୍ତ ବାରିଧି ପାରେ ଜନହୀନ ଦ୍ୱୀପେ—
ଶୋଇ ତହିଁ କେଉଁ ଏକ ତରଙ୍ଗିଣୀ କୂଳ—
ଶୈବାଳ କୋମଳ ଶେଯେ, କୁଞ୍ଜଗୁମ୍ଫା ତଳେ,
ଅଧରେ ଅଧର ରଖି, ଯୁଗ ଯୁଗାନ୍ତର
କଟାନ୍ତି ଅବାଧ ସୁଖେ—ତେବେ ବା ସଜନି,
ମେଣ୍ଟନ୍ତା ପ୍ରାଣର ଏଇ ନିବିଡ଼ ପିପାସା !

କୋଳାହଳମୟ ଏହି ମହା ରାଜପୁରୀ,
ଶତ ଶତ ଦାସଦାସୀ କୁତୂହଳୀ ଦୃଷ୍ଟି
ପଛେ ପଛେ ଅଛି ଲଗି – କି ବୁଝନ୍ତି ସେ ଲୋ
ପରାଣେ ପ୍ରଣୟ-ମୂଲ୍ୟ ? ଅସଂଖ୍ୟ ଜଞ୍ଜାଳେ
କେତେ ଦଣ୍ଡ ହୁଏ ଦେଖା ପ୍ରିୟ ସଙ୍ଗେ ମୋର ?
ଏଥେ କି ଉଚ୍ଛନ୍ନ ହେବା ମଣୁ ଆଚମ୍ବିତ ?
ନୂତନ ପ୍ରଣୟେ ସଖି ମଦନ ଦେବତା
ମନୋରଥୁଁ ଖର ବେଗେ ବାଣ ଛୁଡ଼େ ତାର ।
ସେ କାଳେ ପ୍ରିୟ ଲୋ ଯହିଁ ନାହିଁ ଥାଏ ପାଶେ,
ତାର ଦୃଢ଼ ଭୁଜଦଣ୍ଡେ ଆଶ୍ଳେଷି ଏ ଗ୍ରୀବା
ମୁହୂର୍ତ୍ତକ ହୁଏ ଖଗି କଳ୍ପଯୁଗ ସମ,
ଅଗ୍ନିଗିରି ସମ ବୁକୁ ବେଦନା ଉଛୁସେ
ଇଚ୍ଛଇ ପଞ୍ଜର ଫାଟି ଆସିବ ବାହାର !
ସେଇ ଦୃଷ୍ଟି ଲଭ ହନୁଁ କେତେ ଧନ ଆହା,
ଯେଉଁ ଛୁ ଉଲୁପୀ ଏଇ ଅବ୍ୟକ୍ତ ବେଦନା

କି ଜାଣିବୁ ତୁହି ସଖି, ଅନ୍ତରହିଁ ଜାଣେ ।

ମନେ ଅଛି ମୋର ସେହି ମଧୁର ପ୍ରଭାତ,
ପିତାଦେଶେ ଗଲ ଯେବେ ଫାଲ୍‌ଗୁନୀ ମନ୍ଦିରେ,
ଏକାକିନୀ ବୀଣା ସହ ଗାଇବାକୁ ଗୀତ ।
ସରମ-ମନ୍ଥର ପଦେ ମନ୍ଦିରେ ପ୍ରବେଶୁଁ,
ପ୍ରତେ ହେଲା ଯେହ୍ନେ ସଖି ହୋମ ଅଗ୍ନି-ଶିଖା
ଜଳୁଛି ନିର୍ଧୂମ ତେଜେ—ହେମ-ଗୌର ବପୁ
ବସିଛନ୍ତି ମଣିପୀଠେ ମଧ୍ୟମ ପାଣ୍ଡବ
କନକ ଜଳଦ ପରେ ରବି-ବିମ୍ବ, ସେ କି !
କେଶରୀ ବିକ୍ରମ ଠାଣି—ସେ ପେଶି-ପେଶଳ
ଭୁଜଦଣ୍ଡ ଦୁଇ ଲମ୍ବି ଚୁମ୍ବିଛି ଭୂତଳ,
କୁଞ୍ଚିତ-ଚିକ୍‌କଣ-କୃଷ୍ଣ ଘନ କେଶରାଜି
ପଡ଼ିଛି କନକ ସ୍କନ୍ଧେ—ସାପ୍ନନ୍ଦନ ନଭେ,
ସମାବେଶ ସେ କି ଅବା କୃଷ୍ଣ ଜଳଦର ।
ସୁଗୋଲ ସୁନ୍ଦର ମୁଖ, ଉନ୍ନତ ଲଲାଟ
ଉନ୍ନତ ସୁଠାମ ନାସା, ପୃଥୁଳ ଅଧର
ସୁଦୃଢ଼ ଚିବୁକ ଖଣ୍ଡ, ସୁବଳିତ ଗ୍ରୀବା,
ହେମ ଘନ ସମ ବକ୍ଷେ ଚନ୍ଦନ ପ୍ରଲେପ
—ଶୁଭ୍ର ଶିବ ଭାଲେ ସେ କି ଚନ୍ଦ୍ରକାର ଛଟା—
ଆକୁଳ ମନ୍ଦର ତାଙ୍କ ଶରୀର ସୁବାସେ !

ପ୍ରଣମି ଆନନ୍ଦ ମୁଖେ ଚରଣେ ତାଙ୍କର,
ଘୁଞ୍ଚି ଦୂରେ ଲଜ୍ଜାଭରେ, ସ୍ଫଟିକ ଚଟାଣେ

ପଦ ନଖ ଘଷି ଧୀରେ, ମୌନେ ହେଉଁ ଠିଆ
ଭାବିଲେ ସସ୍ମିତେ ସାର—'ଠିଆ ଯେ ରହିଲ !
ଅଳଂକୃତ କର ଏଇ ପଦ୍ମରାଗ ପୀଠେ
ଆପଣା ଦେହ ପୁଷ୍ପେ; ରଖ ବୀଣା ସେଥି
ଗାଅ ଯଦି ହୁଏ ଇଚ୍ଛା, ଇଚ୍ଛା ନାହିଁ ଯଦି
କ୍ଷତି ନାହିଁ କିଛି କେମା; ନୂପୁରର ତାର
କୋମଳ ଅଙ୍ଗୁଳି-ଘାତ-ସୁଖ ନାହିଁ ପାଇ
ମରୁ ଆଜ ମୌନ ଦୁଃଖେ; ସରମ-ଶଂକିତ—
ଚରଣ-ବଳୟ ନାଦେ ପାଇଛି ସୁନ୍ଦରୀ ।
ତୁମ୍ଭର ସଙ୍ଗୀତ ସ୍ୱାଦ !'—ମରଣରୁ ବଳି
ଲାଗିଲା ସେ କାଳ ମତେ ସରମ-ବ୍ୟଥିତ,
ପ୍ରଶଂସାର ଗୁରୁ ଲଜ୍ଜା ମସ୍ତକରେ ଥୋଇ
ଚଳି ମୁଁ ନ ପାରି ତଳେ, ପଡ଼ି ମୁଁ ବସିଲି
ସେଇ ସ୍ଥାନେ, ବୀଣାଖଣ୍ଡି ଥୋଇ କୋଳେ ମୋର
ନୟନ ରଖି ଗୋ ସେଇ ସ୍ଫଟିକିତ ଭୂମେ !
ତାଙ୍କ ଗୁରୁ ଅନୁରୋଧେ ବସିଲି ମୁଁ ଥରେ
ଗାଇବାକୁ କଣ୍ଠେକ, ବାଇବାକୁ ବୀଣା—
ନ ଫିଟିଲା କଣ୍ଠସ୍ୱର, ବୀଣାଦଣ୍ଡ ସଖି
କରଇ ଆପତ୍ତି ନାହିଁ ମାନିଲା ସେଦିନ ।
ଆହୁରି ସରମେ ମୋର ମୁଖ ହେଲା ପୋତ
ପଳାୟନ ଅବସର ଖୋଜିଲି ଆକୁଳେ ।

ସେ ହେଲା ପ୍ରଥମ ଦେଖା, ପ୍ରାରମ୍ଭ ଆଳା ।
ଜାଣି କି ଥିଲି ମୁଁ ସଖି, ସରମ-କୁଣ୍ଠିତ

ବ୍ୟବହାର ସେହି ହେବ କେନେ ପରିଣତ
ପରିହାସ-ରସ-ହାସ-ମୁଖର ପ୍ରଣୟେ ?
ଆଖି ଆଖି ମେଳେ ସଖି ପ୍ରଣୟର ବୀଜ,
ଉପ୍ତ କରି ମନୋଭବ ଘନ ଶରଘାତେ
ଫୁଟାଇଲା ସେହି ଦଣ୍ଡେ ଅଙ୍କୁର ତାହାର,
ମୁଗ୍ଧ ସହବାସ-ଜଳ-ସେକେ ସେ ଅଙ୍କୁର
ପରିଣତ ଆଜ ସଖି ଘନ କୁଞ୍ଜ ଗୃହେ
ଯାର ମଧୁଚ୍ଛାୟା ତଳେ ଆଜ ମୁଁ ସଜନୀ
ଇଚ୍ଛଇ ଯାପିବି ମୋର ଜନ୍ମ ଜନ୍ମାନ୍ତର
ଏହି ପ୍ରିୟ କଣ୍ଠ ଧରି; ଲୋଡ଼ା ନାହିଁ ମମ
ଆଉ କିଛୁ, ଯାହା ଲାଗି ବ୍ୟାକୁଳ ଜନତା ।

କିବା ଲୋ ମଧୁର ପ୍ରେମ ! ପ୍ରଥମେ ଯେ ଦିନ
ଚୁମ୍ବିଲେ ପ୍ରିୟ ମୋ' ଗଣ୍ଡ, ପ୍ରଶଂସି ମୋହରେ,
ଜାଣିଲି ପ୍ରଥମେ ମୁହିଁ, କିବା ସୁଖ ଅଛି
ଏ ଦେହର ରନ୍ଧ୍ରେ ରନ୍ଧ୍ରେ, ଶୋଣିତେ ଶୋଣିତେ !
ଥରିଲା ସର୍ବାଙ୍ଗ ମୋର, ନୂଆ ରସ ପାନେ
ରୋମାଞ୍ଚେ ପୂରିଲା ତନୁ, ନୟନର ପତା
ସେ ଗଭୀର ସୁଖ-ଭରେ ଆସିଲା ଆନମି ।
ତାପରେ ଲୋ, ଦିନୁ ଦିନ ବର୍ଦ୍ଧିଷ୍ଣୁ ପ୍ରଣୟ,
ରସୋଚ୍ଛଳ ଆକର୍ଷଣ ଆନ ଆନ ଲାଗି,
ନିତ୍ୟ ଚେଷ୍ଟା ତୋଷିବାରେ ଦୁହେଁ ଦୁହିଁଙ୍କରେ,
ଅବାରିତ ଯତ୍ନ, କିଏ ବଳିବ ଦେବାରେ
ଆପଣାର ଶ୍ରେଷ୍ଠ ଯାହା ଆନ ପଦତଳେ,

ବିରହେ ଅବ୍ୟକ୍ତ ବ୍ୟଥା, ଅବ୍ୟକ୍ତ ଆନନ୍ଦ—
ମିଳନେ, ସମର୍ପିବାର ନିଖିଳ ହୃଦୟ
ଗୋଟିଏ ଚୁମ୍ବନେ—ତାହା ବର୍ଣ୍ଣିବ କେମନ୍ତେ,
ପରାଜିତ ଭାଷା ତହିଁ !

ସେଦିନୁ ଜୀବନେ ମୋର ନୂତନ ସଂସାର,
ସେ ପର ପୁରୁଷ ଏବେ ପ୍ରିୟତମ ମମ—
ପିତାମାତା, ଜ୍ଞାତିବନ୍ଧୁ କାହାରେ ଏ ପ୍ରାଣେ
ଦେଇନି ଏମନ୍ତ ସ୍ନେହ, ନିବିଡ଼, ଗଭୀର ।
ତରୁଣୀ ତରଳ ମନ ଇଚ୍ଛେ ହାତ ଧରି —
ରଚିବ କନ୍ଦୁକ କ୍ରୀଡ଼ା ପରାଣ ତାଙ୍କର
ନିଶିଦିନ, ଇଚ୍ଛା ହୁଏ ପୁଷ୍ପ ସମ ପୁଣି
ଧରି ତାଙ୍କୁ ନାସା ପାଶେ ଆଘ୍ରାଣିବ ବସି
ସମୟର ଶେଷ ଯାଏ, କେବେ ବା ଇଚ୍ଛଇ,
ପ୍ରାଣ ମୋର ଦେଇ ତାର ଶ୍ରେଷ୍ଠ ଉପହାର,
ପୂଜିବ ସେ ଦେବତାଙ୍କ ଚରଣ-କମଳ ।
ଭାବଇ ଯେବେ ଲୋ ସଖି ବିରହର କଥା—
ବର୍ଷ ଅନ୍ତେ ଆର୍ଯ୍ୟପୁତ୍ର ଫେରିବା ସ୍ୱପଥେ,
ପ୍ରାଣ ମୋର ଥରି ଆସେ, ନ ପାରଇ ଭାବି
କେମନ୍ତେ ବଞ୍ଚିବି କାଳ, ବିରହ ବିଧୁର !
ଏବେ ତ ସଜନି ଖାଲି ଧ୍ୟାୟି ତାଙ୍କୁ ମନେ,
କଟେ ମୋର ନିଶିଦିବା—ଦଣ୍ଡେ କ୍ଷଣେ ହେଲେ,
ମନରୁ ଅନ୍ତର ନାହିଁ ହେଉଛି ସେ ରୂପ ।
ଯହିଁ ଯାଏ, ଯହିଁ ବସେ, ମନେ ହୁଏ ପରା—

ଆସିଲେ ମୋ ପ୍ରିୟ ପାଶେ, ଧରିଲେ ମୋ କର,
ଡାକିଲେ ମୋ ନାମ ଧୀରେ ଗଣ୍ଡେ ଓଷ୍ଠ ଦେଇ —
ରୋମାଞ୍ଚେ ମୁଁ ଉଠେ ଥରି, ଚମକି ମୁଁ ଦେଖେ,
ସେ ଥିଲି ଜାଗ୍ରତ-ସ୍ୱପ୍ନ, ପ୍ରଣୟ-ବିକାର ।
ବିଚ୍ଛେଦ ହୁଏ ଯା କେତେ ଦଣ୍ଡ ଦିବସରେ
ଯୁଗ ସମ ଲାଗେ ଭାରି, ଧାଏଁ ମନୋରଥ,
ଦେଖିବାକୁ ପ୍ରିୟ ମୁଖ ଆକୁଳ ଆଗ୍ରହେ ।
ଏମନ୍ତ ପ୍ରଣୟ କହ ସଖି କୁଞ୍ଜରିକା,
କେମନ୍ତେ ବିଚ୍ଛେଦ-ବ୍ୟଥା ସହିବ ଜୀବନେ !

ଏ ନବିଢ଼ ପ୍ରେମେ ସଖି ଉଠେ ଥରେ ଥରେ,
ଆଶଙ୍କାର କୃଷ୍ଣଚ୍ଛାୟା — ଭାବେ ମନେ ମନେ
କିମ୍ପା'ଇ ସଲିଳ ବୋଲି ମରୀଚିକା ପଛେ
ଧାଇଁଛି ବାଳିକା ମୁହିଁ ! — ବିରାଟ ଅର୍ଜ୍ଜୁନ
ଦିଅନ୍ତି କି ସତେ ମତେ ପ୍ରାଣର ପ୍ରଣୟ ?
ଶୁଣିଛି ପୁରୁଷ ଜାତି —

ଆଲୋ କୁଞ୍ଜରିକା,

ଏ କିଏସେ ? ଯାଅ, ଯାଅ, ଯାଅ ଅପସରି
ଫେରି ଯେ ଆସିଲେ, ମୋର ପ୍ରାଣ ପ୍ରିୟତମ
କହ କହ ତାଙ୍କ କଥା”

ବୋଲୁଁ କୁଞ୍ଜରିକା

ଅପସରି ଗଲା ଧୀରେ ଏକ ଦ୍ୱାର ପଥେ,
ଆନ ପଥେ ପ୍ରବେଶିଲେ ଶୂରେନ୍ଦ୍ର ଗାଣ୍ଡିବୀ ।

ପ୍ରବେଶି ଭାଷିଲେ ବୀର – 'କ୍ଷମ ହେମାମଣି,
ଦୋଷ ମୋର ନ କହ ଯା ଗଲି ମୁଁ ପ୍ରଭାତେ ।
ସେଇ ଅପରାଧେ ଆଜ କ୍ଷୁଣ୍ଣ ଦିନମାନ
ଚିତ୍ତ ମୋର, ପାରଧିରେ ନ ଲାଗିଲା ମନ,
ଅଭିମାନ-ଅଭିରାମ ନେତ୍ର କୋକନଦ
ଚିତେ ଉଠି କରାଇଲା ଲକ୍ଷ୍ୟଭ୍ରଷ୍ଟ ମତେ !'

—ବୋଲି ଯାଇ ଯେମା ପାଶେ କଣ୍ଠ ତାର ଭିଡ଼ି
ଆପଣାର ଦୃଢ଼ ଘର୍ମ ପୃଥୁ ଭୁଜ ଦଣ୍ଡେ
ଓଠ ତାର କରେ ଟେକ ଚୁମ୍ବିଲେ ନିବିଡ଼େ ।
ପୁଷ୍ପ ଯଥା ବୃନ୍ତକୋଳେ ସ୍ଥିରାଶ୍ରୟ ଜାଣି
ଆନନ୍ଦେ ରହଇ ଫୁଟି, ଉଲୁପୀ କୁମାରୀ
ଅର୍ଜୁନ ବିଶାଳ କୋଳେ ରହିଲା ଆଉଜି
ଆପଣାର କ୍ଷୁଦ୍ର ମୁଖ ଲଗାଇ ନିବିଡ଼େ
ପ୍ରଣୟୀର ବକ୍ଷଦେଶେ, ଆଘ୍ରାଣିଲା ସୁଖେ ।

— ୩ —

କହିଲା ସେ କୁଞ୍ଜରିକା –

"ଜାଣ ହେମାମଣି,

ଆର୍ଯ୍ୟପୁତ୍ର ଯିବେ ଚାଲି ମାତ୍ର କେତେ ଦିନେ ?
ବାରମାସ ଥିଲା କଣ୍ଠ, ସେ ମଧୁର କାଳ
ପୁରିତ ଆସିଲା ଏବେ"—

ଉଲୁପୀ କୁମାରୀ

ଦୂରବନେ ଉଦାସୀନେ ରହିଁ ବାତାୟନେ,
ନ କହିଲ କିଛୁ କଥା – ତା' ଚୂର୍ଣ୍ଣ-କୁନ୍ତଳ
ଉଡ଼ୁଥିଲା ମନ୍ଦ ମନ୍ଦ ବାୟୁ-ବଧୂନତ ।
ମୌନ ରହି କିଛୁ କାଳ ପୁଣି କୁଞ୍ଜରିକା
କହିଲା – "ଜେମା ଗୋ, ଏତେ ଭାବନା କପାଇଁ,
ନୃପତିରେ କହି ଘରେ ରଖାଅ ନା ଏଥି
ଆଉ କିଛୁ କାଳ; ସେ ତ ବନବାସୀ ଏବେ;
ଯଥା ଇଚ୍ଛା ରହିବେ ସେ । କପାଁ ରାଜତନୁ
କଷଣ ଲଭିବ ଭ୍ରମି କାନନ କାନ୍ତାରେ
ଏଠାରେ ରହି କଟୁ ବନବାସ କାଳ ।"
ତଥାପି ଉତ୍ତର ନାହିଁ ରାଜ-ନନ୍ଦିନୀର—
ତୂଷ୍ଣୀ ରହି ସେ ତରୁଣୀ ନ ଶୁଣିଲା ପରି
ଦେଖୁଥାଇ ଦୂରନଭେ ବହଗ-ବହଗୀ
ଯାଉଥିଲେ ମିଳି କେଉଁ ସ୍ୱର୍ଣ୍ଣମେଘ ତଳେ ।

ରହିଲେ ମଉନେ ଦୁହେଁ ଆଉ କିଛୁ କାଳ,
ପୁଣି କହେ କୁଞ୍ଜରିକା—
"କେଉଁ ସୁପୁରୁଷ
ଅର୍ଜ୍ଜୁନ ଶୂରେନ୍ଦ୍ର ସତେ ! ବନ୍ଦେମ ଭୁବନେ
ଦ୍ୱିତୀୟ ତ ନାହିଁ କେହି, ଇନ୍ଦ୍ର ପୁଣି ପଶେ
ବପଦ ପଡ଼ିଲେ ତାଙ୍କ ଧନୁର ଶରଣ;
ତଥାପି ବିନୟେ ଶିର ଅବନତ ସଦା,
ବକୁଳିତ ଚୂତ ସମ । ହସ-ହସ ବାଣୀ

ଶୁଣିଲେ ପରାଣ ହୁଏ, ସ୍ନେହେ କଣା ଜନ ।
କି ସୁନ୍ଦର ସୌମ୍ୟ ତନୁ ! ଆର୍ଯ୍ୟପୁତ୍ରେ ଦେଖି,
ପ୍ରଥମେ ଜାଣିଲି, ବୋଲି ସୁନ୍ଦର କାହାରେ ।
ଥିଲେ ଯେତେ ଦିନ ଏଥି, ଏ କ୍ଷୁଦ୍ରନଗର
ଉଠୁଥିଲା ନିତ୍ୟ ପୂରି ତାଙ୍କ ଯଶୋଗାନେ,
ରହୁଁ ରହୁଥିଲେ ଗୃହେ ପୁର-ନାରୀ ନିତି
ସାରିଧ୍-ବାହୁଡ଼ା ତାଙ୍କ ଦରଶନ ପାଇଁ ।
ଯିବେ ଚାଲି, ଅନ୍ଧକାର ହେବ ନାଗଦେଶ
ଆଶା ଗତେ ଚିତ୍ତ ସମ । ନ ଜେ କେମାମଣି
କହନା ରହିବେ ତାଙ୍କୁ—"

ତଥାପି ଉଲୁପୀ

ନ କହିଣ କଥା କିଛି, କେଣେ ଆପଣାର
ବୁଲାଇଲା କରାଙ୍ଗୁଳି—ଗୁରୁ ପଦ-ନଖେ
ଅକାରଣେ ଭୂମି ପରେ କାଟୁଥାଇ ରେଖା ।
ଶଙ୍କିତ ସେ କୁଞ୍ଜରିକା ଜେମା ଆଚରଣେ
ଉଲୁପୀର ମୁଖେ ଖାଲି ଚାହିଁଲା ଉଦାସେ,
କହିବାକୁ ଆଉ କିଛି ନ ହେଲା ସାହସ ।
ବହୁକ୍ଷଣ ପରେ କିବା ଚିନ୍ତେ ଭାବି ଜେମା
କହିଲା ସେ ସଖୀ ମୁଖେ ଅନାଇ ଉଦାସେ—
"କୁଞ୍ଜରିକା, ମନେ କିଛି ନ ଧରିବୁ ସଖି !
ଯାଅ ତୁହି ଅନ୍ୟ କାର୍ଯ୍ୟେ ଛାଡ଼ ମୋତେ ଏଥି
ମନେ ମୋର ସୁଖ ନାହିଁ—-ଦେହ ଲାଗେ ଭାରି,
ନିଦ୍ରା ଯାଏ କିଛି କ୍ଷଣ —"

"କହ୍ନା ସେ କଥା
ବାର ବାର ଜିଜ୍ଞାସା ମୁଁ କରି ଅଲକ୍ଷଣୀ
ବ୍ୟଥିତ କରିଲି କିଆଁ । କର ଗୋ ଶୟନ
ଶ୍ରୀଅଙ୍ଗ କୁଶଳ ହେଉ, ଯାଏ ମୁହିଁ ଚଳି—
ବୋଲି କୁଞ୍ଜରିକା ଧୀରେ ବାହାରିଲା ଗୃହୁଁ ।
ସରଳା କିଶୋରୀ ସେ ଯେ, ଜାଣିବ ସେ କିପାଁ
ହୃଦୟେ କି ବ୍ୟଥା ଲାଗେ, ଉଚ୍ଛିନ୍ନ ପ୍ରଣୟ
ସହସା ପାଇଲେ ବାଧା, ଧମନୀ-ଶୋଣିତ
କେମନ୍ତେ ବନାଗ୍ନି ସମ ଆପେ ଜଳି ଉଠି
ଆପଣାରେ କରେ ଭସ୍ମ, ପ୍ରଣୟ-ମନ୍ଦିରେ
ଆକୁଳିତ ଅଶ୍ରୁ ତେଜି କେତେ ପ୍ରାଣବଧୂ
ମରୁଗ୍ରସ୍ତ ପାନ୍ଥ ସମ କରେ ହାହାକାର ।

କୁଞ୍ଜରିକା ଗଲା ଚାଲି, ସେ ନାଗନନ୍ଦିନୀ
କର-କୋକନଦେ ରଖି ବଦନ-କମଳ
ବିଚ୍ଛୁରିତ କଲା ଧୀରେ ବଦନ ଗୃହାଣୀ
ବାତାୟନ ଭେଦି ଦୂର ବନ୍ଧ୍ୟ ବନାନୀରେ ।
ଶୀତଳ ହେମନ୍ତ ସନ୍ଧ୍ୟା ଆସୁଥିଲା ମାଡ଼ି
ଧୀରେ ଧୀରେ ଜଳସ୍ଥଳେ, ଅସ୍ତରବି ରାଗ
ଖସୁଥିଲା ପୂର୍ବୁଁ ଧୀରେ ଦେଖାଇ କ୍ରମଶଃ
କ୍ରମ ନୀଳୀଭୂତ ଦେହ ପ୍ରାଚୀ ଦିଗ୍‌ଗଜର ।
ବନସ୍ପତି ପ୍ରତି ପତ୍ରେ ଆଲୋକ ଅନ୍ଧାର
ଦୁଇ ପାଶୁ ଆଣି ମୁଖ ପତ୍ର ଧାରେ ଧାରେ
ଦେଉଥିଲେ ପରସ୍ପରେ ବିଦାୟ ଚୁମ୍ବନ ।

କମ୍ପିତ ବସନାଞ୍ଚଳ ସମ ପ୍ରଦୋଷର
ହେମ-କାନ୍ତ ପକ୍ୱଶାଳି କେଦାରେ କେଦାରେ
କମ୍ପୁଥିଲା ମନ୍ଦ ମନ୍ଦ, ପ୍ରଦୋଷ ବିହଗ

ସ୍ୱର୍ଣ୍ଣ-କରେ ରଞ୍ଜି ପକ୍ଷ, ଯାଉଥିଲେ ଉଡ଼ି
ଆକୁଳେ କୁଳାୟମୁଖେ । ବିଷର୍ଣ୍ଣ ଜଲୁପୀ
କହ୍ଲାର ଉଦାସେ ଗୁହ୍ନିଁ—"ଏହି ସନ୍ଧ୍ୟା ସମ,
ଏହି ସନ୍ଧ୍ୟା ସମ, କେତେ ସନ୍ଧ୍ୟା ଅଛି ଯାଇ"—
ଆଜି ସେ ପାରିଲା ନାହିଁ । ସ୍ୱର୍ଣ୍ଣନାସାପୁଟ
ଥରିଲା ନିଃଶ୍ୱାସ ବେଗେ, କନକକପୋଳ

ପାଟଳ ହୋଇଲା ଦୁଃଖେ—ବନ୍ଧୁର ଉରଜ
ସହସା ପୀବର ହେଲା ଉକ୍ତ ତପ୍ତଶ୍ୱାସେ ।
ଏକାଳେ ଦେଖିଲା ଜେମା ଶାନ୍ତ ନଭ ବାହି
ଯାଉଥିଲେ ଉଡ଼ି ଏକ ବିହଗଦମ୍ପତି
ସୁଦୂର ବନାନ୍ତ ବେଗେ—ତାଙ୍କ କଳରବେ
ମୁଖରିତ ହେଉଥିଲା ଗଗନ-ସରଣୀ ।

ଏକ ଯେବେ ପଛେ ରହେ, ଆନ ତାକୁ ଆଗୁ
ଡାକଇ ଲଳିତ କଣ୍ଠେ; ସମଗତି ହେଲେ
ପରସ୍ପର ପକ୍ଷ ବାଜେ ଅଙ୍ଗେ ଅନ୍ୟୋଽନ୍ୟର,
ଊର୍ଦ୍ଧ୍ୱ-ଅଧଃ, ଆଗ-ପଛ, ବାମ-ବାମେତରେ
ଭଙ୍ଗି ଗତି ନାନାଭଙ୍ଗେ; ଯୁଗଳ ପ୍ରଣୟୀ
ଧୀରେ ଧୀରେ ଲୀନ ହେଲେ ଦୁଇ ବିନ୍ଦୁ ସମ
ଅନନ୍ତ ଆକାଶତଳେ । ତାଙ୍କୁ ଦୃଷ୍ଟି ଜେମା,
ଆସନ୍ନ ବିରହ ସ୍ମରି, ନେତ୍ରୁ ନୀଳୋତ୍ପଳ
ବିସ୍ଫାରିତ କଲା ଦଣ୍ଡେ, ଦୁଇ ନେତ୍ର-କୋଣେ

ଦୁଇ ବିନ୍ଦୁ ନୀରକଣା ଘନ ପକ୍ଷ୍ମ ପରେ
ସହସା ଲଭିଲା ଜନ୍ମ ଶ୍ୟାମଦୂର୍ବାପରେ
ନିଶାନ୍ତ ଶିଶିର ସମ । ଦୁଇ ବିନ୍ଦୁ କ୍ରମେ
ବହୁ ବିନ୍ଦୁ ହେଲା ଧୀରେ ତରଳ-ହୀରକ
ପରି ସେ ଲୋଚନ-ରେଖା, ଦୁଇ ଗଣ୍ଡ ବାହି
ସିକ୍ତ କଲା କର ଦୁଇ, ଫୁରିଲା ଅଧର ।
କର-ପଦ୍ମେ ମୁଛିନେଇ ଲୋଚନ-ମୁକୁତା,
କହିଲା ସେ ତପ୍ତଶ୍ୱାସେ—"ସମ୍ବର ହୃଦୟ,
ସମ୍ବର ଏ ଅଶ୍ରୁରାଶି । ଦୀର୍ଘ ତ ଜୀବନ ।
ସମ୍ମୁଖେ ରହିଛି ପଡ଼ି ଅଗଣ ନିଶୀଥ
ସିକ୍ତ ହେବ ମୋ ଲୋଚନେ, ଆଜୁଁ ଏ ବ୍ୟଥିତ
କି ଲାଭ ଆଣିବ ମତେ ? ବିରହ-ବ୍ୟାକୁଳ
ଅଜ୍ଞାତ ଅନ୍ଧାର ପଥେ ଦୁର୍ବଳ ବାଳିକା
ପଦ ଥୁଇଁ, ବାରବାର ତିକ୍ତ ଶକ୍ତତାରେ
ବୁକୁ ତା ଫାଟି କି ଝଡ଼ି ନ ପଡ଼ିବ ଭୂମେ
ବାଞ୍ଛି ଦେଇ ଅସମ୍ଭାଳେ ପ୍ରଣୟ-ମୁକୁତା
ସଞ୍ଚିତ ତା ହୃଦ-ପୁଟେ ? କିଏ ସେ ସେକାଳେ
ପାଶେ ହୋଇ ଠିଆ ସ୍ନେହେ, ପୋଛି ନେତ୍ର-ନୀର
ବକ୍ଷେ ଭିଡ଼ି ବାହୁଯୁଗେ ଚୁମ୍ବି ନେବ ଶୋକ ?
ଯେ ଦୁଃଖ ଏ ଜୀବନରେ ନୁହେ ଶମିବାର,
ଉଚିତ ନୁହଇ ତାକୁ ଦେବାର ଇନ୍ଧନ
ବାରବାର ଅଶ୍ରୁ ଢାଳି । ଅନ୍ତର ମଧ୍ୟରେ
ରହୁ ସେ ଗୋ, ଦଗ୍ଧ କରି ଆପଣାରେ ଆପେ
ଅବଶେଷ ରଖି ମାତ୍ର ଭସ୍ମ ଆପଣାର ।

ତଥାପି କେମନ୍ତେ ମୁହିଁ ନବଯଉବନା
ଅଙ୍ଗେ ଅଙ୍ଗ ଧରି ଏହି ରସାଳ ବୟସ,
ହୃଦୟେ ଧରି ଏ କ୍ଷୁଧା; ଅନ୍ତରେ ପିପାସା,
ମନରେ ପ୍ରଣୟ-ସ୍ୱପ୍ନ, ଶୋଣିତେ ସ୍ପନ୍ଦନ
ସମ୍ଭବ ଜୀବନ ଲାଗି ବିଚ୍ଛେଦ ପ୍ରିୟର ?
ଫାଲ୍‌ଗୁନୀ ଚାଲିବେ ଏଥୁଁ—ସ୍ମରିଲେ ଏ କଥା
ବଜ୍ର ସମ ହାଣି ହୁଏ ଅବଳାର ବୁକେ ।
କେମନ୍ତେ ଭୁଲିବି ଯେଉଁ ପ୍ରଣୟ ବାସର
ଯାପିଲି ଏ ପ୍ରାସାଦରେ ପ୍ରଣୟୀ ସଙ୍ଗତେ
ରସୋଚ୍ଛଳ କରି ପ୍ରତି ମୁହୂର୍ତ୍ତ ଦିନର
ତୀବ୍ର ପ୍ରେମମଦ ସେକେ ? କେମନ୍ତେ ଭୁଲିବି
ଏମନ୍ତ ହେମନ୍ତ ସନ୍ଧ୍ୟା—ଯେବେ ପ୍ରିୟ ମୋର
ପାଶଧରୁ ଫେରି ମୋତେ ଚମକିବା ଲାଗି
ଧୀରେ ଧୀରେ ଆସି ପଛୁଁ ପଶନ୍ତି ମନ୍ଦିରେ
—ଜାଣି ମୁଁ ନ ଜାଣି ରହେ ଅନାଇ ସୁଦୂରେ—
ପ୍ରିୟ ମୋର ଚକ୍ଷୁ ବୁଜି ପଚାରନ୍ତି—'କିଏ'—!
କେମନ୍ତେ ଜ୍ୟୋଛନାସ୍ନାତେ ଭୁଙ୍ଗ ବଡ଼ଭିରେ
ପାରି ମୁଁ ବାସକ-ଶଯ୍ୟା କପଟରେ ଶୋଇ
ଚେଇଁଥାଏ ପ୍ରିୟ ଲାଗି,—ପ୍ରିୟ ଆସି ପାଶେ
ନିଦ୍ରିତ ଜାଣିଣ ମତେ ଚୁମ୍ବନ୍ତି କପୋଳେ,
ଉଠି ମୁଁ କପଟକ୍ରୋଧେ କରେ ତିରସ୍କାର ।
କେମନ୍ତେ ବୈଶାଖତପ୍ତ ମଧ୍ୟାହ୍ନେ ସେ ପ୍ରିୟ,
ଖୋଜି ଖୋଜି ଗୃହେ ଗୃହେ ମତେ ଅନୁସରି
ଆସନ୍ତି ଯହିଁ ମୁଁ ଥାଏଁ ସଖୀଜନ ମେଳେ—

ସଖିଜନେ ଯାନ୍ତୁ ଚଳି । ପଚ୍ଚାରିଲେ କେବେ
'କେମନ୍ତେ ଆସିଲ ଏଥି'—କହନ୍ତୁ ରସିକ
'ପୁଷ୍ଟ ପଚ୍ଛେ ପୁଷ୍ପ କେଉଁ ବନ ବନାନ୍ତରେ
ତା କି ନାହିଁ ଜାଣିପାରେ ବୁଭୁକ୍ଷୁ ଭ୍ରମର ?'—
ତାପରେ ବସିବେ ଧୀରେ ଶଯ୍ୟା-ପ୍ରାନ୍ତ ଧରି
ସାଉଁଳିବେ ଅକାରଣ ବାରଣ ନ ମାନି
ମୋର ତାପକ୍ଲାନ୍ତ ଦେହ; ପୋଛିଦେବେ ହାତେ
ବାରବାର ସ୍ୱେଦ-ସ୍ରୋତ ବକ୍ଷରୁ ସେନେହେ,
ବାନ୍ଧିଦେବେ ତାଳବୃନ୍ତେ କରୁ କରୁ ମନା—
ଏ କି ଗୋ ଘାସୋରଯାଏ ? ଆର ଅଙ୍ଗୁ ସିନା
ଶରଘାତ ଶମେ କାଳେ, ରହଇ ତ ବ୍ରଣ ?
ପ୍ରଣୟର ସ୍ମୃତି ପ୍ରାଣେ ରହି ସେହିପରି
ନିଃସଙ୍ଗ ନିଶୀଥେ ମମ କୋମଳ ଶୟନ
ନାହିଁ କି କରିବ ବାରବାର କଣ୍ଟକିତ ?
ଏହି ଗୃହ, ଏହି ବନ ଏହି ହ୍ରଦ-ତଟ
ପରିଚିତ ଏହି ସ୍ଥଳୀ—ପ୍ରିୟ ସଙ୍ଗ ହେତୁ
ନବ ଅର୍ଥ, ନବ ରୂପ ଘେନିଲେ ମୋ ଲାଗି,—
ପ୍ରିୟ-ହୀନ ଜୀବନର ଦିବସ-ରଜନୀ
କେମନ୍ତେ କାଟିବି ପୁଣି, ଦେଖି ଏଇମାନେ ?
ତ୍ରସ୍ତପଦେ ଯହିଁ ତହିଁ ନେତ୍ର ମୋ ପଡ଼ିବ
ଫାଲ୍‌ଗୁନୀ ଉଠିବେ ନାଚି— ପ୍ରାଚୀନ ପ୍ରଣୟ
ମୂର୍ତ୍ତି ହୋଇ କରିବ ଅସହାୟ ମତେ ।
କେମନ୍ତେ ଚଞ୍ଚଳ ସେ ଯେ ! ପୁରୁଷ ନିଷ୍ଠୁର
ବୋଲି ଶୁଣିଥିଲି ଯାହା, ଦେଖିବାକୁ ହେଲା

ନିଜ ଅନୁଭବେ ମତେ । ମୋର ଏ ବେଦନା
ବୁଝିବେନି ସେ କି ପ୍ରାଣେ ? ବିରହ-ବିଚ୍ଛେଦ
ଆଣୁଛି କି ତାଙ୍କ ଚିତ୍ତେ ବିପ୍ଳବ ମୋ ପରି ?
ଭାବନ୍ତି କି ପାର୍ଥ, ତାଙ୍କ ବିରହରେ ଏଥି
ଧରଣୀର ଏକ କୋଣେ, କେ ଏକ ବାଳିକା
ଲୋଟିବ ଧରଣୀତଳେ, ଡାକି ଡାକି ବୁକେ
ବାରମ୍ବାର ତାଙ୍କ ନାମ ? ପାଷାଣ-ପୁରୁଷ
ଶୁଣି କି ପାରିବେ ସେହି ବାଳିକା-ବିଳାପ,
ଦୂରେ ରହି ଗୌରବର ଉନ୍ନତ ଶିଖରେ
ଧନ୍ୟ ହୋଇ ଜନତାର ମୁଗ୍‌ଧ ବନ୍ଦାପନେ ?
କି ଭ୍ରମ କଲି ମୁଁ ସତେ ! କାହିଁକି ବିକିଲି
ଏ ପ୍ରାଣ ଏପରି ଏକ ନିଷ୍ଠୁର ପୁରୁଷେ !

ମାରବିଲା ତହୁଁ ଦଣ୍ଡେ ବିରହ-ବ୍ୟଥିତା
ତେଜି ଖର ଦୀର୍ଘଶ୍ୱାସ, ଭାବିଲା ସେ କିବା
ନେତ୍ର ରଖି କରଜରେ । ପ୍ରିୟର ଭର୍ତ୍ସନା
ଆଘାତ ଆଣୁଁ, ସେ ନିଜେ ଧିକ୍‌କାର ନିଜରେ,
କହିଲା ତା କଥା ପୁଣି—
“କହିଁକି ବା ଛି ! ଛି !
ନିନ୍ଦୁଛି ପ୍ରିୟରେ ମୋର ! ପୁରୁଷ-ପୁଙ୍ଗବ
ସେ କିପାଁ ରହିବେ ବନ୍ଦୀ ମୋ ତୁଚ୍ଛ ପ୍ରଣୟେ ?
ନିବିଡ଼ ପ୍ରଣୟ ତାଙ୍କ ଭୋଗି ଏତେ ଆହା
କାହିଁକି ନିନ୍ଦିବି ଆଜ ? ପ୍ରଥମେ ଯେ ଦିନ
ଅର୍ପିଲି ଏ ପ୍ରାଣ ତାଙ୍କ ଚରଣଯୁଗଳେ,
ଜାଣିକି ନ ଥିଲି ମୁହିଁ, ଚିରଦିନ ଲାଗି

ଫାଲ୍‌ଗୁନୀ ନୁହନ୍ତି ମୋର ? ଅବତୀର୍ଣ୍ଣ ସେ ଯେ
ଶମିବାକୁ ଧରାଭାର—ନାଶିବାକୁ ବ୍ୟଥା
ଅତ୍ୟାଚାର-ନିଷ୍ପେଷିତ ଦୀନ ଜନତାର,
ସେ କିପାଁ ରହିବେ ଏଥି ପ୍ରଣୟବିଳାସେ,
ସ୍ଥିର ଏକ ଯୁବତୀର ଭୁଜ-ବିବନ୍ଧନେ ?
ମୋ ବେଣୀ-ବନ୍ଧନ ତେଜି ତାଙ୍କ ବୀର କର
ଗାଣ୍ଡୀବରେ ଗୁଣ ଯୋଖୁ, ସିନ୍ଦୂର ମୋ ଭାଲେ
ଲଗାଇବା ଲାଗି କ୍ଷିପ୍ର ନୋହୁ ସେ ଅଙ୍ଗୁଳି
ଦ୍ରୁତ ହେଉ ଶର ଲକ୍ଷେ, ଦୁଷ୍ଟ ବିନାଶନେ ।
କାନନକୁସୁମେ ଅଳି ଚୁମ୍ବେ ଥରେ ସିନା,
ଚାତକରେ ଜଳ ଦିଏ ବର୍ଷଣ ବାରିଦ
କେବଳ ପ୍ରାବୃଟେ ସିନା, ମୋର ଏ ଜୀବନେ
ପ୍ରଣୟର ହେଲା ଏବେ ଶେଷ ସେଇପରି ।
ଏଇ କେତେ ମୁହୂର୍ତ୍ତର ଗଭୀର ପ୍ରଣୟ
ନିଖିଳ ଜୀବନେ ବ୍ୟାପି କରୁ ମଧୁମୟ ।
ମୋ ଲାଗି ଅର୍ଜୁନେ ଏଥି ବାନ୍ଧି ରଖି ପ୍ରେମେ
ତାଙ୍କର ବିଜୟ-ପଥେ ହେଲେ ମୁଁ କଣ୍ଟକ,
ସେ କି ହେବ ପ୍ରେମ ସତେ ? କୋଟିଏ ମୋ ପରି
ବିନାଶ ହୁଅନ୍ତୁ ପଛେ—ତାଙ୍କ ଭସ୍ମ ଯେନ
ପ୍ରିୟର ବିଜୟ-ପଥ ଗଢ଼ା ହେଉ କିନା !
ବିଚ୍ଛେଦ-ବିରହ-ବ୍ୟଥା ଆସୁ ଯେତେ ଯାହା
ସହିବି ସେସବୁ ମୌନେ ପ୍ରିୟ ଲାଗି ମୋର,
ତପସ୍ୟା ସେ ହେବ ମୋର ତାଙ୍କ ଯଶ ଲାଗି
ସସୀମ ବେଦନାନଳେ ଦଗ୍ଧ ଏ ପରାଣ

ଧୂମ ସମ ଜାଳଦେବ ଏ ଜୀବନ ମମ
ମୋ ପ୍ରିୟ ଗୌରବ ଲାଗି—ପ୍ରେମ ସେ କି ନୁହେ ?
ପ୍ରେମ କି କେବଳ ଭୋଗେ ଅଙ୍ଗେ ଅଙ୍ଗ ମେଳେ,
ଅଧରୁ ଅଧର ପାନେ, ଶରୀର ଆଘ୍ରାଣେ,
ଏ ଦେହର ରସ ଭୋଜ୍ୟେ ? ପ୍ରିୟଜନ ଲାଗି
ଜାଳିବା ଜାଗର ବସି ନିଶୀଥେ ନିଶୀଥେ,
ତେଜି ଧୀରେ ପ୍ରେମ-ଦୀପ-ନିଃସଙ୍ଗ କୁଟୀରେ
ଶୁଖାଇବା ନେତ୍ର ନୀର, ଶୁକ୍ଳାଇବା କେଶ
ସେ କି ନୁହେଁ ପ୍ରେମ ସତେ ?
ଗର୍ବେ ଅଛି ଧରି

ପୁଣି ମୁଁ ପରମ ପ୍ରେମ୍ୟ ବୀଜ ତେଜୋମୟ
—ମୋ କରେ ମୋ ପ୍ରଣୟୀର ଶ୍ରେଷ୍ଠ ଉପହାର—
ନବୀନ ଜୀବନ-ବୃନ୍ତ ପ୍ରଣୟ-କୁସୁମ ।
ମୋର ଏ ତରୁଣୀ ବକ୍ଷ ତପ୍ତ ହୋଇଉଠେ
ଭାବିଲେ କେମନ୍ତେ ସେହି ନବ ସର୍ଜନାରେ
ଏ ବକ୍ଷର ରସ ଦେଇ କରିବି ଜୀବନ୍ତ ।
ସେହି ଦାନେ, ସେ ପାଳନେ, ସେହି ସ୍ପର୍ଶ-ସୁଖେ
ପ୍ରିୟର ସକଳ ସ୍ମୃତି ହୋଇ ରସ-ଘନ
ମୋର ପ୍ରତି ଲୋମେ ଲୋମେ ନିକି ସଞ୍ଚାରିବ
ଆନନ୍ଦ ବିଦ୍ୟୁତରେଖା ? ତରୁଣ-ଅର୍ଜୁନେ
ବକ୍ଷେ ଭିଡ଼ି ଅନ୍ଧ ସ୍ନେହେ ଲଭିବି ମୁଁ ନିକି
ପ୍ରବୀଣ ଫାଲ୍‌ଗୁନୀ ସ୍ନେହ, ପୁଣି ନୂଆ କରି !
ଅସ୍ତଗାମୀ ହେଲେ ଦେହୁ ଯୌବନ-ତପନ,
ଶାନ୍ତ ହେଲେ ଅନ୍ତରରୁ ପ୍ରଣୟ-ପିପାସା,

କ୍ଳାନ୍ତ ହେଲେ ଅଙ୍ଗୁ ଅଙ୍ଗୁ ଅନଙ୍ଗବିଳାସ,
ଯୌବନ-ଦ୍ରବ୍ୟେ କି ହୁଏ ପ୍ରିୟ ବନ୍ଦାପନା ?
ଏହି ଯେଉଁ ରାଜୋଦ୍ୟାନ, ଏ କି କରେ ପୂଜା
ଏକପୁଷ୍ପେ ଜୀବନରେ ସବୁ ଋତୁ ଧରି ?
ପ୍ରଭାତେ ସେ ଅର୍ଘ୍ୟଥାଳ ସଜାଡ଼ି ଧରଣୀ
ବନ୍ଦଇ ତପନେ ଯେକି, ଗୋଧୂଳି ଲଗନେ
ପୂଜେ କି ସେ ସେହି ଧନ ? ପ୍ରେମେ ସେହିପରି
ଏକରାଗେ ପୂଜାପୁଜି ନଥିଲି ଜୀବନେ
କେମନ୍ତେ ଘଟିବ ପ୍ରିୟ-ପ୍ରଣୟି ମା ମେଳେ ?
ଯୌବନ ବାଡ଼ିଲା ସିନା ପ୍ରିୟ ପଦତଟେ
ପୁଷ୍ପିତା ଏ ଦେହ-ଲତା, ସୁରଭି ବ୍ୟାକୁଳ;
ଝାଉଁଳି ଆସିବ ଯେବେ ପଲ୍ଲବ-ସୁମନ
ଏ ଅଙ୍ଗଲତାରୁ କ୍ରମେ, କି ଧନ ପୂଜିବ
ନାଥ ମୁଁ ମୋ ପ୍ରିୟଜନେ ? ଜୀବନ ସନ୍ଧ୍ୟାରେ
ପ୍ରବୀଣ ସେ ବୀର-ପଦେ ଥୋଇଦେବି ଯେବେ
ତରୁଣ ଅର୍ଜୁନ ଏକ—ଶୌର୍ଯ୍ୟର ପ୍ରତିମା—
ସେ କି ନାହିଁ ହେବ ମୋର ଶ୍ରେଷ୍ଠ ଉପହାର ?
ସେହି ହେଉ ତପ ମୋର । ଶୂନ୍ୟ ଏ ପ୍ରାସାଦେ,
ପ୍ରିୟହୀନ ଏ ଭୁବନେ, ତାଙ୍କ ସ୍ମୃତି ଧରି,
ନୟନ-ତରଳ-ବାଷ୍ପ ନେହେ ନେଇ ମାରି
କରିବି ତାଙ୍କର ପୂଜା । ଯାଆନ୍ତୁ ମୋ ପ୍ରିୟ,
ବିଦାୟର ଦଣ୍ଡ ତାଙ୍କ ହେଉ ଜୟଶୀଳ;
ବାରଣ କରି ମୁଁ କପାଁ ହେବି ଅମଙ୍ଗଳ
ତାଙ୍କର ବିଜୟ ପଥେ—ଯାଆନ୍ତୁ ସେ ସୁଖେ ।

ନାରୀ-ଚରିତ ତ ଏହି—ପ୍ରିୟରେ ତାହାର
ପିନ୍ଧାଇ ମୁକୁଟ ଶିରେ, ଗଞ୍ଜାଇ ତୂଣୀର,
ବାନ୍ଧାଇ କଠିନ ବର୍ମ କାନ୍ତ-ଶାନ୍ତ କରେ,
ନଚ୍ଚଇ ତା ବୀରରକ୍ତ କଙ୍କଣ-ରୁଣିତେ
ପଠାଇବ ରଣଭୂମେ;—ତା ପରେ କୁଟୀରେ
ସତୀତ୍ୱ-ପ୍ରଦୀପ ଜାଳି ପ୍ରିୟ-ପଥ ଲାଗି
ପୂଜିବ ତା ଇଷ୍ଟଦେବ ।

ତାହାହିଁ ମୁଁ କରେ ।

ରୂପଦେବତା

—୧—

ଶିଶିର ଅବଶେଷେ   ଫଗୁଣେ ରାଣୀ-ବେଶେ
    କେ ଦେଲା ଧରଣୀକି ପଠାଇ,
କି ମଧୁ-ଇଙ୍ଗିତେ   ଜଡ଼ ଧରଣୀ-ପୀଠେ
    କୁସୁମ-କଢ଼ି-ଦଳ ଫୁଟାଇ ।
କାହାର ପଦ ବାଜି   ଫୁଟିଲା ଫୁଲ ଆଜି
    ଝକଣେ କଣଲସ୍ତୁ କାନନେ,
କୁହେଳି-ଧୂମ କାଟି   ମାଳମା ଦେଲା ବାଟି
    କର କାହାର ନଭ-ଆନନେ ।
ରସାଳ-ମଞ୍ଜରୀ   ଚୁମଇ ଗୁଞ୍ଜରି
    ମଧୁପ, ମଧୁପାନ-ଅଧୀର;
ନବଢ଼-ପଲ୍ଲବେ   ଲୁଚି, ଲଳିତ ରବେ
    ମୁଖର ବନ କରେ କୋକିଳ ।
ଥରଇ ଘାସେ ଘାସେ   ପ୍ରଣୟୁ କାର ଆଶେ,
    ଧୂଳିରୁ ଉତ୍ସବ ଉଠଇ,
ଜୀବନେ ମତ୍ତତା,   ହୃଦୟେ ମଧୁ-ବ୍ୟଥା,
    ମାନସ ଆନ-ଆଶେ ଛୁଟଇ ।

ଆକାଶ ମୁଖରତ ବିହଗ ଗୀତେ । ଶୀତ—
ମଳୟେ ମାଦକତ ଆଳସ୍ୟ,
ମତ୍ତ ଦେହ ମନ, ମତ୍ତ ଏ ଭୁବନ
ଚିତ୍ତ ଉତ୍ପଥିତ ପ୍ରଳୟ ।

କେ ଦେଲା ଜଗତରେ ଜୀବନ-ମନ୍ତ୍ରରେ !
ରେଣୁରେ ରେଣୁ ରୂପ ଫୁଟିଲା,
କିଏ ସେ ରୂପ-ଦାମୀ କେଉଁ ଭୂପରେ ମାତି
ଭୁବନ-ଭବନରେ ଉଠିଲା ।

ତା ଭୁଜ-ଗାର ଖାଇ, ରୂପ ଏ ଥିଲା କାହିଁ
ଧରଣୀ ଜଡ଼ ଦେହେ ହସିଲା,
ପଉଷ ତୁଷାରତ- ପ୍ରାଣେ ଅପରିଚିତ-
ଅନଳ ଧୀରେ ଧୀରେ ପଶିଲା ।

ତରୁଣୀ-ପଦତଳ ଶୋଣିତ-ଟଳମଳ,
କପୋଳେ ଫୁଟେ ଆଜି ପଲାଶ,
ଦକ୍ଷିଣ ବାତାୟନ ମେଲି କରୁଁ ଶୟନ
ହୃଦୟେ ପାଏ କି ସେ ପରଶ !

ଦେହରେ ଦେଲା ଛବି, ସେ ରୂପ-ଦାମୀ କବି
ହୃଦୟେ, ମାଦକମୀ ବେଦନା
ଅଳସ, ଶୋଣିତରେ; ତନ୍ଦ୍ରା, ଚିତ୍ତରେ,
ସକଳ ପ୍ରାଣେ ନବ-ଯାଚନା ।

ଗଗନେ, ଜଳେ, ଥଳେ ଲୁଚି ସେ କାହିଁ ଚଳେ
ଦେଖେ ତ ନାହିଁ କାହିଁ ନୟନ,
ତାର ବିରାଟ ରଥ ଚଳଇ କେଉଁ ପଥ ?
ନିଖିଳ ଭବ କି ତା ଅୟନ ?

—୨—

ରୂପର ଦେବତା ସେ ସୃଜନ-ସୁଖ-ଆଶେ
ଅବନୀ-ବନତାରେ ସାଜଇ;
ଦେହରେ ରୂପ ରଚ ମଧୁ-ସୁଷମା ଖଚ
ତହିଁ ଅଦେହ ଦେବ ରାଜଇ ।

ମଦନ ନାମ ତାର, ତାହାର ଭୁଜ-ଗାର
କୁସୁମ ଓଠେ ହାସ ଶିଖାଏ,
ଭଅଁର ରୂପ ରସେ ପ୍ରୀତି-ରଭସ ବଶେ
ତରୁଣୀ-ବୁକୁ ସେହ୍ନ ବଳାଏ ।

କେ କାର ପକ୍ଷେ ସେ ବର୍ଣ୍ଣ-ବନ୍ଧ ଲେଶେ
ଜ୍ୟୋତ୍ସ୍ନା ଏତେ ମଧୁ କରଇ,
କୋକିଳ-କଣ୍ଠରେ ତା ଯୋଗୁଁ ସୁଧା ଝରେ,
ତା ଯୋଗୁଁ ଲତା ଫୁଲ ଧରଇ ।

ବିଜୁଳି ପଛ ଧରି ଜଳଦ ଧ୍ୱନି କରି
ନିଖିଳ ନଭ କପାଁ ଖୋଜଇ ?
ନଦୀର ନୀଳ-ବେଣୀ ନିଖିଳ-ଦେହ ଘେନି
ସାଗର-କୋଳେ କପାଁ ହଜଇ ?

ତପନ-ତାପ ପାଇଁ କୁସୁମ ଗୁହ୍ନିଁଥାଇ
ଲଭିଲେ ହସିଉଠେ କପରି ?
କୁମୁଦ, କୌମୁଦୀ ନ ପାଇ ଯାଏ ମୁଦି,
କମଳ, ରବି-କରେ ସେପରି ।
ଏ ସବୁ କେ କରାଏ ? ଏ ମାୟା କେ ଲଗାଏ ?
ବସ୍ତୁ ବସ୍ତୁରେ ପ୍ରଣୟ ?

ପ୍ରଣୟ ଲାଗି ରୂପ ନାଶିଲେ ଅପରୂପ
ସରଜୁଅଛୁ ତର ସମୟ ?
ରୂପର ଦେବତା ସେ ଭୁବନେ ପ୍ରୀତି-ପାଶେ
ଭିଡ଼ିବା ପାଇଁ ବୁଲେ ଭୁବନେ,
ତେଣୁ ରୂପର ମେଳା ଭୁବନେ କରେ ଖେଳା
ତେଣୁ ପ୍ରଣୟ ଲୀଳା ଜୀବନେ ।

— ୩ —

ମଦନ ଦେବରାଜ ଜଗତେ ବିଜେ ଆଜ
କୁସୁମ-ଧନୁ ଥୋଇ ଉରସେ,
ମଳୟ ରଥ ତାର ଚଳଇ ଅନିବାର,
ଧରଣୀ ଥରେ ତାର ପରଶେ ।
ଆକାଶ ଭରି ଉଡ଼େ ତାହାର ରଥ-ଚୂଡ଼େ
ମୀନ-କେତନ ତାର; ଅବନୀ
ତା ରଥ-ଚକ-ଧୂଳି ଶରୀରେ ନେଇ ତୋଳି
ହୋଇଛି ଆଜ ସୁନା-ବରଣୀ ।
କପୋତ କପୋତୀରେ ଡାକୁଛି ବନ-ତୀରେ
ପୂଜିବା ଲାଗି ଏଇ ଦେବତା,
ହରିଣ-ଅଙ୍ଗନା ନାହିଁ କରୁଛି ମନା
ହରିଣ ତରୁଣର ମମତା ।
କପାଟ କାହିଁ ମେଲି ଫିଟାଇ କାଞ୍ଚୁଲି
ପ୍ରଣୟ-ତାପେ ନବକୁମାରୀ
ଡାକେ ସେ ଦେବତାରେ ନଇଁ ଆପଣା ଘରେ
ହେ ମାର, ରଖ ମୋତେ ନ ମାରି ।

ମନୋଜ ସେ ଦେବତା ବୁଝେ ମରମ-ବ୍ୟଥା
ଏକକୁ ଆନ ସାଥେ ମିଳାଏ,
ତା ଯୋଗୁଁ ଏ ଜଗତ ମଧୁର ଅବିରତ
ମରତେ ସୃଜନ ସେ କରାଏ ।
ସକଳ ଋତୁ ଧରି ଆସେ ସେ ଅଭିସରି
ରାଜାର ବେଶେ ଆସେ ଫଗୁଣେ,
ତା ଆଗମନେ ତେଣୁ ଜୀଆଁଇ ପଥ-ରେଣୁ
ଜଡ଼େ ଜୀବନ ଫୁଟେ ତା ଗୁଣେ ।
ସେଇ ସେ ରୂପରାଜ ଜଗତେ ବିଜେ ଆଜ
କୁସୁମ ରୂପେ ଗୁଣ ରସାଇ
ଅବନୀ ଅବଳାର କରେଣ ଫୁଲହାର
ଘରେଣ ନେବ ତାକୁ ବସାଇ ।
ତାହାର ବନ୍ଦନା ତରୁଣୀ ଅଙ୍ଗନା
କରଇ ସ୍ମିତ ହସି ଗୋପନେ,
ତରୁଣ ଦଳ ଦଳ ଅଧରେ ଛଳ ଛଳ
ତା ପୂଜା ଲାଗି କଲେ ଭୁବନେ ।

ବସନ୍ତୋତ୍ସବ

— ୧ —

ନବ ଆନନ୍ଦେ ଧରଣୀ ଆଜ ତ ମଗ୍ନରେ
ବସନ୍ତ-ଆଟ ବାଟେ ଆସି ଶୁଭ-ଲଗ୍ନରେ ।
ଧରଣୀ-ରମଣୀ ସଜାଇଛୁ ବେଣୀ ପୁଷ୍ପରେ,
ଅଲକ୍ତା-ରେଖା ସେ ପଦେ ବରଚଛୁ ପୁଷ୍ପରେ ।
ସିନ୍ଦୁର ରାକା-ଇନ୍ଦୁ ସମ ତା ମସ୍ତକେ
କିଂଶୁକ-ଫୁଲେ କରାଇଲା ଦେଖ ନ୍ୟସ୍ତ କେ ।
ପରିଚୟ ଆଉ ପରିଣୟ ହେବ ଏ କ୍ଷଣେ
କ୍ଷିତି-ଦେହ ଶୀତ୍‌କାର କରେ ପ୍ରୀତି ଲକ୍ଷଣେ ।
ଘାସେ ଘାସେ ଭାସେ ଅକଥିତ ନବ ଶୃଙ୍ଗାର
ଅରୁଣେ ଫୁଟଇ ଅଗଣିତ ପ୍ରୀତି ମନ୍ଦାର ।
ମୂକ-ଭାଷା ବୁକୁ ଫୁଟି ଉଠେ, ଫୁଲେ ପଲ୍ଲବେ
ନିବେଦନ ସେହି ବେଦନାବର୍ତ୍ତର ବଲ୍ଲଭେ ।
ମୁଖର କୋକିଳ ଉଲ୍ଲାସେ ଘୋଷେ ଉତ୍ସବ
ଦିଶେ ଦିଶେ ଆଜ ମତ୍ତତାର କି ଉଦ୍ଭବ !

—୨—

କେ ଅଛ କିଶୋର-କିଶୋରୀ ଆସ ଗୋ ପ୍ରାନ୍ତରେ
ତୁମ ଲାଗି ସିନା ମଳୟ ବାହାରେ, ଅନ୍ତରେ ?
ମିଶିବ ନାହିଁ କି ଚୈତ୍ର-ଜୈତ୍ର-ଯାତ୍ରାରେ,
ଭୋଗିବନି ପ୍ରାଣେ ବସନ୍ତ କିଛି ମାତ୍ରାରେ ?
ହାତ ଧରାଧରି, ଗାଅ ହେ ପ୍ରଣୟ-ବନ୍ଦନା,
କିଶୋରୀ-ହୃଦୟ ହୋଇ ଉଠୁ ଘନ-ସ୍ପନ୍ଦନା ।
କୁସୁମପରାଗେ ଉତ୍ସବ ରଚ ଉତ୍ସାହେ
ଭ୍ରୂକ୍ଷେପ ନାହିଁ କର ହେ, କରିବ କୁତ୍ସା ଯେ ।
ଧରଣୀ ତୁମରି, ତୁମରି ମଳୟ-ସଙ୍ଗୀତ
ନିଜ ଅଧିକାର ନେବାକୁ ଥୂଆ ଯେ ଇଙ୍ଗିତ ?
ବସନ୍ତ ଆଜି ଡାକୁଛି ତୁମରେ ପ୍ରାନ୍ତରେ,
ଛିନ୍ନ କର ହେ ଜଞ୍ଜାଳ ନିଜ ଅନ୍ତରେ ।
ମଳୟ ସମାନ ମିଶିଯାଅ ଫୁଲ ସଙ୍ଗରେ,
ଉନ୍ମାଦେ ଜଣ ମଦ୍ୟପ ବନ-ଭୃଙ୍ଗରେ ।
ଦିନକ ଲାଗିରେ ଆମୋଦେ ହଜାଅ ଚିତ୍ତ ହେ,
ବୃଦ୍ଧ-ରୁଗ୍ଣ ଜୀବନେ ସେ ମହା ବିତ୍ତ ହେ ।

ଘନ-ଶର୍ବରୀ

(ଗୁରୁ ଲଘୁ ନିୟମ ପାଳିବାକୁ ହେବ)

ଅମ୍ବୁଦାବୃତ ଅମ୍ବରାଙ୍ଗନ
ଲୁପ୍ତ-ତାରକ-ଯାମିନୀ
ସଘନ ବରଷଣ, ବଜ୍ର ରଣ ରଣ
ନୃତ୍ୟ-ଚଞ୍ଚଳ-ଦାମିନୀ ।
ଭେକ-ମୁଖରିତ ନିଖିଳ ପ୍ରାନ୍ତର
ବିଶ୍ୱ ଘନରସପ୍ଳାବିତ,
ଥରଇ କାନନ ଝରଇ ଶ୍ରାବଣ
ମାର୍ଗ ଭରି ଉଦ ଧାବିତ ।
ଇନ୍ଦ୍ର ଦିଗ୍‌ଗଜ ହସ୍ତ ବ୍ୟାକୁଳ
ପବନ ବହଇ ବତାସିଆ,
ଏ ଘନ ରଜନୀ ଉପରି ବଞ୍ଚଇ
ତରଳ-ବୁକୁ ପରବାସିଆ ।
ବିରହି-ତରୁଣର ସୁପ୍ତି କରତଇ
ଶୟନ ବିଷ ପରି ଲାଗଇ,
ମାନସିଂହର ନିବିଡ଼ ଅନ୍ତରେ
ପ୍ରଣୟ ଛଳ ଛଳ ଜାଗଇ ।

ବାପୁଜୀ

—୧—

ମସ୍ତକେ ମୋର ନିତ୍ୟ ପଡ଼ୁ ହେ
ବାପୁଜୀ, ତମର ଚରଣ ଧୂଳି
ଧନ୍ୟ ହେବ ଏ କ୍ଳାନ୍ତ ଅଙ୍ଗ,
ପୁଣ୍ୟେ ଯିବ ମୋ ପରାଣ ପୂରି ।
ଦେହ ଖାଲି ଯାର ସତ୍ୟ, ପୁଣ୍ୟ,
କରୁଣା, ମୈତ୍ରୀ, ସାଧନା ବହେ
ତାର ପଦରେଣୁ କେବଳ ପଥର
ହୀନ ମୃତ୍ତିକା ନୁହେଁ ତ ନୁହେଁ ।
ସେହିରେଣୁ ପରଶେ ବକ୍ଷେ ମୋହର
ସତ୍ୟ-କୁସୁମ ଉଠିବ ଫୁଟି
ଯୁଗଯୁଗାନ୍ତ ଭ୍ରାନ୍ତ ଚିତ୍ତୁ
ମୋହର ପଲକେ ଯିବ ହେ ତୁଟି ।

ଇତିହାସେ ଯେତୁ ଜୈତ୍ର କେତନ
ଉଡ଼ାଇଲେ ନର-ରକ୍ତ ଢ଼ାଳ
ଆଜ ଅହିଂସ ତମର ବଜ୍ରେ
ହୃଦୟ ତାଙ୍କ ହୋଇବ ପାର ।

ତମ-ରଣଭୂମେ ନାହିଁ ଉଠେ କାହିଁ
କ୍ରନ୍ଦନ କୋଟି ଅବଳାମୁଖେ
ତଥାପି ହେ ବୀର ସମର ଜିଣିଛ;
ମୈତ୍ରୀ ଫୁଟାଇ ବଇରୀ-ବୁକେ ।

ବାର ବାର କରି ଜିଣିଲ ଯୁଦ୍ଧ,
ହାରିଲେ ସକଳ ଶତ୍ରୁ ତବ
ନଗ୍ନ କ୍ଷୁଦ୍ର ତପସ୍ୱି ହେ,
ଇତିହାସେ ପରା ଏ ଅଭିନବ ।

—୨—

ଦେଶେ ଦେଶେ ଯେତେ ଲାଞ୍ଛିତ ପଦ-
ଦଳିତ, ମଳିନ, ଅପମାନିତ
ତମ ଯୋଗୁଁ ବହୁ ଯୁଗ ପରେ ହେଲା
ମହତ ତାଙ୍କ ଉତ୍ତୋଳିତ ।

ଆପଣା ଆଲୋକେ ଆଲୋକିତ ଆଜ,
ଥିଲେ ଯେତୁ ଚିର ଅନ୍ଧକାରେ
ଯୁଗ ଯୁଗ କ୍ଷତ ବୁକେ ଦେଲ ତମେ
ସାହସ, ରୋଧନେ ଅତ୍ୟାଚାରେ ।

ନରଦେହ ହୀନ ମୃତ୍ତିକା ନୁହେଁ,
ନାରାୟଣ ତାର ଜୀବନ-ରସ
ମହା-ଚେତନାର ଅଂଶ ସେ ଏକ,
ବିକାଶ ପାଇଁକି ଶରୀର-ବଶ ।

ଖୋଲିଲେ କପାଟ ଉଠିବେ ଦେବତା,
ପରାଣ ଉଠିବ ପୁଣ୍ୟେ ପୂରି
ଅ-ମୃତ ସେତୁ, ଚିହ୍ନି ନଜରେ
ନ ଡରିବ କାର କମାଣ ଗୁଳି ।

ଏ ତତ୍ତ୍ୱ ଆଜ ଜଗତେ ବାପୁଜି,
ଶିଖାଇଲ ପୁଣି ନୂତନ କରି
ନତ-ଦଳିତର ଅନ୍ତରେ ଆଜ
ନୂତନ ଜୀବନ ଉଠଇ ଥରି ।

— ୩ —

ଯେ କଥା ଶୁଣାଅ ପୟଗମ୍ବର
ସେ ଯେ ମନାତନ ନତ୍ୟ ବାଣୀ
ମହାକାଳ ଭାଲେ ମାନବ ପାଇଁକି
ବିଧାତା ରଖିଛି ସେ ବାଣୀ ହାଣି ।

ଧରା-ମାଟି ଲୋଭେ ନର ଭୁଲିଯାଏ
ନତ୍ୟ କାଳର ସତ୍ୟ କଥା
ଯୁଗେ ଯୁଗେ ତେଣୁ ବୁଦ୍ଧ, ରସୁଲ୍
ଆସି ଓଠ ଧରି ଉଠାଏ ମଥା ।

ବୁଦ୍ଧ, ଖ୍ରୀଷ୍ଟ, କୃଷ୍ଣ, ନମାଇ
ଯୁଗେ ଯୁଗେ ଦେଲେ ଯାଚି ଯେ ଦାନ
ସେଇ ବିତରଣ ପାଇଁ ତ ହେ ଯୋଗି
ତମ ଜୀବନର ଏ ଅଭିଯାନ ।

ମୁକ୍ତ ପୁରୁଷ ବଦ୍ଧ ପାଇଁକି
ଲୁହା କାରାଗାରେ ବନ୍ଦୀ ହେଲ
ଲାଞ୍ଛିତ ପାଇଁ କୋମଳ ଅଙ୍ଗେ
ହସି ହସି ପଦ-ଆଘାତ ନେଲ ।

ସତ୍ୟ ଯେ କହେ ମୂର୍ଖେ ତାହାରେ
କ୍ରୁଶରେ ଚଢ଼ାଇ ମାରିବେ ଠେଲି
ନୂତନ-ଖ୍ରୀଷ୍ଟ, ବାର ବାର କରି
ତମରି ଜୀବନେ ତାଇ ତ ହେଲି !

ବ୍ରାହ୍ମଣ ତମେ, ଉପବୀତ ତବ
ଅସ୍ପୃତ ପ୍ରାଣର ଗହନ ବ୍ୟଥା
ପୁରୁଷୋତ୍ତମ, ଜୀବନ ତମରି
ଭରତ ଜାତିର ମରମ-କଥା ।

ଜୀବନ ପୋଡ଼ିଲ ବର୍ତ୍ତି ପରି ଋଷି,
ନେବାକୁ ଆମରି ଅନ୍ଧକାର,
କଠୋର ତପସେ ଜୀବନ କ୍ଷୟିଛ
ଦେବାକୁ ଧରାରେ ଗଙ୍ଗା-ଧାର ।

ଆଜ ଭଗୀରଥ, ତପସ୍ୟା ତବ
ଏତେ ଦିନ ପରେ ଧରିଛି ଫଳ
ପୂତ ଉର୍ବର ହେଉଅଛି ମାଟି
ଯହିଁ ଛୁଏଁ ତବ ଜୀବନ-ଜଳ ।

ମସ୍ତକେ ମୋର ପଡ଼ୁ ହେ ବାପୁଜି,
ତମର ଚରଣ-ସଲିଳ-କଣ
ଧନ୍ୟ ହେବ ଏ କ୍ଲାନ୍ତ ଅଙ୍ଗ,
ପୁଣ୍ୟ ହୋଇ ପରାଣ, ମନ ।

ଗାନ୍ଧିଜୀ

ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ,
ଅହରହ ସେ ଗୋ ଭାବୁଥାଏ ପରପାଇଁ ।

ଦୁଇହାତେ ଏକ କରିଲ ସେ ଆଜ ବ୍ରାହ୍ମଣ, ପାରିଆ
ନିଷ୍ପାପ ତାର ଶୋଣିତ-ବିନ୍ଦୁ, ଅହିଂସ ତାର ହିଆ ।
ଅଞ୍ଜଳି ଭରି ବିଷ ପାନ କଲ, ଧରାର ଦଳିତ ପାଇଁ
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

କ୍ଷୀଣ ଜୀବ ସେ ତ, ଡରିଲ ନାହିଁ ସେ
କମାଣେ କି କଣ୍ଟୁଆଳେ,
ଶତ୍ରୁରେ ଦିଏ ନିଜ ସନ୍ମାନ,
ହସି ପଶେ କାରାଗାରେ ।
ନିଜ ତପେ କରେ ଶତ-ଶତ-ଯୁଗ
ଅନ୍ୟାୟ ଧ୍ୱଂସଶାୟୀ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଆସିଛି ସେ ଆଜ, ହିଂସା, ରକ୍ତ
କରୁଣାରେ ଦେବ ଧୋଇ,
ପର ପାଇଁ ଯେତେ ଜଞ୍ଜାଳ ନିଜ
ସମସ୍ତ ନିଏ ବୋହି;
ପରର ମୁକ୍ତି ପାଇଁ ସନ୍ନ୍ୟାସୀ,
ସୁଖ ତା ଜୀବନେ କାହିଁ ?
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଦେବତା ଆତ୍ମା ବନ୍ଦେ ସେ ତାହାର
କ୍ଷୀଣ ମାଟି ଅବୟବେ,
ପଦ୍ମ-ବିକାଶ ତେଣୁ ସିନା ତାର
ଚଲି-ପଥେ ସମ୍ଭବେ ?
ବୁଦ୍ଧ, ଖ୍ରୀଷ୍ଟ ଏକା ସେ କରିଲ,
ଘାତକକୁ କଲା ଭାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ସେ ପଥେ ଯାଏ ସେ, ସେ ପଥେ କରଇ
କରୁଣା-କୁସୁମ ବୃଷ୍ଟି
ବ୍ୟଭିଚାର, ପାପ, ଅନାଚାରୁଁ ସେ ଗୋ
କରେ ସତ୍ୟର ସୃଷ୍ଟି,
ସମାଜରେ ନୂଆ କଳେବର ଦିଏ,
ତୁଳନା ତାହାର କାହିଁ ?
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଶିଶୁ, ନର, ନାରୀ   ପାଗଳ ତୋ ପାଇଁ
କାରାଗାର ନେଲେ ବର
ରୁକ୍ଷ ପଥରେ,   କଟିଲେ ଯାହା ।
ଖଦଡ଼ ପରିହର,
କମାଣେ ଭେଟିଲେ   ବାଶ୍ରିଷିକା ଯାଁକୁ
ଥିଲ୍ କଣ୍ଟୁଆଳ ଛାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଯାହା ସେ କରଇ   କରେ ନିବେଦନ
ଭଗବାନ-ପାଦତଳେ
ମଥା ଖାଲି ନତ   ହୋଇ ଆସେ ତାର
ଗଭୀର ନମସ୍କାରେ,
ଧନ୍ୟ ତେଣୁ ଏ   କବିର ଲେଖନୀ
ମହିମା ତାହାର ଗାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ପଲ୍ଲିସନ୍ଧ୍ୟା

— ୧ —

ଗରଆ ଧରି ହାତେ,
ସନ୍ଧ୍ୟା ହେଲା ବୋଲି
ତରୁଣୀ ଘାଟେ ଚଳେ
ତୁରିତେ ପଦ ପଡ଼େ ।

ଚପଳ ପଦ-ପାତେ,
ମାନେ ନା ତରୁଣୀ ସେ
ଅଧୀରେ ବାଜେ ବଳା
ସନ୍ଧ୍ୟା ହେଲା ପରା !

କନକ-ରବି କରେ
ସରମେ ଗୃଲେ ନାରୀ
ବଦନ ହସେ ଝଳ
ନୟନ ନତ କରି ।

ଓଢ଼ଣା କେଶୁଁ ଖସି
ସୁନାର ନୋଥ, ନାକେ
ଚରମେ ଅଛି ପଡ଼ି
ବେଳେକେ ଉଠେ ଥରି ।

ସନ୍ଧ୍ୟା ହେଲା ଅବା
ଚକିତେ ଦେଖେ ପଥେ
ବୋଲି ସେ ହଏ ଗୃହିଁ
ପୁରୁଷ ଅଛି କାହିଁ !

ସରମେ ମାଥେ ଆଣେ   ଓଢ଼ଣା ଟାଣି ପୁଣି
ରସାଳ-ଡାଳେ କାଚ   ବାଜଇ ରୁଣଝୁଣି ।

ଢାଳର ଗରା କାଖେ   ଯତନେ ରଖି ନାରୀ
ଗଣ୍ଡକ ଖର କରେ,   ଆଣିବ ବୋଲି ବାରି ।

ଭେଟିଲା ପଥେ ଏବେ   ମିତଣୀ ଦଳ ଛାଡ଼ି
ଶିଥିଳ ଗତି, ଧରି   କାଖରେ ବାରି-ଘର ।

କାଖରେ ବାରି ଧରି   ଶସ୍ୟର ପଡ଼େ ନଇଁ
ମୁଖର ପଥ ସାରା   ସକଳେ କଥା କହି ।

ଭାଷେ ସେ 'ଆଲୋ ଅପା,   ଡାକିଲୁ ନାହିଁ ମତେ
ସାଥୀ ମୁଁ ବୋଲି କାରେ   ଡାକିବ ଏ ଜଗତେ ?'

ରମଣୀ ଦଳୁଁ ଅପା   କହିଲା 'ଶୁଣ ନେତ
ଡାକିଲି କେତେ ତତେ   ନ ହେଲୁ କାହୁଁ ଭେଟ ।'

ଶୁଣି ସେ ନ ଶୁଣିଲା   ଚଳିଲା ଘରେ ନାରୀ
ସନ୍ଧ୍ୟା ହେଲା ପରା   ଆଣିବ ବୋଲି ବାରି ।

—୨—

କ୍ଲାନ୍ତ ପଦ ଚଳି   ପଗଡ଼ି ଭିଡ଼ି ଶିରେ
ସ୍କନ୍ଧେ ହଳ ଥୋଇ   କୃଷକ ଫେରେ ଧୀରେ ।

ଆଗରେ ଚାଲେ ଧୀରେ   ବଳଦ ଦୁଇ ଭାଇ
ଗଣ୍ଡକୁ ଖର କରେ   ସୃଷ୍ଟି ମୃଦୁ ସ୍ୱର ।

କୃଷକ ପଛେ ଆସେ
ହମ୍ବା-ରଢ଼ ଘନ,
ବାହୁଡ଼ା ଗୋରୁ ପଲ
କମ୍ପେ ଗ୍ରାମ-ତଳ ।

ଉଡ଼ଇ ଘନ ଧୂଳି
ଗୋପାଳ ଶିଶୁ ଗାଏ
ଶତ ସେ ଖୁର-ଘାତେ
ଗୀତ ତା ସାଥୀ ସାଥେ ।

ଦାଣ୍ଡେ ଖେଳେ ଶିଶୁ
ଗୃହୀ-ଗୃହିଣୀ ସାଜି
ଧୂଳିର ଘର କାଟି
ପସରା ଥିଲେ ପାତି,

'ଆସିଲେ ଗୋରୁ' ବୋଲି
ପଳାଇଗଲେ ଘରେ
ଧୂଳିର ଘର ଗୁଡ଼ି
ସେ ଯାହା ପଥ ମାଡ଼ି ।

—୩—

ସନ୍ଧ୍ୟା ହେଲା ଏବେ
କନକ ରବି-ରେଖା
ପୋଖରୀ ନୀଳ ଜଳେ
ଲହରୀ ପରେ ଥରେ ।

ପୋଖରୀ-ହୁଡ଼ା ପରେ
ଲକ୍ଷ ବହଗର
ବରଟ ବଟ ଚୂଡ଼ା
ଲାଗିଛି ଶେଷ କ୍ରୀଡ଼ା ।

ଦୂରରୁ ଆସେ କେତୁ,
ଉଡ଼େ କେ ଆକାଶରେ
ବସି କେ ଝାଡ଼େ ପଖି
ବସାରେ ଆଖି ରଖି ।

ଗଛର କୋଳାହଳ
ଯୋଗାଡ଼, ହେବ କେମନ୍ତେ
ସାଥୀରେ ଡାକ ହାକ
ଶୟନ ରାତ ଯାକ ।

ସେ ବଟ-ତଳ-ଘାଟେ
ଚଳିଲା ନିଜ ପଥେ
ବାଳିକା ନଏ ପାଣି
ଓଢ଼ଣା ଦେଇ ଟାଣି ।

ବାଳକ ଦୂରେ ଏକ
ବାଣ୍ଟୁଳି ମାରେ ଲକ୍ଷି
ବାଜଲା କାହିଁ ଢୋଲ
ଆକାଶେ ରଖି ଆଖି ।

— ୪ —

ସନ୍ଧ୍ୟା ହେଲା ଏବେ
ବଟ ବରଗଛ ଘୁମ୍ପା
ସୁଦୂର ବଳ ମାନେ
ବଢ଼ାଇଦେଲେ...

ପୋଖରୀ ନୀଳ ଜଳେ
ଚନ୍ଦ୍ର ମୁଦ ଆସେ
କୁମୁଦ ଫୁଟି ଉଠେ
ସଧୀରେ ତାର ପାଶେ ।

କମଳ-ଦଳ ପରେ
ଗଳଇ ଖଞ୍ଜନ,
ପ୍ରିୟାରେ ଧରି ସାଥେ
ସାଉଁଟି ଚା ଭୋଜନ ।

ସରସୀ ଜଳ ତେଜ
କନକ ରବି-ରେଖା
ସୁଦୂର ନଭେ ଉଠି
ଦେଲଣି ଶେଷ-ଦେଖା ।

ପଥିକ ଗୃହ ଆସେ
ସନ୍ଧ୍ୟା ହେଲା ବୋଲି
ମଥାର ଗୁରୁ ଭାର
ମଥାରୁ କରେ ତୋଳି ।

ଶୁଭଇ ଗ୍ରାମ ପଥେ
ଚଳ-ଶକଟ ଗତ
ସନ୍ଧ୍ୟା ହେଲା ବୋଲି
ଚଳଇ ଗ୍ରାମପ୍ରନ୍ତ ।

— ୫ —

ସନ୍ଧ୍ୟା ହେଲା ଏବେ
ଆକାଶ-ଅଗଣାରେ
ଲାଗିଲେ ଦେବ-ବାଳା
ପ୍ରଦୀପ ଜାଳିବାରେ ।

ରଜନୀ-ନାରୀ ଏବେ
ଆସିଲା କଳା ଚାର
ଆକାଶ-ତଳ ମାଡ଼ି
ବସନ ପଥେ ପାରି ।

ସନ୍ଧ୍ୟା ଦୀପ ଜାଳି
ଯାଚନା ଘରେ ଘରେ
ଧରଣୀ ତୁଳସୀରେ
କଲେଣି ନତ ଶିରେ ।

ଗ୍ରାମର ଶେଷେ ବାଜେ
ଶଙ୍ଖ-ଘଣ୍ଟା, ଶୁଣେ
ଦେଉଳେ ଆରତିର
ଭକ୍ତ ନୋଇଁ ଶିର ।

ନୀରବ ହୋଇ ଆସେ
ବଟୁଆ ମେଳ ଖୁଷୀ
କ୍ରମଶଃ ଗ୍ରାମ-ଘର
ନିଏ ତା ଅବସର ।

ମଳନ-ଆଲୋକିତ
‘ଭଣଇ ଜଗନ୍ନାଥ’—
ଝ’ଗଡ଼-ଘରୁ ଆସେ
ଶୋରତା ନାହିଁ ପାଶେ !

ହଳଦୀ-ଲେପେ ତର
ଝିଲୁଆ ଡାକ ଦେଲା
ଶିଶୁ ରୋଦଇ କାହିଁ
ରଜନୀ ହେଲା ଭାଇ ।

ବର୍ଷା-ସନ୍ଧ୍ୟା

—୧—

ମାଠିଆ ଧରି ଆସ ସଜନି,
ଆସିବ ଘନଘୋର ରଜନୀ
ଚନ୍ଦ୍ର ଯେ ନାହିଁ ଆଜ ଆକାଶେ,
ବୁଝି କି ନାହିଁ ଚନ୍ଦ୍ର-ବଦନ ?
ଶୁଣୁଛ ନଈ ଆଜ ବଢ଼ିଛି
ବୁଡ଼ୁଛି ଗାଆଁ ଘାଟ-ପଥର
କୂଳରୁ କୂଳ ପୂରି ବହଇ
ଭସାଇ ଜୀବ, ଗଛ ପଥର ।
କେସନେ ଯିବା କହ ନଈକି
କଳା ଯେ ମେଘ ଘୋଟି ଆସଇ,
ବାଟ ତ ଜଳେ ବୁଡ଼ି ରହିଛି
ପଦକେ ପଦ ମୋର ଖସଇ,

ମାଠିଆ ଧରି ବେଗେ ଆସ ଗୋ,
ନ ବୁଡ଼ୁଁ ବେଳ ପିବା ପାଣିକି
କବାଟ ଦେବା ମୁଦ ନବଙ୍ଗେ
ଭବନେ ପାଣି ସଖି, ଆଣିକି ।

— ୨ —

ବାଟରେ ନୀପ ଅଛି ଫୁଟି ଗୋ
ସୁବାସ ଢଏ ନାକ ବଥାଇ
ତା ମୂଳେ ହେଲେ ଠିଆ, ମିତଣି,
ମନରେ ଆସେ କେତେ କଥାହିଁ ।

ତା ମୂଳେ ହୋଇ ଉଭା ରାଧା ମୁଁ
ଖୋଜଇ ପ୍ରିୟ କଳା-କିଶୋର
କାନକୁ ଡେରି ରହେ କାଳେ କା
ବାଜିବ ବଂଶୀ ପ୍ରାଣ-ଚୋରର ।

କଦମ୍ବ-ବାସ ଖାଲି ପୂରଇ
ହୃଦୟେ, ପ୍ରାଣ ମୋର ବଥାଇ
ଚୋରର ଆସେ ନାହିଁ ପାଶେ ଗୋ
ମନରେ ରହେ ମନ କଥାହିଁ !

କଦମ୍ବଫୁଲ ତୋଳି ଆଣି, ମୁଁ
କାନରେ ଦେବି ମାଳି ଝୁମର
ଯତନେ କେଶେ ରଖି କହୁଛି,
ଧାଇଁବ ପ୍ରିୟ-ମନ-ଭ୍ରମର ।

—୩—

ଉତ୍ତୁର ହେଲା ଆଜ ଶୁଣ ଗୋ
ମୟୂର ଅଗଣାରେ ନଚ୍ଚଇ
ନାଚଲା ନାହିଁ ପରା, ଯେତେ ଗୋ
କଜ୍ଜଳ କାଟେ ଚାଳ ପକାଇ ।

ମୟୂର ଚାର ଫେଶ ନ ଥିଲା
ରସିକବର ଥିଲା ଢମନ
ପିଞ୍ଜରେ ଥିରେ ଠିଆ ରହିଲା
ମଉନେ ଭାଳି ଭାଳି କା ମନ ।

ଏକାଳେ ସାନ ବୋହୂ ଆସିଲା—
ନତମ୍ବେ ଲମ୍ବେ ଓଡା ଚକୁର,
କଜଳ-କଳା, ଅତ ଚକ୍କଣ;
ଚରମେ ଦୋଳେ, ବାସେ ଆକୁଳ ।

ମୟୂରେ ପଛ କର ହୋଇଲା
ଉଭା ସେ ମେଘକେଶୀ ଷୋଡ଼ଶୀ
ମେଘ ବୋଲି କା କେଶେ ଭାବଲା
ନାଚଲା କେକା ମାନ ବରଜ ।

ଚନ୍ଦ୍ରକା ଟେକ କେକା ନାଚଲା,
ହସିଲେ ମାଉ ଚାଳ ସରବେ
ହିଂସା ହୋଇଲା ମୋର ମିତଣି !
ମୋ ସାନବୋହୂ କେଶ ଗରବେ !

ସେ ନାଟ ଦେଖୁ ଦେଖୁ ହୋଇଲା
ଉଚ୍ଛୁର ଆଜ ସଖି ! ଏତେ ଗୋ
ଧାଇଁଛି ପାଣିକି ମୁଁ କେ କହୁଁ
'ବେଳ ବୁଡ଼ିଲା' ବୋଲି ମୋତେ ଗୋ !

— ୪ —

ବାଟରେ ଶ୍ୟାମ-ଘାସେ ସାଧବ-
ପୋକ ହୁଅଇ ମଣିଚୂନା ଗୋ ।
ଆସ ମିତଣି ! ଗୁରୁ ଚରଣ-
ରାଗେ ତା ଶୋଭା କର ଚୂନା ଗୋ ।

ପୁନ୍ନାଗ ଫୁଟିଅଛି; ପଥ ଗୋ
ଆକୁଳ ଘନ ତାର ସୁବାସେ
ନଦୀ-ବାହୁଡ଼ା ଭରି କଳସୀ
ସେ ଫୁଲେ, ଫେରିବା ଗୋ ଆବାସେ ।

ଶିରୀଷ ଫୁଲ ଆଜ ଫୁଟିଛି
ତୋଠ ନିକଟେ ତୋଟା ବାଡ଼ରେ
ମାଳତୀ ପୁଣି ସେହି ବାଡ଼େ ଗୋ
ବାସ ବିଞ୍ଚୁଛି ଗୃହଆଡ଼ରେ ।

ତମ ସାଥିରେ ସଖି, 'ଶିରୀଷ'—
ବସନ୍ତ, ହେଉଅଛି ମୋ ମନ
ଝଟେ ତୋଳି ମୁଁ ଦେବି ପିନ୍ଧାଇ
ଓର କି 'ଘର'-ଅଟା ବଚନ ?

—୫—

ବରଷା ଆସିଲା ଯେ ମାଡ଼ ଗୋ
ଯିବା କେମନେ କହ ନଈକୂ
କଥାଗପୁଁ ଯେ ବେଳ ସଇଲା
ଶାଶୁରେ ବୋଧି କବା କହିବ ?
ଦେଖୁଛୁ ବାଡ଼ ତାଳ-ବାହୁଙ୍ଗା
ଯାଉଛନ୍ତି ନଇଁ ବେତସର ଗୋ
ଘରକୁ ଚାଲ ବେଗେ ଘରକୁ
ଶୀତରେ ଯାଏ ଦେହ ଥର ଗୋ ।
ଅନ୍ଧାର ହୋଇ ଆସେ ଧରଣୀ
କଜଳା-ମେଘ ଆସେ ଉହାଳ,
ଦୂର କାନନ ଘେରି ଆସଇ
ବାଆ ବରଷା ଘନ ଗହଳ ।
ଭିତରେ ଯାଅ ସଖି, ଆଜକ
ଯିବା ନ ହେବ ନଈଘାଟେ ଗୋ
ବକଲେ ବକୁ ପଛେ ଶାଶୁ-ମା
ପୋଲଙ୍ଗ ଫୁଟୁ ପଛେ ବାଟେ ଗୋ !



ଭଣ୍ଟ ଭାଚ

— ୧ —

ପ୍ରଥମେ ଯେବେ କଲେଜ ଧରିବାକୁ
ଆସିଲି କଟକ
କହିଲେ ଅପା ହାତରୁ କାଚ କାଢ଼ି
'ନଏ ଏ ପଟକ' ।
କହିଲି ମୁହିଁ, "ଏ କିସ ନୂଆ କଥା,
ଦେଉଛୁ କପାଁ ମତେ
କଲେଜ ଯିବି ସାଥିରେ ନେଇ ପୁଣି
ମାଇପି କାଚ ପଟେ ?
କହିବେ ପିଲେ ଗାଈଁଲିଟାଏ ପରି
ଆସିଛୁ ପଢ଼ିବାକୁ;
ଟିକକେ ମୋର ଯିବ ଯେ ଭଦ୍ରତା,
ଦେଖିବେ ଯଥା ଯାକୁ ।"

କହିଲା ଅପା, "କିଏ ବା କିଆଁ କହ
ଦେଖିବ ମୋର କାଚ
ଲଗାଇ ଯ୍ଲାକୁ କଶବୁ କରେ ଭୁକ୍ତ
ପିଲଙ୍କ ଆଗେ ନାଚ ?
ଟ୍ରଙ୍କରେ କ ଥାଉବୁ ନାହିଁ ଭୁକ୍ତ
ଯ୍ଲାକୁରେ ଲୁଗ୍ଗଭ
ସାଧିଲୁ ଏତେ ବଡ଼ୟା କିଆଁ ଭନ୍ତ
ଏ ଠିକ ବୁଦ୍ଧି ନାହିଁ !"
ନକର ପନ୍ଥୁଁ ବୁଦ୍ଧି ଝଡ଼ା ହେଲା
ଲାଗିଲା ମନେ ରାଗ
କହିଲା ଠାଣେ, "କାଚୁଟା ଦେବୁ କିଆଁ
ସେ କଥା କହ ଆଗ ।"
କହିଲା ଅପା, "ମୂଲରୁ ଭୁ ତ ନାହିଁ—
କରୁଛୁ ଏକା ନାହିଁ—
କେମିତି ତତେ କହିବ କହ କାଚ
ଦେଉଛୁ କାହିଁ ପାଇଁ ?"
କୋମଳ ତାର ବଚନ ତହୁଁ ଅପା
କୋମଳତର କରି
କହିଲା ତାର ହାତର କାଚ କିଆଁ
କଠକ ଯିବ ଚଲି ।
କହିଲା ଅପା, "କଠକ ଯିବୁ ପରା
କରିବୁ ରୋଜଗାର
ମୋ ପାଇଁ କିଛୁ ଆଣିବୁ ନାହିଁ କରେ
କଠକୀ ଅଳଙ୍କାର ?

କେତେ ସେ କଥା ଜାଣନ୍ତି ମୁହିଁ ଶୁଣେ
କଟକ୍କା ମାଇକନା
ସବୁରି ଘରେ ରୁପାର ଦରପଣ
ରୁପାର ଛେଲଗିନା ।
ସବୁରି ହାତେ ରୁଣୁ ଝୁଣୁ ରୁଣୁ
ଦୋଳଇ ସୁନା କାଚ
ବଙ୍ଗାଳୁଣୀ ଫେସନ ପରା ସବୁ
ବଙ୍ଗାଳୁଣୀ ଢାଁଚ ?
ଦେଖିବୁ ତୁ ତ କହିବ କସ ମୁହିଁ
ଗାଆଁରେ ଥିବା ଜନ
ଗୋଟିଏ କଥା କହୁଛି ଖାଲ ମୁଁ ରେ
ରଖିବୁ ମୋର ଧନ —
କଣ୍ଠ କାଚ ଦେଲ ମୁଁ ତତେ ଏହି
ହାତରୁ ମୋର କାଢ଼ି
ଦ ଦ ପଟ ସୁନାର କାଚ ଦେଖି
ଆଣିବୁ ପଟ ଘୃର ।"
କହିଲ ଅପା ହୃଦୟ କଥା ତାର
ଏକଇ ନିଶ୍ୱାସେ
ଥିରଟି ହୋଇ ଶୁଣିଲ ଭାଇ ମନେ—
ହସି ତା ବିଶ୍ୱାସେ ।
ବିଦ୍ୟା ଛଡ଼ା କଟକ କଲେଜରେ
ନାହିଁ ଯେ ରୋଜଗାର
ସେ କଥା ତାରେ କହି ନ ହୁଙ୍ଗିଲ
ସ୍ୱର୍ଣ୍ଣ-ଆଶା ତାର ।

ନଜର ପୁଣି ରହିବ ଗଜରବ
ତାହାର ଆଖି ଆଗେ
'ଆଚ୍ଛା ଆଣ, ଦେଖିବ' ବୋଲି କାଚ
ଧଇଲି ଅନୁରାଗେ ।

— ୨ —

ଜାଣିବ କପାଁ ସରଳା ଅପା ମୋର
କଲେଜ-ପଢ଼ା କସ ?
ଖାଇବାଠାରୁ ଖେଳିବାଯାଏ ସବୁ
କଥାରେ ପଡ଼େ ଫିସ ।
ତା ପରେ ଅଛି କଟକ ନଗର ତ,
ପଇସା ନିଏ ଠାଣି
ପୀରତି ସାଥୀ ଅଛି ତ ଆହୁରି ଯେ
କିଣିବା ମନ ଜାଣି ।
ସର୍କାରଙ୍କ ବୃତ୍ତିକି ମିଶାଇ
ଟଙ୍କା ଅଣ୍ଟେ ନାହିଁ
ସୁନାର କାଚ କିଣିବ କେମନ୍ତେ କହ
ପ୍ରାଣର ଅପା ପାଇଁ ?
କଟକ ପଥେ ସ୍ୱର୍ଣ୍ଣ କଣାଢ଼କା
ଦେଖଇ ଆଖି ନିତି
ଅପାର କଥା ପଡ଼ଇ ମନେ ମୋର
ପରାଣ ହୁଏ ପିଟି ।

— ୩ —

ଗ୍ରୀଷ୍ମ ଛୁଟି—ଘରକୁ ଗଲି ଫେରି
ଅପାର ବଡ଼ ସୁଖ
ଦେଖିଲେ ମୋର ଚନ୍ଦ୍ରମୁଖ ପୁଣି
ପାସୋରେ ସେତୁ ଦୁଃଖ ।
ଖାଇଲା ବେଳେ ବିଚଣା ଧରି ଅପା
କହିଲା ଧୀରେ ଧୀରେ,
"କହିଥିଲ ଯା ଗଲାବେଳେ ମୁଁ ତତେ
ମନରେ ଥିଲାଟି ରେ ?"
ମୁହଁକୁ ପୋଛି ସରମେ ଅନ୍ୟ-ପାଲେ
କହିଲି ସାନ ଭାଇ,
"ଟଙ୍କା ପଚ୍ ପାଇଲି ନାହିଁ ମତେ
କାଚ ମୁଁ ଆଣି ନାହିଁ ।"
ଭାଙ୍ଗିଲାକ ଭରସା ତେବେ ହେଲେ
ସାନ ଏ ଭାଇ ପରେ
କହିଲା, "ତେବେ ଆଣିବୁ ତୁରେ ମତେ
ଆସିଲେ ଆଉ ଥରେ ।"

— ୪ —

ବର୍ଷକରେ ଭିନଟା ଛୁଟି ହେଲି
ଗଲି ମୁଁ ତିନ ଥର
ହେଲା ଯେ ନାହିଁ କନକ-କାଚ କିଣା
ଏ ଚିର ଦରିଦ୍ରର ।

ଛନ ଥରରେ ବୁଝିଲି ପରା ଅପା
ମୋହର ଦରିଦ୍ରତା
ଚାରି ଥରକୁ କହିଲି ନାହିଁ ଆଉ
କନକ-କାଚ କଥା ।
ଛାପରେ ଏବେ ଗଲାଣି ବନ୍ଧ ଧୀରେ
ବରଷ ଗୋଟି ଚାରି
ବିଦାୟୁ ମତେ ଦେଲି ସେ କେତେ ଥର
ନୟନୁଁ ଲୁହ ଢାଳି ।
କେବେ ସେ ମତେ କହିଲା ନାହିଁ ଆଜି
କନକ-କାଚ କଥା
ରହିଲି ତୁମ ମରମେ ଜାଣି ଅପା
ମୋହରି ଦରିଦ୍ରତା ।

—————

କଲେଜ ଛାଡ଼ି ଯିବାର ବେଳ ଏବେ
ଜୀବନ-ଯୁଦ୍ଧପାଇଁ
ବିଦ୍ୟାବଳେ ପାରିବି ଯଦି କାହିଁ
ଦାରିଦ୍ର୍ୟ ଘୁଞ୍ଚାଇ ।
ସଜାଡ଼ୁ ମୋର ଟ୍ରଙ୍କ ଲୁଗାପଟା
ପଡ଼ିଲା ଆଜି ଆଗେ
'କଣ୍ଟ-କାଚ'—ଦେଇଥିଲ ଯା ଅପା
ସେଦିନ ଅନୁରାଗେ

ଦରିଦ୍ର ମୁଁ ଧରିଲି କାଚ ଗୋଟି
ବାକ୍ସ ତଳୁ ତୋଳି
ନୟନ-ଜଳ ଅଙ୍ଗେ ତାର ଢାଳି
ବକ୍ଷେ ଦେଲି ବୋଳି ।
ଜୀବନେ ତାର ଗୋଟିଏ ଅନୁରୋଧ
ରଖିଲି ନାହିଁ ପାରି
ଅଧମ ମତେ କପାଳିଁ ଦଅ ସେ ଗୋ
ସେନେହ ତାର ଢାଳି ?
ରକ୍ତତାରେ ପରାଣ ଗଲା ପୂରି
ଭାବିଲି ମନେ ମନେ
ଲାଞ୍ଛନା କି ଏଥୁ ଗୋ ବଳି ଥାଏ
ଦରିଦ୍ର ଜୀବନେ ?

ନାପିତୁଣୀର ଗାନ୍ଧିପୂଜା

(ଇଂରାଜୀ 'ହରିଜନ' ପତ୍ରିକାରୁ କଥା ସଂଗୃହୀତ)

—୧—

ଆସିବେ ମହାତ୍ମା ଗାନ୍ଧି ପଣ୍ଡିତଉଢାରେ
ଶୁଣେ ଗ୍ରାମ-ନାପିତୁଣୀ, ତା ଗ୍ରାମଟୋଟାରେ ।
ବାନ୍ଧୁଛନ୍ତି ସ୍ୱେଚ୍ଛାସେବୀ ତାଳପତ୍ର-ବାସ,
ଲାଗିଅଛି ଜନତାର ଦ୍ରୁତ ଯାଆ-ଆସ ।
ଦେଖୁଛନ୍ତି ନବ ଲୀଳା ଗ୍ରାମ ନରନାରୀ
ହେଉଛନ୍ତି କୁହାକୁହି ପଚରାପଚରି —
କି ଦେବେ ଗାନ୍ଧିରେ ଭେଟି; ଦରିଦ୍ର ସକଳେ —
ହେଲେ କି ଦେବତା-ଦେଖା ହେବ ରିକ୍ତ-କରେ ?
ରିକ୍ତ-ହସ୍ତେ କରିବାକୁ ରାଜ-ଦରଶନ
ଦରିଦ୍ର ହେଲେହେଁ ତାଙ୍କ ମାନୁ ନାହିଁ ମନ ।
ଘାନୁଁ ଘାନ ନାପିତୁଣୀ ଭାବେ ମନେ ମନେ
"ମୁଁ କିସ ବନ୍ଧାଣ ନେଇ ? କିଛି ହେଲେ ଆନେ

ଦେଇ ଅର୍ଚ୍ଚିବେ ସେ ପୁଣ୍ୟ ଚରଣଯୁଗଳ
ମୋର ତ ସେ ଲାଗି ନାହିଁ କିଛିହିଁ ସମ୍ବଳ !
ତେବେ କି ଏ ପୂଣ୍ୟ ଦଣ୍ଡ ଯିବ ଖାଲି ଖାଲି !
ଦ୍ୱାରେ ମୋ ବାରୁଣୀ କୁଣ୍ଡ; ପାତକ ପଖାଳି
ପାରିବନି ପାତକମା ? ପତିତ-ପାବନ,
ହେ ଦେବତା, ହେ ମହାତ୍ମା, ହେ ଗାନ୍ଧି-ରାଜନ,
କୋଟି କୋଟି ନରନାରୀ ନମନ୍ତ ପଯୂରେ
ଦରିଦ୍ର ମୁଁ, ନାହିଁ ବୋଲି ଧନ ମୋହ କରେ
ପାରିବନି ବନ୍ଦି ତବ ପରମ ଚରଣ,
ପାଇବନି କିଛି ତବ ପୁଣ୍ୟ-ବିତରଣ ?
ଜୀବନେ କରିନି ପୁଣ୍ୟ, ନିରକ୍ଷର ନାରୀ,
ଆଜ ଏ ବୟସେ, ମାଥେ ବନ୍ଧି ପାପ ଭାରି
ଭାବଇ କରିଲେ ହେଲେ ତୋର ପଦାର୍ଚ୍ଚନ
ହୁଅନ୍ତା ବା କିଛି ହେଲେ ଧର୍ମ ଅରଜନ ।"

—୨—

ପ୍ରଭାତିଲା ବିଭାବରୀ, ପଡ଼ିଲା ଚହଳ
ଗ୍ରାମ – ଉପବନେ ଯହିଁ ଗାନ୍ଧି, ଗାନ୍ଧିଦଳ
ହେଲେ ଆସି ଉପଗତ । ପଡ଼ିଲା ଖବର—
ନାପିତ ନାହିଁ ଏ ଗ୍ରାମେ ? ହୋଇବେ ସଂସ୍କାର
ମହାତ୍ମା ଏ ପ୍ରଭାତରେ ! – ସ୍ୱେଚ୍ଛାସେବିଗଣ
ଧାଇଁଲେ ଚୁରିତେ ଗ୍ରାମେ କରି ଅନ୍ୱେଷଣ ।

ଫେରିଲେ ଯେବେ ସେ ପରେ, ପୂର୍ବ ନାପିତୁଣୀ
ପଚ୍ଛେ ତାଙ୍କ, ଆଖି ଭୂମେ, ମୁଖେ ନାହିଁ ବାଣୀ ।
ସୁସଜ୍ଜିତା ଓଡ଼ିଆଣୀ ଆସୁ-ଅଲଙ୍କାରେ,
ଭଂଜାସୁ ନାୟିକା ଯେହ୍ନେ ଚଳେ ଅଭିସାରେ !
ସ୍ତବ୍ଧ ସର୍ବ ସଭାଜନେ ଗାନ୍ଧି ସ୍ମିତେ ହସେ
ନାପିତୁଣୀ ଆଗମନେ, କୌତୁକ ରଭସେ ।

ଖ୍ରଷନ୍ତ ମହାତ୍ମା ହସି 'ଆଚ୍ଛା ତ ଏ କଥା !'
ନାପିତୁଣୀ ଖୁର ଘଷେ କରୁ ପୋଛି ମଥା ।
ଏକଯୋଗେ ଏକମନେ, ଧୀରେ ଦେଇ ଜଳ,
ମହାତ୍ମା ସହିତେ ସ୍ତବ୍ଧ ସର୍ବ ସଭାସ୍ଥଳ ।

କ୍ରମେ ସେ ପରଖି ଖୁର, ମୁଣ୍ଡେ ଥାପି କର
ନିରକ୍ଷର ଓଡ଼ିଆଣୀ କରିଲା ଉଜ୍ଜ୍ୱଳ ।
ପତିତ-ପାବନ ମହା-ମାନବ ଗାନ୍ଧିରେ

ମସ୍ତକେ ବୁଲାଇ ଅସ୍ତ୍ର; ହସ୍ତ ସେଇ ଧୀରେ
ଦୁଇ ଗଣ୍ଡେ, ଚିବୁକରେ ପରମ ଆଦରେ
ଆଣିଲା ବୁଲାଇ ଖୁର । ଚରଣଯୁଗଳେ
ନମି ପୁଣି ନଖପନ୍ତି କରିଲା ନିର୍ମଳ
ଅତି ଯତ୍ନେ ଦେଇ ତାର ସମଗ୍ର କୌଶଳ ।

ପରିଶେଷେ ଗାନ୍ଧି ତାରେ "ପିନ୍ଧିଛ ଜନନି !
ଏ ଯେଉଁ ଭୂଷଣ-ଭାର କି ଲଭ କହନି—
ହୁଅଇ ଏଥିରେ ତବ !"—ଭାଷଇ ଗଦ୍‌ଗଦ
ନାପିତୁଣୀ ସ୍ନିଗ୍ଧକଣ୍ଠେ, "ମୋହର ସମ୍ପଦ
କାହିଁକି ହେ ମହାଭାଗ, ପାଇବ ଭୂଷଣ ?
ଏସବୁ ଆଣିଛି ମାଗି ତୁମରେ ଦର୍ଶନ

ମାଳୁଣୀ

କୁସୁମ ହାରେ ଗୁନ୍ଥି ଯୁବା ତରୁଣୀ
ବଳା ବଜାଇ ଚଲେ ଧୀରେ ମାଳୁଣୀ,
କରକେ ଧରିଅଛି ଫୁଲ ଗୃଙ୍ଗଡ଼ା
ସେ ଫୁଲେ ଅଛି କେତେ ହୃଦ-ମାଗୁଣି ।
ମୁଣ୍ଡରେ ଝରକାଠି ଖୋସାରେ ଖୋସା
ପାଦରେ ଝୁମ୍ପା ଭରି ଦେଇଛି ଯୋଷା,
ପୃଥୁଳ ବାହୁ ଭରି କୁଟିଛି ଚିତା,
ନୟନେ ଖଞ୍ଜରୀଟ ହୋଇଛି ପୋଷା ।
ନାକକେ ନୋଥ, ନାକଚଣା ଆରକେ,
ଦଣ୍ଡି-ଝଲକା ଓଠେ ବାଜ ଝଲକେ,
ଅଧର ଘନ-ଲାଲ ବଢ଼ିଆ ରାଗ
ଚଳଇ ନାଗ୍ରୀ, ପାନ ଜାକ ଗାଲକେ ।
କପାଳେ କଳା-ଚିତା ପରେ ଟିକଲି
ମହଣ ଦେଇ ଠାଣେ ଦେଇଛି କଳି,
ମହଣ ଦେଇ ପୁଣି କାଢ଼ିଛି ମାଙ୍ଗ
ଖେଳାଇ ତେଜ, କେଶ ଦେଇଛି ଭଙ୍ଗ ।

ବାହୁରେ ତାଡ଼, ଗୋଡ଼େ ପାହୁଡ଼ ବଳା
ସରଣୀ କମ୍ପେ ଯେବେ ଗୃହେ ଅବଳା,
ଧରଣୀ-ନନ୍ଦ ସ୍ପର୍ଶି ଚରଣ-ମୁଦ୍ର
ଶିଖାଇ ତରୁଣୀଙ୍କୁ ଚଳନ-କଳା ।
ନଗର କଣୋଣୀଏ ତା ପଥ ଚାହିଁ
ଗବାକ୍ଷ ତେଜ କାହିଁ ଯାଆନ୍ତି ନାହିଁ,
ଉତ୍ସୁର ହେଲେ ମାନ କାହିଁରେ କବା
ସେ ମାନ ଭଙ୍ଗେ ଗନ୍ଧ ଯତ୍ନେ ସଜାଇ ।
ବର୍ଣ୍ଣୀ ଏକେ ଏକେ ବର୍ଣ୍ଣଦ ଏକ
କେ ଗୃହେଁ ସୂର୍ଯ୍ୟମୁଖୀ, କେ କୁରୁବକ,
କାହାର ଅବା ଲୋଡ଼ା କଦମ୍ବ-କଢ଼ି,
କରବୀ କାମିନୀ ବା କାହାର ସଖ ।
ମାଳାରେ ହେଲେ ଜଣକର ଆଦର,
କବଣ୍ଠ-ସାଜ ମାଗିଥାଏ ଅପର ।
କେ ମାଗେ ନୀପ ପୁଷ୍ପ ଦେବାକୁ କାନେ,
କୁସୁମଗୁଚ୍ଛେ କାର ଶରଧା ବଡ଼ ।
ତରୁଣୀ କେହ୍ନ ତାରେ ବରଚ୍ଛି ଅଳ
ଦେବାକୁ ଏ ଆଷାଢ଼େ କଦମ୍ବ କଳ
ନଡକ ନତ; ଯେଣୁ ଆସିବ ପ୍ରିୟ
ବରଷା ଯାପି ଯିବ ପ୍ରବାସେ ଚଳ ।
କଣୋଣୀ କେହ୍ନ ମାଗିଥିଲା କେତକୀ
ଗଲା ବସନ୍ତେ ଭଲେ ହଂସ-ଗଣ୍ଡକ
ଯୋଗାଇ ନ ପାରଲା, ବଢ଼ିଚ୍ଛି ମାନ
ମନା ହୋଇଚ୍ଛି ଯିବା ତାର କଣ୍ଡକ ?

କେ ବଧୂ ବୋଲେ "ଅୟି ମାଳୁଣୀ ସଖି,
କହିବ ଗୋଟେ କଥା ପାରିବ ରଖି ?
ପୂର୍ଣ୍ଣିମା ଦିନ ସେ ଗୋ, ଆସିବେ ଘରେ,
ବକୁଳ ମାଳ ଏକ ଗୁନ୍ଥି ଦେବ କି ?"
କାହାକୁ ନାହିଁ ବୋଲି କହଇ ନାହିଁ,
ହସି ଚତୁରୀ କହେ ଆଣିବା ପାଇଁ;
କାମିନୀ ମନ ସେ ତ ବୁଝିଛି ଭଲେ,
ଭୁଲାଇ ରଖିଥାଏ ଆଶା ଦେଖାଇ ।
ଯାଉ ଯାଉ ସେ ରାଜପଥେ ଚତୁରୀ
କିଶୋରୀଗଣ ହୋଇ ଅତି ଆତୁରୀ
ଡାକନ୍ତି ହାତ ଠାରି ଗବାକ୍ଷପନ୍ତୁ
'ମାଳୁଣି, ରାଣି, ଆଗ ଆସ ଏ ପୁରୀ ।'
କେ କହେ 'ବେଳ ଗଲା କବରୀ ସାଜି
ପାରିବ ନାହିଁ ତୋର କୁସୁମେ ଆଜି ।"
ଆଉ କେ ବୋଲେ 'ତୋର କେତେ ଲୋ ଆପୁ
ଏଷଣି ଖୋଜୁଥିଲା ପରାଗ-ରାଜି ।'
ସକଳ ରୂପସୀର ମନକୁ ଧରି
ମାଳୁଣୀ ଜିଣିଅଛି ସାରା ନଗରୀ,
ତରୁଣ-ତରୁଣୀଙ୍କି ରଖିଛି ହାତେ;
ତା ନାମେ ତାଙ୍କ ବୁକୁ ଉଠଇ ଥରି ।
ତଥାପି ପ୍ରିୟ ନାରୀ ସବୁରି ଘରେ,
ବିଶ୍ୱାସ ସବୁ କିଶୋରୀର ତା ପରେ,
ତା ବକ୍ଷେ କେତେ ବିଷଗୋପନ କଥା,
ତା ମୁଖୁ କେତେ କାନେ ପୀୟୁଷ ଝରେ ।

—୨—

କଟଶାଗ୍ର ମେଳେ ଶ୍ରେଷ୍ଠ ସାଧବବାଳା
ମାଲୁଣୀ ନନ୍ତ ତାରେ ଢଅଇ ମାଳା,
ଯତନ କରି ଜୁଡ଼ା ଢଅଇ ବାନ୍ଧି
ହେବାକୁ ଦେଖଣାଙ୍କ ହୃଦୟ-କାରୀ ।
ତା ପାଇଁ ବଗିଚ୍ଚରେ ଭିନ୍ନ ବ୍ରତତୀ
ପୃଥକ ପୁଣି ତାର ସଳିଳ ଘଟୀ,
ପୃଥକ ହୋଇ ଫୁଟେ ତା ପାଇଁ ଫୁଲ
ସରସ ସବୁଠାରୁ ତାର ମାଳତି ।
ଦିନେ ମାଲୁଣୀ ଭୁଜେ ଫଳର ହାର
ଅନନ୍ତ କରି ବାନ୍ଧିଦେଲା ବାଳାର,
ଘଡ଼ିକେ ଡାକ ଦେଲା କାଟିଲା ବୋଲି
ରକତ-ଦାଗ ବହୁ କଷ୍ଟେ ବାହାର ।
ତିକ୍ଷ୍ଣ କେଶେ ଫୁଲ ରହିବ ନାହିଁ ।
କବରୀ ଭାରୀ, ଦେଲେ ମାଳା ଗୁଡ଼ାଇ;
ଗଳାରେ ଦେଲେ, କାଢ଼ିଦିଏ ଘଡ଼ିକେ
କୋମଳ କାନ୍ଧ ଦୁଇ ଯାଏ ବଥାଇ ।
ଏଣୁ ମାଲୁଣୀ ବଡ଼ ବିଷାଦେ ପଡ଼େ
ସଜାଇବାକୁ ତାକୁ ନୂପୁର ଉପରେ,
କୁସୁମୁ କୋମଳ ଯା ଶରୀରଲତା
ପିନ୍ଧାଇବାକୁ ତାକୁ ତା କର ଥରେ ।
ସାଧବଝିଅ ପାଶେ ଚଳେ ମାଲୁଣୀ
ଅପେକ୍ଷା କରିଥିବ ବର-ତରୁଣୀ

କରରେ ଧରିଅଛି ଫୁଲ ଗୁଙ୍ଗୁଡ଼ା
ସେ ଫୁଲ ତଳେ କେତେ ହୃଦ-ମାଗୁଣି ।

—୩—

ଭେଟିଲା ଦୂରଦେଶୀ ସାଧବସୁତ
ଏକାକେ ତାକୁ । ତାର ଅଧର-ପୁଟ
ସହସା ଶୁଣାଇଲା, 'ଶୁଣ ତ ଟିକେ,
ଦେଖୁଛ ବେଶ ବାସୁଁ ବିଦେଶୀ ମୁଁ ତ ।'
କରୁ ଗୁଙ୍ଗୁଡ଼ି ଆଣି କଟିରେ ଥୋଇ
ମାଳୁଣୀ ଅନାଇଲା ଚକିତ ହୋଇ
ଦେଖିଲା ରୂପବନ୍ତ ତରୁଣ ଆଗେ,
ଲାଜେ ତା ଆଖି ଟିକେ ଯାଉଛି ନୋଇ ।
ସାଧବପୁଅ କହେ 'ମାଳୁଣୀ ତବ
ହସୁଛ, ଖାଲି ନେଇ ଫୁଲ ପସରା
ବୁଲ ନା ଆଉ କିଛି କର ଗୋ ନାରୀ,
ଗରଜ ଅଛି ମୋର କହ ତ ଭାରି !'
ତରୁଣୀ ମାଳୁଣୀ ସେ କହିଲା ହସି
"ଖାଲି କି ଫୁଲ ବିକେ ? ଲଗାଏ ରସି
ଏ ଫୁଲ ଦେଇ ଯୁବାଯୁବତୀ ହୃଦେ
କୁସୁମହାରେ କେତେ ହୃଦୟ କଷି ।
ମୋ ଲାଗି ଏ ନଗରେ କଣେଶ୍ୱରୀ ଦଳ
ଦେଖନ୍ତି ନରଜନେ ମୁଖ ପ୍ରିୟର,
ମୋ ଫୁଲ ହିଏ ଭାଷା ତରୁଣ-ପ୍ରେମେ,
ପ୍ରଥମେ ଉପହାର ତରୁଣୀଙ୍କର ।

କି କାମ ଅଛି" ବୋଲି କହିଲା ନାରୀ,
"ତୁହ୍ମିଁ ତ ଥିବେ ମୋତେ ସାଧବ-ବାଳୀ ।"
ଚମକି ଅନାଇଲା ବିଦେଶୀ ଯୁବା
ପଚାରେ 'ସାଧବରେ ତୁ ସେବାକାରୀ ?'
'କାହିଁକି ?' ପଚାରିଲା ମାଲୁଣୀ ପୁଣ;
ତରୁଣ କହେ 'ଦେଖାଇବି ମୋ
ମାଳା ମୁଁ ଗୁନ୍ଥିପାରେ ବିଚିତ୍ର କରି
କବରୀ ସାଜିପାରେ ଅତି ନିପୁଣ ।'
'ବିଦେଶୀ ମାଳାକାର ? ଆସ ଗୋ ତେବେ'
ବୋଇଲା ନାରୀ 'ନିଶ୍ଚେ ଗୁଣ ଚିହ୍ନିବେ,
ସାଧବକନ୍ୟା, ଆଉ ନ ଚିହ୍ନୁ କେହି
ଚିହ୍ନାଇଦେବି, ରହ ମୋ ଘରେ ଯେବେ ।
ଗୁନ୍ଥିବ ମାଳା କାଲି ଯତନ କରି
ସାଧବକନ୍ୟା ପାଶେ ନେବି ମୁଁ ଧରି,
ଆସ କୁଟୀରେ'—ଲେଉଟିଲା ଘରକୁ
ସାଧବପୁଅ ଚଳେ ଶିବ ସୁମରି ।



ମୁଦ୍ରାକର - ଶ୍ରୀ ନିତ୍ୟାନନ୍ଦ ଦାସ, ନିଉ ଷ୍ଟୋର୍ସ ପ୍ରେସ୍, ବ୍ରହ୍ମପୁର ୧୯୬୩